

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ - ୧୧ ସଂଖ୍ୟା-୧୮୬ ଭୁବନେଶ୍ୱର ଶନିବାର, ମାର୍ଚ୍ଚ ୨୨.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.186 Bhubaneswar, Saturday, March 22, 2025


## ବିଧାନସଭାରେ ବାଜିଲା ଘଣ୍ଟ-ପେଁକାଳୀ



ଭୁବନେଶ୍ୱର, ୨୧/୩: ଗୃହ ଆରମ୍ଭରୁ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ । ବିଧାନସଭାରେ ବାଜିଲା ଘଣ୍ଟ, ପେଁକାଳୀ । କଳା ପୋଷାକରେ ଗୃହ ଭିତରେ ଘଣ୍ଟ ବାଡ଼େଇଲେ କଂଗ୍ରେସ ସଦସ୍ୟ । ଫଳରେ ଆଜି ପୁଣି ଅଚଳ ହୋଇଛି ବିଧାନସଭା । ନାରୀ ସୁରକ୍ଷା ପ୍ରସଙ୍ଗରେ ଗୃହରେ ଘଣ୍ଟ ବାଡ଼େଇ ପ୍ରତିବାଦ କରିଛନ୍ତି କଂଗ୍ରେସ ବିଧାୟକ । କଳା ଡ୍ରେସ୍ ପିନ୍ଧି ବିଧାନସଭାକୁ ଆସିଲେ, ପ୍ରଶ୍ନକାଳ ଆରମ୍ଭରୁ ଘଣ୍ଟ ବାଡ଼େଇ ପ୍ରବଳ ହୋହଲ୍ଲା କଲେ । ଯାହାଫଳରେ ସାଢ଼େ ୧୧ ଯାଏଁ ଗୃହକୁ ମୁଲତବି ରଖିଲେ ବାଚସ୍ପତି ସୁରମା ପାଢ଼ୀ । କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଉପରେ ୭ ଦିନର ନିଲମ୍ବନ ଆଜି ଶେଷ ହୋଇଛି । ଆଜି ପୁଣିଥରେ ବିଧାନସଭାକୁ ଫେରିଥିଲେ ତାରା । ମୁଣ୍ଡିଆ ମାରି ଗୃହକୁ ପ୍ରବେଶ କରିଥିଲେ । ହେଲେ ଗୃହ ଆରମ୍ଭରୁ ଦେଖାଯାଇଥିଲା ପ୍ରବଳ ହୋହଲ୍ଲା ହଟ୍ଟଗୋଳ । ତାରା ବାହିନୀପତିଙ୍କ ସମେତ କଂଗ୍ରେସ ସଦସ୍ୟମାନେ ନାରୀ ସୁରକ୍ଷା ଏବଂ ନାବାଳିକା ଗର୍ଭବତୀ ହେବା ପ୍ରସଙ୍ଗରେ ଘଣ୍ଟ ବଜାଇ ପ୍ରତିବାଦ କରିଥିଲେ । ବାଚସ୍ପତି ଗୃହକୁ ମୁଲତବି ଘୋଷଣା କରିବା ପରେ କଂଗ୍ରେସ ବିଧାୟକମାନେ ବିଧାନସଭାରୁ ବାହାରି ପ୍ରତିବାଦ ଜାରି ରଖିଛନ୍ତି । କଂଗ୍ରେସ ସଦସ୍ୟ କଳା ପୋଷାକ ପିନ୍ଧି ବିଧାନସଭା ପରିସରରେ ପରିକ୍ରମା କରିଛନ୍ତି । ଘଣ୍ଟଘଣ୍ଟା, ଗିନି, ପେଁକାଳୀ, ତୂରୀ ବଜାଇ ପ୍ରତିବାଦ କରୁଥିବା ଦେଖାଯାଇଛି । ତେବେ ବିଧାନସଭାରେ ଜୋରଦାର୍ ପ୍ରତିବାଦ ଆଜି ଦେଖିବେ ବୋଲି ନିଲମ୍ବନ ହଟିବା ପରେ ବିଧାନସଭାକୁ ପ୍ରବେଶ କରିବା ସମୟରେ କହିଥିଲେ କଂଗ୍ରେସ ନେତା ତାରା ବାହିନୀପତି ।

## ଜଷ୍ଟିସ୍ ଟଣ୍ଡନ ହାଇକୋର୍ଟ ମୁଖ୍ୟ ବିଚାରପତି

କଟକ, ୨୧/୩: ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ହେଲେ ଜଷ୍ଟିସ୍ ହରିଶ ଟଣ୍ଡନ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ୍ ଟଣ୍ଡନଙ୍କୁ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେଇଛନ୍ତି । ଏନେଇ ଆଇନ୍ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବର୍ତ୍ତମାନ କଲିକତା ହାଇକୋର୍ଟର ବିଚାରପତି ଅଛନ୍ତି ଜଷ୍ଟିସ୍ ଟଣ୍ଡନ । କିଛି ଦିନ ପୂର୍ବରୁ ତାଙ୍କ ନାଁ ସୁପାରିଶ କରିଥିଲେ ସୁପ୍ରିମକୋର୍ଟ କଲେଜିୟମ୍ ।ଜଷ୍ଟିସ ଟଣ୍ଟନଙ୍କ ନିଯୁକ୍ତି ନେଇ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଟ୍ୱିଟ୍ କରିଛନ୍ତି । ଜାନୁଆରୀ ୧୯ ତାରିଖରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବରେ ଅବସର ନେଇଥିଲେ ଜଷ୍ଟିସ ଚକ୍ରଧାରୀ ଶରଣ ସିଂ । ତା' ପରଠୁ ହାଇକୋର୍ଟର ସ୍ଥାୟୀ ମୁଖ୍ୟ ବିଚାରପତି ପଦ ଖାଲି ରହିଥିଲା । ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବରେ କାର୍ଯ୍ୟ ତୁଲାଉଛନ୍ତି । ତେବେ ଆହ୍ଲାବାଦ ହାଇକୋର୍ଟକୁ ତାଙ୍କର ବଦଳି ପାଇଁ କଲେଜିୟମ୍ ସୁପାରିଶ କରିଛନ୍ତି । ଏନେଇ କେନ୍ଦ୍ର ସରକାରଙ୍କ ମଞ୍ଜୁରୀକୁ ଅପେକ୍ଷା ରହିଛି । ୨୦୧୦ ଏପ୍ରିଲ ୧୩ରୁ ଜଷ୍ଟିସ ହରିଶ ଟଣ୍ଡନ କଲିକତା ହାଇକୋର୍ଟ ବିଚାରପତି ଭାବେ କାର୍ଯ୍ୟରତ ଅଛନ୍ତି । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ତାଙ୍କର ନିଯୁକ୍ତି ପାଇଁ ମାର୍ଚ୍ଚ ୬ ତାରିଖରେ ସୁପ୍ରିମକୋର୍ଟ କଲେଜିୟମ ସୁପାରିଶ କରିଥିଲେ ।



# ରାଜ୍ୟ କ୍ୟାବିନେଟ୍‌ରେ ୧୦ ପ୍ରସ୍ତାବକୁ ମଞ୍ଜୁରୀ

ଭୁବନେଶ୍ୱର,୨୧/୩: ରାଜ୍ୟ କ୍ୟାବିନେଟରେ ୭ଟି ବିଭାଗ(ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇସ୍ପାତ ଓ ଖଣି, ପୂର୍ତ୍ତ, ସାଧାରଣ ପ୍ରଶାସନ, ଜଳ ସଂପଦ, ପଞ୍ଚାୟତିରାଜ ଓ ପାନୀୟଜଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା)ରେ ୧୦ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଜି ସନ୍ଧ୍ୟାରେ ଏନେଇ ଗୃହରେ ସୂଚନା ଦେଇଛନ୍ତି ।ଶ୍ରୀ ମାଝୀ କହିଛନ୍ତି, ରାଜ୍ୟ ସରକାର ଆୟୁଷ୍ମାନ ଭାରତ ଯୋଜନାକୁ କ୍ୟାବିନେଟ୍‌ରେ ମଞ୍ଜୁରୀ ଦେଇଛନ୍ତି । ଏହା ଦ୍ୱାରା ରାଜ୍ୟର ୩ କୋଟି ୪୬ ଲକ୍ଷ ଲୋକ ଉପକୃତ ହେବେ । ୭୦ ବର୍ଷ ବୟସରୁ ଅଧିକ ଲୋକଙ୍କ ଲାଗି 'ଆୟୁଷ୍ମାନ ବାୟୋ ବନ୍ଧନ'କୁ ମଞ୍ଜୁରୀ ମିଳିଛି । ସେହିପରି ପରିବାର ପିଛା ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କୁ ଅତିରିକ୍ତ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ମିଳିବ । ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ମିଳିତ ଭାବେ କାମ କରିବ । ଏହି ଯୋଜନା ଦ୍ୱାରା ହିତାଧିକାରୀମାନେ କ୍ୟାସ୍‌ଲେସ୍ ସୁବିଧା ପାଇପାରିବେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ସରକାର ରାଜ୍ୟ ସଡ଼କ ନୀତିକୁ କ୍ୟାବିନେଟରେ ଅନୁମୋଦନ ଦେଇଛନ୍ତି । ସେହିପରି ମୃତ ସରକାରୀ କର୍ମଚାରୀଙ୍କ ପରିବାରକୁ ଚାକିରି ନେଇ ନିୟମ ସଂଶୋଧିତ ହୋଇଛି । ରାଜ୍ୟରେ ଚଳିତ ବର୍ଷ ଅପ୍ରେଲ୍ ପହିଲାରୁ ଆୟୁଷ୍ମାନ ଭାରତ ଯୋଜନା ଲାଗୁହେବ । ପ୍ରଧାନମନ୍ତ୍ରୀ-ଗୋପବନ୍ଧୁ ଜନ ଆରୋଗ୍ୟ ସଂଯୁକ୍ତ ଯୋଜନାର ଶୁଭାରମ୍ଭ ହେବ । ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ୬୭ ଲକ୍ଷ ୮୦ ହଜାର ପରିବାର ହେବେ ଉପକୃତ । ସେହିପରି ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୩୫ ଲକ୍ଷ ୮୪ ହଜାରରୁ ଅଧିକ ପରିବାର ଉପକୃତ ହେବେ । ବ୍ୟକ୍ତିଗତ ଭାବେ ୩.୪୬ କୋଟିରୁ ଅଧିକ ଲୋକ ଲାଭ ପାଇବେ । ଦୁଇଟି ଯୋଜନା ଓଡ଼ିଶାରେ ସଂଯୁକ୍ତ ଭାବରେ କାର୍ଯ୍ୟକାରୀ କରାଯିବ । ଦୁଇଟି ଯୋଜନା ପାଇଁ ପ୍ରତ୍ୟେକ ହିତାଧିକାରୀଙ୍କୁ ଗୋଟିଏ କାର୍ଡ ଯୋଗାଇ ଦିଆଯିବ ।ମୃତ ସରକାରୀ କର୍ମଚାରୀଙ୍କ ପରିବାରକୁ ଚାକିରି ନେଇ ନିୟମ ସଂଶୋଧନ କରିଛନ୍ତି ରାଜ୍ୟ ସରକାର । ଗତକାଲି ଅନୁଷ୍ଠିତ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ୧୯୯୦-୨୦୨୦ ଭିତରେ କୌଣସି ସରକାରୀ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲେ ତାଙ୍କ ପରିବାର ସଦସ୍ୟଙ୍କୁ ବିପର୍ଯ୍ୟୟ ପ୍ରମାଣପତ୍ର ଆଧାରରେ ନିଯୁକ୍ତି ମିଳିବ ।ଜଣେ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ହେଲେ, ବିପନ୍ନ ପରିବାରକୁ ସାହାଯ୍ୟ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ସିଭିଲ ସର୍ଭିସ (ଥଇଥାନ ସହାୟତା) ନିୟମ, ୧୯୯୦ ଅନୁଯାୟୀ, ପରିବାରର ଜଣେ ସଦସ୍ୟଙ୍କୁ ସରକାର, ଏକ୍ସକ୍ଲୁଙ୍କକ୍ତ ଓ କିମ୍ବା ଏକ୍ସକ୍ଲୁଙ୍କକ୍ତ ଓ ରେ ନିଯୁକ୍ତି ଦେଉଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ବିପର୍ଯ୍ୟୟ ପ୍ରମାଣପତ୍ର ଆଧାରରେ ଏଭଳି ନିଯୁକ୍ତି ଦିଆଯାଉଥିଲା । ୨୦୨୦ ମସିହାରେ ସରକାର ନୂତନ ନିୟମାବଳୀ ପ୍ରଣୟନ କରିଥିଲେ ଏବଂ ବିପର୍ଯ୍ୟୟ ପ୍ରମାଣ ପତ୍ର ବଦଳରେ ମାର୍କିଂ ସିଷ୍ଟମ ଲଗାଇଥିଲେ । ଏଥି ନୂଆ ନିୟମାବଳୀରେ ଯେଉଁ ସରକାରୀ କର୍ମଚାରୀ ୧୯୯୦ ରୁ ୨୦୨୦ ମସିହା ଭିତରେ ମୃତ୍ୟୁ ବରଣ କରିଥିଲେ ସେମାନଙ୍କ ପରିବାର ବର୍ଗଙ୍କୁ ମଧ୍ୟ ନୂଆ ପରିସରଭୁକ୍ତ କରାଯାଇଥିଲା । ଯାହାକୁ ସଂଶୋଧନ କରାଯାଇଛି ।ଗତକାଲି କ୍ୟାବିନେଟ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ଓଡ଼ିଶା ବେସାମରିକ ସେବା (ଥଇଥାନ ସହାୟତା) ନିୟମ, ୨୦୨୦ ଆରମ୍ଭ ହେବା ତାରିଖ ପୂର୍ବରୁ, ଥଇଥାନ ସହାୟତା ସମ୍ବନ୍ଧିତ ସମସ୍ତ ବିଚାରାଧୀନ ଆବେଦନ ୧୯୯୦ରେ ପ୍ରଚଳିତ ନିୟମ ଅନୁଯାୟୀ ବିଚାର କରାଯିବ । ଏହା ଦ୍ୱାରା ୨୦୨୦ ମସିହାର ନିୟମ ଲାଗୁହେବା ପୂର୍ବରୁ ଯେଉଁ କର୍ମଚାରୀଙ୍କ ମୃତ୍ୟୁ ଘଟିଛି, ସେମାନଙ୍କ ପରିବାର ପାଇଁ ୧୯୯୦ ନିୟମ ଲାଗୁହେବ ଏବଂ ଥଇଥାନ ସହାୟତା ଯୋଜନାରେ ୧୯୯୦ ନିୟମ ଅନୁଯାୟୀ ନିଯୁକ୍ତି ପ୍ରଦାନ କରାଯିବ । ଏହା ଦ୍ୱାରା ଅନେକ ପରିବାର ଆଶ୍ୱସ୍ତି ପାଇବେ ଏବଂ ହାଇକୋର୍ଟ ଓ ସୁପ୍ରିମ୍ କୋର୍ଟରେ ବିଚାରାଧୀନ ଥିବା ଅନେକ ମାମଲା ହ୍ରାସ ପାଇବ ।



## ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ପରଲୋକ



ଭୁବନେଶ୍ୱର,୨୧/୩: କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି । ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିବା ଜଣାଯାଇଛି । ସ୍ୱର୍ଗତଃ ଦେବେନ୍ଦ୍ର ଶର୍ମା ତୃଣମୂଳ ସ୍ତରରେ ଜଣେ ଭଲ ସଂଗଠକ ଥିଲେ । ସେ କଂଗ୍ରେସ ଟିକେଟ୍‌ରେ ପଞ୍ଚଦଶ ବିଧାନସଭା(୨୦୧୪-୧୯)କୁ ନିର୍ବାଚିତ ହୋଇଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୬୬ ବର୍ଷ ହୋଇଥିଲା । ୨୦୧୪ରେ କଂଗ୍ରେସରୁ ନିର୍ବାଚିତ ହୋଇଥିଲେ ଦେବେନ୍ଦ୍ର ଶର୍ମା । ତାଙ୍କ ବିୟୋଗରେ ପିସିସି ସଭାପତି ଭକ୍ତ ଚରଣ ଦାସ ଗଭୀର ଶୋକ ପ୍ରକାଶ କରିଛନ୍ତି । ଆଳିର ପୂର୍ବତନ ବିଧାୟକ ଡ. ଦିବାକର ଶର୍ମାଙ୍କ ପୁଅ ତଥା କବିରାଜ ଜଗନ୍ନାଥ ଶର୍ମାଙ୍କ ନାତି ହେଉଛନ୍ତି ଦେବେନ୍ଦ୍ର । ସେ ୧୯୫୯ ମସିହା ମାର୍ଚ୍ଚ ୧୮ ତାରିଖରେ କଟକରେ ଜନ୍ମଗ୍ରହଣ କରିଥିଲେ । ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟରୁ ସେ ଆଇନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ଏହା ସହିତ ସେ ବିଜ୍ଞାନରେ ମଧ୍ୟ ସ୍ନାତକ ଡିଗ୍ରୀ ହାସଲ କରିଥିଲେ ।

## ୯ଟି ବିଶ୍ୱବିଦ୍ୟାଳୟରେ ନାହାନ୍ତି ସ୍ଥାୟୀ କୁଳପତି

ଭୁବନେଶ୍ୱର,୨୧/୩: ରାଜ୍ୟରେ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରୁ ୮ଟି ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି କାର୍ଯ୍ୟରତ ଅଛନ୍ତି । ଅବଶିଷ୍ଟ ୯ଟି ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନାହାନ୍ତି । ବିଧାନସଭାରେ ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ରଙ୍କ ପ୍ରଶ୍ନରେ ଏହି ତଥ୍ୟ ରଖିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ । ଓଡ଼ିଶାରେ କେତୋଟି ବିଶ୍ୱିଦ୍ୟାଳୟରେ କୁଳପତି ପଦବୀ ଖାଲି ରହିଛି ? କେଉଁ ବିଶ୍ୱବିଦ୍ୟାଳୟରେ କୁଳପତିମାନେ ନିର୍ଦ୍ଧାରିତ ସମୟଠାରୁ ଅଧିକ ଦିନ ରହିଛନ୍ତି । ତାହାର କାରଣ କ'ଣ ? ଖାଲିଥିବା କୁଳପତି ପଦବୀ ଗୁଡ଼ିକ ପାଇଁ ଶୀଘ୍ର ପଦକ୍ଷେପ ଗ୍ରହଣ କରିବେ କି ? ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ବିଧାନସଭାରେ ଏହି ପ୍ରଶ୍ନ ପଚାରିଥିଲେ ଉପାସନା । ଏହାର ଉତ୍ତରରେ ମନ୍ତ୍ରୀ ଶ୍ରୀ ସୂରଜ ଏହାର ସମସ୍ତ ତଥ୍ୟ ପ୍ରଦାନ କରିଥିଲେ । ରାଜ୍ୟରେ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ଅଛି । ୮ଟି ବିଶ୍ୱବିଦ୍ୟାଳୟ ଯଥା ଓଡ଼ିଆ ବିଶ୍ୱବିଦ୍ୟାଳୟ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଓ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ କୁଳପତିମାନେ ନିୟମିତ ଭାବେ ନିଯୁକ୍ତି ପାଇ କାର୍ଯ୍ୟାରତ ଅଛନ୍ତି । ଦୁଇଟି ବିଶ୍ୱବିଦ୍ୟାଳୟ ଯଥା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ଏବଂ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଅତିରିକ୍ତ ଭାବେ ଦାୟିତ୍ୱରେ ଅଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକୁ ୬ ମାସ ପର୍ଯ୍ୟନ୍ତ ବା ନୂତନ କୁଳପତିଙ୍କ ନିଯୁକ୍ତି ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଛି । ସେହିପରି ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଅତିରିକ୍ତ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକାଳକୁ ଏକ ବର୍ଷ ପର୍ଯ୍ୟନ୍ତ ବା ନୂତନ କୁଳପତିଙ୍କ ନିଯୁକ୍ତି ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଛି । ଗଙ୍ଗାଧର ବିଶ୍ୱବିଦ୍ୟାଳୟ ଏବଂ ରମାଦେବୀ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ କାର୍ଯ୍ୟ ୨୭.୧୧.୨୦୨୪ରେ ଶେଷ ହେଉଥିବା ଦେଖି କାର୍ଯ୍ୟକାଳ ଆଉ ୬ ମାସକୁ ବୃଦ୍ଧି କରାଯାଇଥିଲା । ମାତ୍ର ଉଭୟ ସେମାନଙ୍କର ପଦବୀ ପରିତ୍ୟାଗ କରିଥିବାରୁ ବିଶ୍ୱବିଦ୍ୟାଳୟର ବରିଷ୍ଠତମ ପ୍ରାଧ୍ୟାପକଙ୍କୁ କୁଳପତି ଭାବେ ଭାରପ୍ରାପ୍ତ ଦାୟିତ୍ୱ ଦିଆଯାଇଛି । ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କର କାର୍ଯ୍ୟକାଳ ସମାପ୍ତ ହେବା ପୂର୍ବରୁ ତାଙ୍କର ଦେହାନ୍ତ ହେବାରୁ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱରେ ଅଛନ୍ତି । ନୂତନ ବିଶ୍ୱବିଦ୍ୟାଳୟ ଭାବେ ଅପଗ୍ରେଡ୍ ପାଇଥିବା ଧରଣୀଧର ବିଶ୍ୱବିଦ୍ୟାଳୟ ଓ ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଓଏସଡି କାର୍ଯ୍ୟରତ ଅଛନ୍ତି । ବିଧାନସଭାରେ ଉପସ୍ଥାପିତ ହୋଇଥିବା ଓଡ଼ିଶା ବିଶ୍ୱବିଦ୍ୟାଳୟ ବିଧେୟକ, ୨୦୨୪ ଆଇନରେ ପରିଣତ ହେଲେ ବିଶ୍ୱବିଦ୍ୟାଳୟମାନଙ୍କରେ ନିୟମିତ ଭାବେ କୁଳପତି ପଦବୀ ପୂରଣ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ଶିକ୍ଷାମନ୍ତ୍ରୀ କହିଛନ୍ତି ।

## ରାଜ୍ୟରେ ମିଶ୍ରଣ ହୋଇଛି ୫୬୧୯ଟି ବିଦ୍ୟାଳୟ

ଭୁବନେଶ୍ୱର,୨୧/୩: ଛାତ୍ରଛାତ୍ରୀଙ୍କ ଉପସ୍ଥାନ ହ୍ରାସ ଯୋଗୁଁ ରାଜ୍ୟରେ ୪୬୧୯ଟି ବିଦ୍ୟାଳୟର ମିଶ୍ରଣ କରାଯାଇଛି । ସବୁଠାରୁ ଅଧିକ ୩୦୮ଟି ବିଦ୍ୟାଳୟର ମିଶ୍ରଣ ହୋଇଛି ମୟୁରଭଞ୍ଜ ଜିଲ୍ଲାରେ । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ଛାତ୍ରଛାତ୍ରୀଙ୍କ ଉପସ୍ଥାପନ ହ୍ରାସ ଯୋଗୁଁ ମୋଟ୍ ୪୬୧୯ଟି ବିଦ୍ୟାଳୟର ମିଶ୍ରଣ ହୋଇଥିବାବେଳେ ଏହି ତାଲିକାରେ ପୁରୀ ଜିଲ୍ଲାର ଗୋଟିଏ ହେଲେ ବିଦ୍ୟାଳୟ ନାହିଁ ।ସବୁଠାରୁ କମ୍ ୪୩ଟି ବିଦ୍ୟାଳୟ ମାଲକାନଗିରି ଜିଲ୍ଲାରେ ଥିବାବେଳେ କେନ୍ଦୁଝରରେ ୫୩ଟି, ସୋନପୁରରେ ୬୧ଟି, ଝାରସୁଗୁଡାରେ ୬୫ ଓ ଦେବଗଡରେ ୬୮ଟି ବିଦ୍ୟାଳୟ ରହିଛି । ତେବେ ବର୍ତ୍ତମାନ ସୁଦ୍ଧା ବନ୍ଦ ହୋଇଥିବା ବିଦ୍ୟାଳୟ ମଧ୍ୟରୁ ଢେଙ୍କାନାଳରେ ୨୨ଟି, ଦେବଗଡରେ ୧୦ଟି, ବରଗଡରେ ୭, ଯାଜପୁରରେ ୩ ଓ ଖୋର୍ଦ୍ଧା ଜିଲ୍ଲାରେ ୨ଟି ବିଦ୍ୟାଳୟ ଖୋଲିଛି । ମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ବନ୍ଦ ହୋଇଥିବା ବିଦ୍ୟାଳୟକୁ ପୁନଃ ଖୋଲାଯିବାପାଇଁ ରାଜ୍ୟସ୍ତରୀୟ କମିଟିରେ କୌଣସି ପ୍ରସ୍ତାବ ବିଚାରାଧିନ ନାହିଁ । କୌଣସି ପ୍ରସ୍ତାବ ହସ୍ତଗତ ହେଲେ ପ୍ରଥମେ ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ଯାଞ୍ଚ କରାଯାଇଥାଏ ଓ ତା' ପରେ ରାଜ୍ୟସ୍ତରୀୟ କମିଟିର ବିବେଚନାପାଇଁ ପଠାଯାଇଥାଏ । ରାଜ୍ୟସ୍ତରୀୟ କମିଟିର ସୁପାରିଶ୍ କ୍ରମେ ବନ୍ଦ ହୋଇଥିବା ବିଦ୍ୟାୟକୁ ପୁନଃ ଖୋଲିବାପାଇଁ ନୀତିଗତ ନିଷ୍ପତ୍ତିନେବାର ବ୍ୟବସ୍ଥା ରହିଛି ।

## ସାଙ୍ଗ ସାଜିଲା ସଇତାନ

### ସାଙ୍ଗକୁ ଠେଙ୍ଗାରେ ପିଟି ପିଟି ମାରିଦେଲା

ବଲାଙ୍ଗିର, ୨୧/୩: ବନ୍ଧୁତାରେ ଲାଗିଲା ରକ୍ତର ଛିଟା । ସାଙ୍ଗକୁ ଠେଙ୍ଗାରେ ପିଟି ପିଟି ହତ୍ୟାକଲା ସାଙ୍ଗ । ସାମାନ୍ୟ ଟଙ୍କା ନେଣଦେଣକୁ ନେଇ ବଚସା ପରେ ସାଙ୍ଗକୁ ହତ୍ୟା । ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ପୁଟୁଳାମହୁଲ ଗାଁରେ ଗତକାଲି ଏହି ଅଭାବନୀୟ ଘଟଣା ଘଟିଛି । ସାମାନ୍ୟ ବଚସାରୁ ଜଣେ ସାଙ୍ଗ ନିଜ ସାଙ୍ଗର ଜୀବନ ନେଇଯାଇଛି । ମୃତକ ହେଲେ ବନ୍ଦେଇପଦର ଗାଁର ସୁଶୀଲ ସାହୁ । ଏହି ହତ୍ୟାକାଣ୍ଡ ଭିଆଇ ଅଭିଯୁକ୍ତ ଫେରାର୍ ହୋଇଯାଇଛି । ସୁଶୀଲ ସାହୁ ଗତକାଲି ପୁଟୁଳାମହୁଲ ଗାଁକୁ ଯାଇଥିଲେ । ସେହି ଗାଁର ପିଣ୍ଟୁ ସାହୁଙ୍କ ସହ ବସି ମଦପାନ କରିଥିଲେ । ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଏହାପରେ ପିଣ୍ଟୁ ଏକ ଠେଙ୍ଗାରେ ସୁଶୀଲଙ୍କୁ ପିଟି ପିଟି ହତ୍ୟା କରିଥିଲା । ଏହି ଘଟଣାରେ ଆଉ ଜଣେ ଯୁବକଙ୍କ ଆଖିରେ ମଧ୍ୟ ଆଘାତ ଲାଗିଥିବା ଜଣାପଡିଛି । ଯାହା ସୂଚନା ମିଳିଛି, ପିଣ୍ଟୁ ଓ ସୁଶୀଲ ଭଲ ସାଙ୍ଗ ଥିଲେ । କେଉଁ କାରଣ ପାଇଁ ଏମିତି ଘଟଣା ଘଟିଲା ତାହା ସ୍ପଷ୍ଟ ହୋଇନି । ତଥାପି ଟଙ୍କା ନେଣଦେଣକୁ ନେଇ ବଚସାକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି । ଏବେ ଅଭିଯୁକ୍ତ ପିଣ୍ଟୁ ଫେରାର ଥିବାବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ଅଭିଯୁକ୍ତକୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢାଉ କରୁଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି ।

# ଭକ୍ତଙ୍କ ଚକାଭଉଁରୀରେ ଘୂରୁଛି ବିଜେଡି

ଭୁବନେଶ୍ୱର, ୨୧/୩: ଚଳିତ ବିଧାନସଭାର ବଜେଟ୍ ଅଧିବେଶନ ପ୍ରାୟତଃ ଠିକ୍ ଭାବରେ ଚାଲିପାରୁନାହିଁ । ବିରୋଧୀ ବିଜୁ ଜନତା ଦଳ ଓ କଂଗ୍ରେସ ଏହି ଅଧିବେଶନର ପୂର୍ବ ଦୁଇ ଅଧିବେଶନ ଅପେକ୍ଷା ଅଧିକ ଆକ୍ରମଣାତ୍ମକ ଆଭିମୁଖ୍ୟ ଆପଣାଉଥିବା ଦେଖାଯାଉଛି । ପୂର୍ବ ଦୁଇ ଅଧିବେଶନରେ ଦୁଇ ଦଳ ବିରୋଧୀ ଦଳଙ୍କ ଭିତରେ ଯେଉଁଭଳି ଭାବରେ ଅପୂର୍ବ ସମନ୍ୱୟର ଏକ ଭାବ ଥିଲା, ତାହା ଏଥର ଦେଖିବାକୁ ମିଳୁ ନାହିଁ । ପୂର୍ବ ଅଧିବେଶନଗୁଡିକରେ ଯଦି ଏହି ଦୁଇ ଦଳ ମଧ୍ୟରୁ କେହି ଜଣେ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉଠାଉଥିଲା, ତେବେ ଅନ୍ୟ ଦଳଟି ତାକୁ ଅବିଳମ୍ବେ ଅକୁଣ୍ଠ ଭାବରେ ସମର୍ଥନ ଦେଉଥିଲା । ହେଲେ ଏଥରକ ବିଜେଡିର ମୁହଁ ଗୋଟିଏ ଆଡକୁ ଏବଂ କଂଗ୍ରେସର ମୁହଁ ଆଉ ଗୋଟିଏ ଆଡକୁ ଦେଖାଯାଉଛି । ବିଜେଡି ଓଡ଼ିଆ ଅସ୍ମିତା, କୃଷି ଓ କୃଷକ ଉପରେ ସରକାରଙ୍କୁ ଘେରି ବିଧାନସଭା ଅଧିବେଶନରେ ହଟ୍ଟଗୋଳ କରୁଥିବା ବେଳେ କଂଗ୍ରେସ ନାରୀ ସୁରକ୍ଷା ଓ ବାଳିକା ହଷ୍ଟେଲରେ ଛାତ୍ରୀମାନେ ଗର୍ଭବତୀ ତଥା ମାଆ ହେବା ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ଯାଇ ବାରମ୍ବାର ଗୃହ ମୁଲତବି କରିବା ପରିସ୍ଥିତି ସୃଷ୍ଟି କରୁଛି । ଯାହା ଜଣାପଡୁଛି, ଏଥର ବିଧାନସଭା ଅଧିବେଶନ ସେମିତି ଭଲ ଭାବରେ ବା ସୁରୁଖୁରୁରେ ଚାଲିପାରିବ ନାହିଁ । କଂଗ୍ରେସ ଘୋଷଣା କରିଛି ଯେ, ବଢୁଥିବା ନାରୀ ନିର୍ଯାତନାର କାରଣ ଖୋଜିବା ପାଇଁ ଯେ ପର୍ଯ୍ୟନ୍ତ ବିଧାନସଭାର ଏକ ଗୃହ କମିଟି ବା ହାଉସ୍ କମିଟି ଗଠନ କରାନଯାଇଛି, ସେ ପର୍ଯ୍ୟନ୍ତ ଏହା ଆନ୍ଦୋଳନାତ୍ମକ ପନ୍ଥା ପରିହାର କରିବ ନାହିଁ । ବିରୋଧୀମାନଙ୍କ ରଣନୀତିକୁ ଏ ପର୍ଯ୍ୟନ୍ତ ଶାସକ ଭାରତୀୟ ଜନତା ପାର୍ଟି ଭେଦ କରିବାରେ ସେତେଟା ସଫଳ ହୋଇପାରିନାହିଁ । ସରକାରୀ ଦଳ ବିରୋଧୀମାନଙ୍କର ଚକ୍ରବ୍ୟୁହ ଭେଦି ନପାରିବାର କାରଣ ନେଇ ସମୀକ୍ଷକମାନେ ଭିନ୍ନଭିନ୍ନ ମତ ପୋଷଣ କରନ୍ତି । କିଛି ସମୀକ୍ଷକ କହୁଛନ୍ତି ଯେ, ସରକାର ଓ ଦଳ ମଧ୍ୟରେ ଯେଉଁ ସମନ୍ୱୟ ରହିବା କଥା, ସେଥିରେ ଟିକିଏ କେଉଁଠି କମି ରହିଯାଉଛି । ଆଉ ଏହି କମି ରହିବାର କାରଣ ହେଲା ଏ ପର୍ଯ୍ୟନ୍ତ ଦଳର ରାଜ୍ୟ ସଭାପତି ନିର୍ବାଚନ ନେଇ ସ୍ପଷ୍ଟତା ନଆସିବା । ଯଦିଓ ବର୍ତ୍ତମାନର ସଭାପତି ମନମୋହନ ସାମଲ ଜଣେ ଧୂରୀଣ ରାଜନୈତିକ ବ୍ୟକ୍ତିତ୍ୱ ଏବଂ ସରକାର ଓ ଦଳ ମଧ୍ୟରେ କିପରି ସମନ୍ୱୟ ରକ୍ଷା କରିହେବ, ସେ ନେଇ ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି, ତାଙ୍କର ଭବିଷ୍ୟତ ନେଇ ସେ ନିଶ୍ଚିତ ନଥିବାରୁ ତାଙ୍କର ସକ୍ରିୟତା ସେତେଟା ପରିଲକ୍ଷିତ ହେଉନାହିଁ । ତାଙ୍କର ସକ୍ରିୟତା ନଦେଖାଯିବା କିଛି ଅସ୍ୱାଭାବିକ ମଧ୍ୟ ନୁହେଁ । କାରଣ ଯଦି ସେ ବର୍ତ୍ତମାନ ଯେଉଁ ଦୃଷ୍ଟିଭଙ୍ଗୀରେ ବା ମାର୍ଗରେ ସରକାର ଚଳାଇବାକୁ ଚାହିଁବେ,



ତାହା ଅନ୍ୟ କେହି ସଭାପତି ହେଲେ ଆପଣାଇ ନପାରନ୍ତି । ଅନେକ ବର୍ତ୍ତମାନ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି ଯେ, ବିରୋଧୀ ଦଳମାନଙ୍କ ମଧ୍ୟରେ ପୂର୍ବ ସମନ୍ୱୟ ଆଉ କାହିଁକି ଦେଖାଯାଉନାହିଁ ? କ'ଣ ପାଇଁ ସେମାନେ ଆଉ ନିର୍ଦ୍ଦିଷ୍ଟ ଗୋଟିଏ ପ୍ରସଙ୍ଗରେ ଏକାଠି ହେଉନାହାଁନ୍ତି ଏବଂ ଭିନ୍ନଭିନ୍ନ ବାଟ ଆପଣାଉଛନ୍ତି ? କାହିଁକି ଆଉ କଂଗ୍ରେସ ବିଜେଡି ସହିତ ସମାନ ସ୍ୱରରେ ସ୍ୱର ମିଶାଉ ନାହିଁ ? ଏହାର ଉତ୍ତର ସେମିତି କିଛି କଷ୍ଟସାଧ ନୁହେଁ । ପ୍ରଦେଶ କଂଗ୍ରେସ କମିଟିର ବର୍ତ୍ତମାନର ନୂଆ ମୁଖିଆ ଭାବେ ଦାୟିତ୍ୱ ନେଇଛନ୍ତି ଭକ୍ତ ଚରଣ ଦାସ । ବେଶ୍ ଲଢୁଆ ନେତା । ରାଜନୈତିକ ପଟୁତା ତାଙ୍କର ଢେର ରହିଛି । ସେ ଜଣେ ବାଗ୍ମୀ, କୁଶଳୀ ବିନ୍ଧାଣୀ ଓ ତୃଣମୂଳସ୍ତରର ପରିଶ୍ରମୀ ନେତା । ଭକ୍ତ ଭଲ ଭାବରେ ଜାଣିଛନ୍ତି ଯେ, ଓଡ଼ିଶାରେ ବିଜୁ ଜନତା ଦଳ କଂଗ୍ରେସକୁ ବିରୋଧ କରି ହିଁ ସୃ ?ଷ୍ଟି ହୋଇଛି । ଯେତେସବୁ ନେତା ବିଜେଡିରେ ଏବେ ଅଛନ୍ତି, ଅଧିକାଂଶ ସେମାନେ ବା ତାଙ୍କ ବଂଶର ପୂର୍ବଜମାନେ କଂଗ୍ରେସ ଛାଡି ବିଜୁ ଜନତା ଦଳରେ ଯୋଗଦେଇଛନ୍ତି । ଭୋଟରମାନଙ୍କ କଥା ବି ଠିକ୍ ସେୟା । ଯଦି କଂଗ୍ରେସକୁ ତା'ର ହୃତ ଗୌରବ ଫେରାଇ ଆଣିବାକୁ ହେବେ, ତେବେ ପ୍ରଥମେ ବିଜେଡି ଠାରୁ ନିଜକୁ ଭିନ୍ନ ଭାବରେ ଜନସାଧାରଣଙ୍କ ନିକଟରେ ଉପସ୍ଥାପିତ କରିବାକୁ ହେବ । ଭକ୍ତ ଭଲ ଭାବରେ ଜାଣିଛନ୍ତି ଯେ, ବିଜେପିର ଭୋଟ୍ ହାର ପ୍ରାୟତଃ ଗତ ଦୁଇ ଦଶନ୍ଧିରେ ପାଖାପାଖି ୩୦ ପ୍ରତିଶତ ବା ତା' ଉପରେ ରହିଛି । କିନ୍ତୁ ବିଜେଡିର ଭୋଟ୍ ହାର ନିରନ୍ତର ଭାବରେ ଯେଉଁଭଳି ଭାବେ ବଢ଼ିଛି, ତାହାର ମୁଖ୍ୟ କାରଣ ଥିଲା କଂଗ୍ରେସର ଧାରାବାହିକ ଭାବେ ନିମ୍ନଗାମୀ ପ୍ରଦର୍ଶନ । ଅତଏବ ବିଧାନସଭା ଭିତରେ ବା ବାହାରେ ବିଜେଡି ସହିତ ସ୍ୱର ମିଳାଇ ହୋହଲ୍ଲା କରିବା ଓଧ ସହିତ ବଣଭୁଆଁ ବାୟା ହେବା ଭଳି ହେବ । ଭକ୍ତ ଭଲ ଭାବରେ ଜାଣିଛନ୍ତି ଯେ, କଂଗ୍ରେସକୁ ଉପରକୁ ନେବାକୁ ହେଲେ ବିଜେଡିର ଶକ୍ତି କ୍ଷୟ କରିବାକୁ ହେବ । କୌଣସି ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ କିଛି ଦିନ ପର୍ଯ୍ୟନ୍ତ ଉଜାଗର ରଖି ସେଥିରୁ କିଛି ରାଜନୈତିକ ପୁଞ୍ଜି ଆହରଣ କରିହେବ । ହେଲେ ସେହି ପ୍ରସଙ୍ଗକୁ ଅତ୍ୟଧିକ ମାତ୍ରାରେ ଖେଳାଇଲେ ତାହା ବୁମେରାଂ ହେବାର ସମ୍ଭାବନା ଥାଏ ବୋଲି କିଛି ସମୀକ୍ଷକ ମତ ଦିଅନ୍ତି । ଅତଏବ କଂଗ୍ରେସର ଗୃହ କମିଟି ଦାବି ଉପରେ ଅଧିକ ସମୟ ଅଡି ବସିବା ଦଳକୁ କେତେ ଲାଭ ଦେବ ସେ ନେଇ ତର୍ଜମା କରିବାର ଆବଶ୍ୟକତା ଅଛି । ନହେଲେ ଅତି ଲେମ୍ବୁ ଚିପୁଡିଲେ ପିତା ହେବା ଭଳି କଥା ହେବ ବୋଲି ସମୀକ୍ଷକମାନେ ମତ ଦିଅନ୍ତି । ଜାଣିବା ଶୁଣିବା ମହଲରେ ଆଲୋଚନା ହେଉଛି ଯେ, ବିଚକ୍ଷଣ ଭକ୍ତ ଏକ ନଈବଢିରେ ଯେଉଁଭଳି ଭୟଙ୍କର ଭଉଁରୀ ସୃଷ୍ଟି ହୋଇଥାଏ, ଠିକ୍ ସେହି ଭଳି ଏକ ରାଜନୈତିକ ଭଉଁରୀ ସୃଷ୍ଟି କରିଛନ୍ତି । ଏବେ ଦେଖିବାର କଥା ଭକ୍ତଙ୍କ ରାଜନୀତିର ଭଁଉରୀରେ କିଏ ଆଗ ପଡୁଛି - ବିଜେଡି ନା ବିଜେପି ? ଭକ୍ତ ଦାସ ପିସିସି ସଭାପତି ହେବା ପରେ ବିଧାନସଭାରେ କଂଗ୍ରେସ ବିଧାୟକମାନେ ଅଧିକ ସକ୍ରିୟ ହୋଇପଡିଥିବା ଲକ୍ଷ୍ୟ କରାଯାଉଛି ।

# ମାର୍ଚ୍ଚ ୧୯ରୁ ୨୫ ଅନୁଷ୍ଠିତ ହେବ ଜଗନ୍ନାଥ ମହୋତ୍ସବ: ଯୋଗଦେବେ ସାଧ୍ୱୀ ମାତା ଚଞ୍ଚଳ ନାଥ



ସୋନପୁର, : ମାର୍ଚ୍ଚ ୧୯ରୁ ୨୫ ପର୍ଯ୍ୟନ୍ତ ୭ ଦିନ ଧରି ପ୍ରଭୁଙ୍କ ଭଜନ କୀର୍ତ୍ତନରେ ଲୀଳାକ୍ଷେତ୍ର ସୁବର୍ଣ୍ଣପୁର କମ୍ପି ଉଠିବ । ସୋନପୁର ତ୍ରିବେଣୀ ସଙ୍ଗମ ରାମେଶ୍ୱର ଷ୍ଟାଡିୟମରେ ଶ୍ରୀ ଜଗନ୍ନାଥ ମହୋତ୍ସବ ଅନୁଷ୍ଠିତ ହେବ । ତେବେ ଉତ୍ସବରେ ବିଶେଷ ଆକର୍ଷଣ ସାଜିବେ ବିଶିଷ୍ଟ ସାଧିକା ସାଧ୍ୱୀ ଚଞ୍ଚଳନାଥ । ଉତ୍ସବରେ ଶ୍ରଦ୍ଧାଳୁ ମାନଙ୍କୁ ସାଧୁସେବା କରିବାର ସୁଯୋଗ ମିଳିବ ବୋଲି କମିଟି ତରଫରୁ କୁହାଯାଇଛି । ଉତ୍ସବର ସମସ୍ତ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେବା ପାଇଁ ହୋଟେଲ ମୁନରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ଉତ୍ସବର ସଭାପତି ଗଦାଧର ବାରିକ, ସଂପାଦକ ଶ୍ୟାମାଓଁ ପ୍ରସାଦ ମିଶ୍ର, ବୈକୁଣ୍ଠ ଶତପଥୀ, ଶ୍ରୀବତ୍ସ ମଲ୍ଲିକ, ଶ୍ରଦ୍ଧାଞ୍ଜଳି ମିଶ୍ର, ଆରତି ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ । ସାତ ଦିନ ବ୍ୟାପୀ ପଞ୍ଚ କୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞ, ନାମ, ପ୍ରବଚନ, ଭଜନ କାର୍ଯ୍ୟକ୍ରମ, ଜଗନ୍ନାଥଙ୍କ ୩୨ଟି ବେଶ, ସାଧୁସେବା ଏବଂ ତ୍ରିବେଣୀ ସଙ୍ଗମରେ ସାହିସ୍ନାନ ଆଦି ଅନୁଷ୍ଠିତ ହେବ। ପୁରୀର ପାରମ୍ପରିକ ସେବାୟତ ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ପ୍ରସାଦ ଏଠାରେ ଉପଲବ୍ଧ ହେବ । ତେବେ ଜନସାଧାରଣ ମୀନାବଜାର ଏବଂ ରବୋଟିକ ସୋ'ର ମଧ୍ୟ ମଜା ନେଇ ପାରିବେ ବୋଲି କମିଟି ପକ୍ଷରୁ କୁହାଯାଇଛି ।

# ନାବାଳିକାକୁ ବଳାତ୍କାର ଅଭିଯୋଗରେ ଦୁଇ ନାବାଳକ ଗିରଫ !

ଉମରକୋଟ, : ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ରେ ପୋଲିସ ଦୁଇ ନାବାଳକ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ଦୁଇ ନାବାଳକ ହେଲେ ଉମରକୋଟ ଅଞ୍ଚଳର। ନାବାଳିକା ଜଣକ ହେଲେ ଉମରକୋଟ ଅଞ୍ଚଳର।ମିଳିଥିବା ସୂଚନା ଅନୁସାରେ ଅନାମିକା (ଛଦ୍ମନାମ(୧୧)) ଚଳିତ ମାସ ୧୫ ତାରିଖ ଅପରାହ୍ନ ୨ ଘଣ୍ଟା ସମୟରେ ଘର ନିକଟରେ ଖେଳୁଥିଲା। ଏହି ସମୟରେ ଦୁଇ ନାବାଳକ ଅନାମିକା କୁ ନିକଟରେ ଥିବା ଏକ ପଡ଼ିଆରେ ଡାକି ନେଇଥିଲେ।ଏହା ପରେ ଅନାମିକା ଙ୍କ ଇଚ୍ଛା ବିରୁଦ୍ଧରେ ମଦ ପିଆଇ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ଘଟଣା ଘଟିବା ପରଦିନ ଅର୍ଥାତ ୧୬ ତାରିଖ ଦିନ ସଂଧ୍ୟା ୬ ଘଣ୍ଟା ସମୟରେ ପରିବାର ଲୋକେ ଜାଣିବାକୁ ପାଇଲେ ଯେ ଅନାମିକା ର ବଳାତ୍କାର ହୋଇଛି। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ଘଟିଲା ପର ଠାରୁ ଦୁଇ ନାବାଳକ ଫେରାର ଥିଲେ। ଅଭିଯୋଗ କୁ ଭିତ୍ତି କରି ନବରଙ୍ଗପୁର ଡ଼ିଏସପି ଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ରମାକାନ୍ତ ସାଇ, ଏସଆଇ ଶିବଜି ପଣ୍ଡା, ଅକ୍ଷୟ ମିଶ୍ର, ପ୍ରକାଶ ମିଶ୍ର, ସୌମେନ୍ଦ୍ର ସେଠ, ସଞ୍ଜୟ ମଣ୍ଡଲ ଓ କନେଷ୍ଟବଲ ନରେନ୍ଦ୍ର ନାୟକ ଦୁଇ ନାବାଳକ କୁ ବିଭିନ୍ନ ଜାଗାରେ ଖୋଜାଖୋଜି କରିବା ପରେ ଆଜି ଦୁଇ ନାବାଳକ କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ବରଗଡ଼ ଲାୟନ୍ସ କ୍ଲବ ପକ୍ଷରୁ ହୋଲି ମିଳନ



ବରଗଡ, : ଲାୟନ୍ସ କ୍ଲବ ର ସଭାପତି ଲାୟନ୍ସ ମନୋଜ ମହାପାତ୍ର ଙ୍କ ଅଧକ୍ଷତାରେ ମଙ୍ଗଳମ ପ୍ୟାଲେସ ଠାରେ ହୋଲି ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି. ଏହି ହୋଲି ମିଳନ ରେ ବିଷାକ୍ତ ରଙ୍ଗ ବ୍ୟବହାର ନ କରି ବିଭିନ୍ନ ପ୍ରକାରର ଫୁଲରେ ପୁଷ୍ପ ହୋଲି ଖେଳା ଯାଇଥିଲା. ଏଣୁ ଏଣିକି ଆଉ କୌଣସି ପ୍ରକାର ରଙ୍ଗ ବ୍ୟବହାର ନ କରି କେବଳ ଫୁଲର ହୋଲି ଖେଳାଯିବ ବୋଲି ଶ୍ରୀ ମହାପାତ୍ର ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ. ଏହି କାର୍ଯ୍ୟକ୍ରମର ମୁଖ୍ୟ ପ୍ରାୟୋଜକ ଲାୟନ୍ସ ଅମରଜିତ୍ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଲାୟନ୍ସ ପ୍ରତାପ ନାଏକ,ଲାୟନ୍ସ କିଶନ ଲାଲ ଅଗ୍ରୱାଲ, ଡ.ଓମ୍ ପ୍ରକାଶ ଲାଠ,ଡ. ସ୍ୱାଧିନ ଶର୍ମା, ଶଙ୍କର୍ଷଣ ମିଶ୍ର,ଏନ୍.ପି. ସିଙ୍ଘଲ, ନବୀନ ଲାଠ, ଜୟନ୍ତୀ ବେହେରା, ସଂଜୁଲତା ଭୋଇ,ସକୁନ୍ତଳା ଅଗ୍ରୱାଲ, ରଂଜୁ ସିଙ୍ଘଲ, ନିବେଦୀତା ପୂଜାରୀ, ଅଞ୍ଜନା ଦାସ, କୋମଳ ଅଗ୍ରୱାଲ, ମନୋରଞ୍ଜନ ପୂଜାରୀ ରାମକୃଷ୍ଣ ମେହେର, ପ୍ରଦୀପ ଟାୟନ,ଡ. ଶୁଶିଲ କର, କିଶୋର ଅଗ୍ରୱାଲ,ରାମ ରତନ ଲିଖମାନିଆଁ, ସର୍ବେଶ୍ୱର ତ୍ରିପାଠୀ,ଦୀପକ ବଲୋଦିଆ, ପରମାନନ୍ଦ ମିଶ୍ର,ରବି କିଶୋର,ମହେଶ ଅଗ୍ରୱାଲ, ପଙ୍କଜ ଦାଶ,ଆୟୁସ ଗୁପ୍ତା ଓ ଆହୁରି ଅନେକ ଯୋଗଦେଇଥିଲେ। ଶେଷରେ ଲାୟନ୍ସ ଅଭୟ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ !

# ଧାମନଗର ବିଜେପି ପକ୍ଷରୁ ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି



ଧାମନଗର, : ଭାରତୀୟ ଜନତା ପାର୍ଟିର ପୂର୍ବତନ ସଭାପତି ତଥା ବରିଷ୍ଠ ନେତା ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଦିବଂଗତ ଡ଼ ଦେବେନ୍ଦ୍ର ପ୍ରଧାନଙ୍କୁ ଧାମନଗର ବିଜେପି ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ମଙ୍ଗଳବାର ଅସୁରାଳି ସ୍ଥିତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସାଧାରଣ ସମ୍ପାଦକ ମନୋରଞ୍ଜନ ମଲ୍ଲିକଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା।ଉପସ୍ଥିତ ନେତୃମଣ୍ଡଳୀ ଏବଂ ଦଳୀୟ ପଦାଧିକାରୀ ବିଜେପିକୁ ଦୃଢ଼ କରିବା ସହ ରାଜ୍ୟର ବିକାଶରେ ଦେବେନ୍ଦ୍ର ପ୍ରଧାନଙ୍କ ଭୂମିକା ସ୍ମରଣୀୟ ହୋଇ ରହିବ ବୋଲି ମତବ୍ୟକ୍ତ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।ବରିଷ୍ଠ ନେତା ଅଶୋକ ପୁହାଣ,ଚତୃଭୂଜ ନାୟକ,ରଘୁନାଥ ଲେଙ୍କା,ବିଦ୍ୟାଧର ରାଉତ,ଦୀପ୍ତିରଞ୍ଜନ ଜେନା,ରାଜେନ୍ଦ୍ର ସାହୁ,ଶ୍ରୀକାନ୍ତ ନାୟକ,ଅନିରୁଦ୍ଧ ସାହୁ,ଅଜୟ ବଳ,ବୈକୁଣ୍ଠ ସାହୁ,ସଦାଶିବ ପୋଥାଳ,ରଂଜନ ମହାନ୍ତି,ସରୋଜ ସ୍ୱାଇଁ,ଗଣେଶ ଦାଶ,ପ୍ରଫୁଲ୍ଲ ପାତ୍ର,ରାଜୀବ ନାୟକ, ସୂରଜ ସାହୁ,ତୁଷାର ମିଶ୍ର,ରଜତ ଲେଙ୍କା,ଅନ୍ତର୍ଯ୍ୟାମୀ ଦାସ,ପ୍ରଦୀପ ମାଝୀ,ଅନନ୍ତ ବେହେରା,ଦୀପ୍ତିରଞ୍ଜନ ମହାଳିକ,କାଳନ୍ଦୀ ମଳିକ,ରାମଚନ୍ଦ୍ର ବେହେରା,ଅଧର ପରିଡ଼ା,କୈଳାସ ପଣ୍ଡା,ସଂଗ୍ରାମ ମହାନ୍ତି ପ୍ରମୁଖ ବହୁସଂଖ୍ୟକ କାର୍ଯ୍ୟକର୍ତ୍ତା ଯୋଗଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

# ସୃଷ୍ଟି ଫାଉଣ୍ଡେସନ ତରଫରୁ ଚୟନିକା ଉନ୍ମୋଚିତ.



ବରଗଡ, : ସ୍ଥାନୀୟ ହୋଟେଲ ଗଣପତି ଠାରେ ବିଶିଷ୍ଟ କବି ସୌଭାଗ୍ୟବନ୍ତ ମହାରଣା ଙ୍କ ଦ୍ୱାରା ସମ୍ପାଦିତ କବି ରୋହିତ ଦାଶ ଙ୍କ ନିର୍ବାଚିତ କବିତା ସଂକଳନ 'ଚୟନିକା 'ଉନ୍ମୋଚିତ ହୋଇ ଯାଇଛି.ସଭା ଆରମ୍ଭରୁ ଦିବଂଗତ ବିଶିଷ୍ଟ କବି ରମାକାନ୍ତ ରଥ ଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରା ଯାଇଥିଲା.ସୃଷ୍ଟି ଫାଉଣ୍ଡେସନ ର ଅଧକ୍ଷା ଜିତାରାଣୀ ଦାଶ ସ୍ୱାଗତ ସମ୍ଭାଷଣ ଦେଇଥିଲେ.ଅତିଥି ମାନଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ମାନିତ କରା ଯାଇଥିଲା. ଅତିଥି ମାନେ ଚୟନିକା ପୁସ୍ତକ କୁ ଉନ୍ମୋଚନ କରିଥିଲେ.ରୋହିତ ଦାଶ ଙ୍କ ରଚିତ ଏକ ଗୀତ କୁ ସଂଗୀତ ରୂପ ଦେଇଥିଲେ କଣ୍ଠ ଶିଳ୍ପୀ ଅଶୋକ ପଶାୟତ.ଆଲୋଚକ ଭାବେ କବି ଓ ଗାଳ୍ପିକ ଡ଼ ଅଶୋକ ମହାପାତ୍ର ଯୋଗ ଦେଇ କବିତା ସଂକଳନ ର ଏକ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ରୋହିତ ଦାଶ ଙ୍କ କାବ୍ୟ ଯାତ୍ରା ର ଦୃଷ୍ଟି ଓ ଦିଗନ୍ତ ଉପରେ ଆଲୋକପାତ କରି କହିଥିଲେ ରୋହିତ ଦାଶ ଙ୍କ କବିତା ସରଳ, ବୋଧଗମ୍ୟ ହେଲେ ବି ଖୁବ ଭାବଗମ୍ଭୀର.କବି ଶ୍ରୀ ଦାଶ ତାଙ୍କ ଦୀର୍ଘ କାବ୍ୟ ଯାତ୍ରା ସମ୍ପର୍କ ରେ ରମାକାନ୍ତ ରଥ ଙ୍କ ଉକ୍ତି କୁ ଉଦ୍ଧାର କରି କହିଥିଲେ ସେ କବି ନୁହନ୍ତି. କବି ହେବା ଓ କବିତା ଲେଖିବା ସମାନ କଥା ନୁହେଁ.ସୌଭାଗ୍ୟବନ୍ତ ମହାରଣା ଶ୍ରୀ ରୋହିତ ଦାଶ ଙ୍କ କବିତା ର ବିଭିନ୍ନ ଦିଗ କୁ ଉନ୍ମୋଚିତ କରି କହିଥିଲେ ରୋହିତ ଦାଶ ଙ୍କ କବିତା ସବୁ ରେ କାଳଜୟୀ ହେବାର ସମସ୍ତ ଗୁଣ ରହିଛି. ତାଙ୍କ କବିତା ମାଟିର କଥା କହେ ଓ ସମସାମୟିକ ଘଟଣା ସବୁ କୁ ରୂପ ଦିଏ. ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସମାଲୋଚକ ଡ଼ ରଘୁନାଥ ମେହେର ରୋହିତ ଦାଶ ଙ୍କ ଶବ୍ଦ ସଂଯୋଜନା ଓ ଭାବ ଗାମ୍ଭୀର୍ଯ୍ୟତା ର ଭୂୟସୀ ପ୍ରଶଂସା କରିଥିଲେ.ରୋହିତ ଦାଶ ଙ୍କ କବିତା ର ସାମାଜିକ ବାସ୍ତବବାଦ ର ସ୍ୱର ଉପରେ ସେ ଆଲୋକପାତ କରିଥିଲେ.ଦୁର୍ବୋଧ କବିତା କୁ ସେ ତୀବ୍ର ସମାଲୋଚନା କରି ରୋହିତ ଦାଶ ଙ୍କୁ ଶବ୍ଦ ର ସମ୍ରାଟ ବୋଲି ଅଭିହିତ କରିଥିଲେ.କବି ଆଲୋକ ଦାଶ, ଅନୁବାଦକ ସୁକୋମଳ ଦାଶ ଓ କବି ଙ୍କ ପୁଅ ଗୀତିକାର ପ୍ରସିମ ସ୍ୱରୂପ ଉନ୍ମୋଚିତ କବିତା ରୁ କବିତା ପାଠ କରିଥିଲେ.ସଭା କୁ ଶେଷ ସ୍ପର୍ଶ ଦେଇଥିଲେ ଅଧ୍ୟାପକ ମନୋରଞ୍ଜନ ପାଣିଗ୍ରାହୀ . ଗାଳ୍ପିକା ସାଗରୀକା ପାଣିଗ୍ରାହୀ ଙ୍କ ସୁସଂଯୋଜନା ରେ ସଭା ଟି ସୁଚାରୁ ରୂପେ ସମ୍ପର୍ଣ୍ଣ ହୋଇଥିଲା.କବି ଦିବ୍ୟ ଦେବତା, ମନୋରଞ୍ଜନ ସାହୁ, ଅଞ୍ଜଳି ମହନ୍ତମ, ନବ ମହନ୍ତମ, ଦାମୋଦର ସାହୁ,ପଞ୍ଚାନନ ବାରିକ,ବିଶ୍ୱନାଥ ସାହୁ, ବିଜୟ ପ୍ରଧାନ, ପ୍ରଦେଶୀ ବାରିକ, ଉମେଶ ପଧାନ, ଉମେଶ ବିଶ୍ୱାଳ, ଦୁଃଖିସେବକ ସାହୁ, କମଳିନୀ ଦେବୀ, କବିତା ଦେବତା,ଡ଼ ଭଗବତି କର, ସୁପ୍ରଭା ସାମଲ, ଭୂମିସୁତା ସାହୁ, ଅଞ୍ଜନା ଚାନ୍ଦ ପ୍ରିତମ ସିଂ, ବାଲାଜୀ ତରସିଆ, ଉଦ୍ଧବ ପାତ୍ର, ତରଣୀ ଗୁରୁ, ତରଣୀ ବୁଧିଆ, ଦୟାନିଧି ମହାପାତ୍ର, ରାବି ସାହୁ ପ୍ରମୁଖ ବରଗଡ଼ ତଥା ଆଖ ପାଖ ଅଂଚଳ ର ଅନେକ କବି ଓ ବୁଦ୍ଧିଜୀବୀ ସଭାରେ ଯୋଗ ଦେଇଥିଲେ.

# ନରେନ୍ଦ୍ର ମୋଦୀ ପୂର୍ବ ଜନ୍ମରେ ଛତ୍ରପତି ଶିବାଜୀ ଥିଲେ : ପ୍ରଦୀପ ପୁରୋହିତ



ବରଗଡ, : ନରେନ୍ଦ୍ର ମୋଦୀ ପୂର୍ବ ଜନ୍ମରେ ଛତ୍ରପତି ଶିବାଜୀ ଥିଲେ । ସଂସଦର ବଜେଟ ଅଧିବେଶନରେ ସମ୍ବୋଧନ ସମୟରେ ଏଭଳି ଦାବି କଲେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ । ପୂର୍ବଜନ୍ମରେ ପରମ ପରାକ୍ରମୀ ଛତ୍ରପତି ଶିବାଜୀ ଓ ଏଜନ୍ମରେ ନରେନ୍ଦ୍ର ମୋଦୀ ବୋଲି କହିଛନ୍ତି ଓଡ଼ିଶାର ଏହି ସାଂସଦ । ଓଡ଼ିଶାର ଗନ୍ଧମାର୍ଦ୍ଦନ ପାହାଡ଼ରେ ରହୁଥିବା ଜଣେ ସାଧୁ, ଗିରିଜା ବାବାଙ୍କ ସହ ଆଲୋଚନା ବେଳେ ସେ କହିଥିଲେ ଯେ, ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବଜନ୍ମରେ ପରାକ୍ରମୀ ମରାଠା ରାଜା ଛତ୍ରପତି ଶିବାଜୀ ମହାରାଜାଙ୍କ ବ୍ୟତୀତ ଅନ୍ୟ କେହି ନୁହେଁ । ସଂସଦରେ ଏହି ଦାବିକୁ ରଖିଛନ୍ତି ପ୍ରଦୀପ ପୁରୋହିତ । ସଂସଦରେ ଦୃଢୋକ୍ତି ପ୍ରକାଶ କରି ପ୍ରଦୀପ ପୁରୋହିତ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ପ୍ରକୃତରେ ଶିବାଜୀ ମହାରାଜ, ଯିଏ ଦେଶକୁ ପ୍ରଗତି ଏବଂ ବିକାଶ ଦିଗରେ ଆଗେଇ ନେଉଛନ୍ତି । ବିକଶିତ ଭାରତ ଏବଂ ବିଶ୍ୱରେ ଭାରତକୁ ଶକ୍ତିଶାଳୀ ରାଷ୍ଟ୍ର ଗଢ଼ି ତୋଳିବାରେ ଯେଉଁ ସଙ୍କଳ୍ପ ନେଇ ପ୍ରଧାନମନ୍ତ୍ରୀ କାମ କରୁଛନ୍ତି, ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି । ଏହାସହ କେନ୍ଦ୍ର ରେଳମନ୍ତ୍ରୀ ଓଡ଼ିଶାରୁ ପ୍ରତିନିଧିତ୍ୱ କରି ରେଳବାଇ କ୍ଷେତ୍ରରେ ଯେଉଁଭଳି କାମ କରୁଛନ୍ତି ସେଥିପାଇଁ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି ସାଂସଦ ପୁରୋହିତ । ଅଶ୍ୱିନୀ ବୈଷ୍ଣବ ଥରେ ସଂକଳ୍ପ ନେଇଗଲେ ସେ କାମ ସମ୍ପୂର୍ଣ୍ଣ କରିକି ଛାଡ଼ନ୍ତି । ୨୦୨୨ ପଦ୍ମପୁର ଉପନିର୍ବାଚନ ବେଳେ ବିଜେଡି ସରକାର ରେଳମନ୍ତ୍ରୀଙ୍କୁ ଚାଲେଞ୍ଜ ଦେଇଥିଲା, ଦଶନ୍ଧି ଧରି ଯେଉଁ ଦାବି ରହିଛି, ବରଗଡ଼-ନୂଆପଡ଼ା ରେଳ ଲାଇନ କାମ କରିପାରିବେ କି ? ସେତେବେଳେ ଅଶ୍ୱିନୀ ବୈଷ୍ଣବ କହିଥିଲେ, ଯେଉଁଦିନ ଓଡ଼ିଶା ସରକାର ଜମି ଦେବ, ସେହିଦିନ କାମ ଆରମ୍ଭ ହେବ । ରାଜ୍ୟରେ ସରକାର ପରିବର୍ତ୍ତନ ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଜମି ଦେବାପରେ ଏବେ ୧୩୮ କିଲୋମିଟର ଟ୍ରେନ୍ ଲାଇନ୍ ପାଇଁ ୨୯୨୬ କୋଟି ଟଙ୍କା ମଂଜୁର ହୋଇଛି । ସେଥିପାଇଁ ସେ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏବେ ଖୁବ ଗତିରେ ଏହି ପ୍ରକଳ୍ପ କାମ ଆଗେଇ ଚାଲିଛି । ୫୯ଟି ରେଳ ଷ୍ଟେସନ, ଶହେ ପ୍ରତିଶତ ବିଦ୍ୟୁତିକରଣ ଓ ଡବଲ ଟ୍ରାକ୍ କାମ ଶେଷ ହୋଇଛି । ୨୦୧୪ରେ ରେଳବାଇ କ୍ଷେତ୍ରରେ ୮୩୮ କୋଟି ଟଙ୍କା ରାଜ୍ୟକୁ ଅନୁଦାନ ମିଳିଥିବା ବେଳେ ଏବେ ୧୦ ହଜାର ୫୯୯ କୋଟି ଅନୁଦାନ ଦେଇଛନ୍ତି କେନ୍ଦ୍ର ସରକାର । ଏହାସହ ଝାରସୁଗୁଡ଼ା ରେଳଲାଇନରେ ଦୀର୍ଘ ଦିନ ଧରି ସ୍ଥାନୀୟ ଲୋକମାନେ ଆନ୍ଦୋଳନ କରି ଆସୁଛନ୍ତି, ସେମାନଙ୍କ ଦାବି ପୂରଣ କରିବାକୁ ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ସାଂସଦ । ସେହିଭଳି ସକାଳ ସମୟରେ ବରଗଡ଼ରୁ ଭୁବନେଶ୍ୱର ଏକ ଟ୍ରେନ ଯାତାୟତ, କରୋନା ସମୟରେ ବ୍ରଜରାଜନଗର, ବରଗଡ଼, ଅତାବିରାରେ ଅନେକ ଟ୍ରେନ୍ ଅଟକୁଥିବା ବେଳେ ଏବେ ଏଗୁଡିକ ରହଣୀ ବନ୍ଦ ହୋଇଯାଇଥିବାରୁ ପୁର୍ନବାର ରହଣୀ କରିବାକୁ ସେ ଦାବି କରିଛନ୍ତି । ବେଲପାହାଡ଼ ରେଳ ଷ୍ଟେସନରେ ଫ୍ଲାଏ ଓଭରବ୍ରିଜ୍ କାମ ବନ୍ଦ ହୋଇଯାଇଥିବାରୁ, ଖୁବଶୀଘ୍ର କାମ ଆରମ୍ଭ କରିବାକୁ ଅଶ୍ୱିନୀ ବୈଷ୍ଣବଙ୍କୁ ଦୃଷ୍ଟି ଆକର୍ଷଣ କରିଛନ୍ତି ପ୍ରଦୀପ ପୁରୋହିତ ।

# ପରିବର୍ତ୍ତନ ଫାଉଣ୍ଡେସନର ମୁଖ୍ୟ ଉପଦେଷ୍ଟା ହେଲେ ଜଗନ୍ନାଥ ମହାପାତ୍ର।




ନବରଙ୍ଗପୁର, : ନବରଙ୍ଗପୁର ପୌରପରିଷଦ କଲ୍ୟାଣ ମଣ୍ଡପ ପରିସରରେ ପରିବର୍ତ୍ତନ ଫାଉଣ୍ଡେସନ ର ସଭାପତି ନିନି ବାବୁ ତ୍ରିପାଠୀଙ୍କ ଅଧକ୍ଷତାରେ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ପ୍ରତିଷ୍ଠିତ ବରିଷ୍ଠ ସମାଜସେବୀ ତଥା ଫାଉଣ୍ଡେସନ ର ମୁଖ୍ୟ ଉପଦେଷ୍ଟା ଜଗନ୍ନାଥ ମହାପାତ୍ର ଯୋଗ ଦେଇଥିବା ବେଳେ, ଅନ୍ୟତମ ଅତିଥି ଭାବେ ବରିଷ୍ଠ ଅଧିବକ୍ତା ଝାଡେଶ୍ୱର ଖାଡଙ୍ଗା, ଓଡ଼ିଶା ଓକିଲ ସଂଘର ଉପ ସଭାପତି ନରସିଂହ ତ୍ରିପାଠୀ, ରାଜ୍ୟ ଅମଲା ସଂଘର ସଭାପତି ତ୍ରିପତି ବାଲାଜୀ ସାହୁ, ପାପଡ଼ାହାଣ୍ଡି ପଞ୍ଚାୟତ ସମିତି ଉପ ସଭାପତି ସୁଶାନ୍ତ କୁମାର ବେହେରା,ଜିଲ୍ଲା କ୍ରୀଡା ସଂଘର ସହ ସମ୍ପାଦକ ତଥା ଟେଲି ଫିଲ୍ମ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ, ସମାଜ ସେବୀ ତଥା ଅଧିବକ୍ତା ସିରାଜଉଦିନ୍ ଅହମଦ , ଜାଫର କାଦ୍ରିୟ, ଦିନଦୟାଲ ଜୈନ ସ୍ୱର୍ଣ୍ଣଲତା ପଟ୍ଟନାୟକ,ପି. ଭେଙ୍କଟ , ସୁଧାକର ପାଢୀ, ନଗେନ୍ଦ୍ର ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ସଭାର ପ୍ରାରମ୍ଭରେ ସଭାପତି ଶ୍ରୀ ତ୍ରିପାଠୀ ଫାଉଣ୍ଡେସନର ଗଠନ ହେବାର ଲକ୍ଷ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥାପନ କରିଥିବା ବେଳେ, ସଂଘର ବରିଷ୍ଠ ସଦସ୍ୟ ଫାଲଗୁନୀ ପାତ୍ର ଫାଉଣ୍ଡେସନ ର ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ଆଲୋକପାତ କରିଥିଲେ। ଏଇ ପରିପେଖିରେ ଲୋକଙ୍କ ବିଭିନ୍ନ ସମସ୍ୟାର କିପରି ସଂଘ ଦ୍ୱାରା ସମାଧାନ ହୋଇପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଯାଇଛି। ନବରଙ୍ଗପୁର ସହରର ପ୍ରତ୍ୟେକ ୱାର୍ଡ ରେ କମିଟି ଗଠନ କରାଯାଇ ସଂଘ ମାଧ୍ୟମରେ ସେ ଅଞ୍ଚଳର ସମସ୍ୟା ଗୁଡ଼ିକର ସମାଧାନ ନିମନ୍ତେ ଚେଷ୍ଟା କରାଯିବ। ସେହିପରି ସଂଘ ନବରଙ୍ଗପୁର ସହରରେ ସୀମିତ ନ ହୋଇ ଜିଲ୍ଲାର ୧୦ଟି ବ୍ଲକ ସ୍ତରରେ ସଭ୍ୟ ସଂଗ୍ରହ କରି ସଂପୃକ୍ତ ଅଞ୍ଚଳର ସମସ୍ୟାର ସମାଧାନ କରିବା ନିମନ୍ତେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ସ୍ତରରେ ନବରଙ୍ଗପୁର ଜିଲ୍ଲାକୁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଥିବା ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଏବଂ ସିଲ୍କ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପରିବର୍ତ୍ତନ ଫାଉଣ୍ଡେସନ ର ସଭାପତି ଶ୍ରୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ,ବରିଷ୍ଠ ସଦସ୍ୟ ବିକ୍ରମ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁଧୀର କୁମାର ସିଂ, ସୋମେଶ ଖରା, ଶୀତଳ ପାଣିଗ୍ରାହୀ, ଟାକୁନା ବେହେରା, ଆଲୋକ ସାହୁ, ରବି ପ୍ରସାଦ, ଅଭିଳାଷ ନାୟକ, ରବୀନ୍ଦ୍ର ତ୍ରିପାଠୀ, ଅଭିନାଶ ମହାପାତ୍ର, ପିୟୁଷ ଜୈନ, ସୁମିତ ପାଳ, ଉପେନ୍ଦ୍ର ଷଡ଼ଙ୍ଗୀ ସମେତ ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ସହରର ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।

# କୋର୍ଟ ନିର୍ଦ୍ଦେଶକୁ ବେଖାତିରି କରି ବିବାଦୀୟ ଜମିରେ କୋଠା ନିର୍ମାଣ, ଅଭିଯୋଗ ପରେ ବି ଶୁଣିଲାନି ପୁଲିସ



ନୀଳଗିରି, : ସୁରକ୍ଷା ନିମନ୍ତେ ସାଧାରଣ ଲୋକଟିଏ ପୁଲିସକୁ ଭରଷା କରୁଥିବା ବେଳେ ବାରମ୍ବାର ଅଭିଯୋଗ ପରେ ବି ଶୁଣିନାହିଁ ପୁଲିସ ପ୍ରଶାସନ।କୋର୍ଟ ନିର୍ଦ୍ଦେଶକୁ ବେଖାତିର କରି ବିବାଦୀୟ ଜମିରେ ଜବରଦସ୍ତି ନିର୍ମାଣ ହୋଇଛି କୋଠାଘର।ଏପରି ଏକ ଘଟଣା ଦେଖିବାକୁ ମିଳିଛି ନୀଳଗିରି ଥାନା ଇଶ୍ୱରପୁର ଫାଣ୍ଡି ଅଧୀନ ବାହାବଳପୁର ଗ୍ରାମରେ ।ସୂଚନା ମୁତାବକ ଉକ୍ତ ଗ୍ରାମର ସ୍ୱର୍ଗତ ମଦନ ମୋହନ ପରିଡାଙ୍କର ଖାତା ନଂ ୨୦୮ ଓ ପ୍ଲଟ ନଂ ୩୩୮,୩୩୯,୩୪୦ ରେ ଏକ ଜମି ରହିଛି ।ଯାହାକୁ ନେଇ ଚାରି ପୁଅଙ୍କ ମଧ୍ୟରେ ବିବାଦ ଉପୁଜିଥିବା କାରଣରୁ ୨୦୨୪ ମସିହା ଜୁନ ମାସରେ ନୀଳଗିରି ଉପଖଣ୍ଡସ୍ତରୀୟ କୋର୍ଟରେ ଉକ୍ତ ଜମି ଉପରେ ଏକ ଷ୍ଟାସ କୋ ଅର୍ଡର ଜାରି ହେବା ସହ ସମାଧାନ ନହେବା ପର୍ଯ୍ୟନ୍ତ ଜମିରେ କୌଣସି ନୂତନ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ନିର୍ଦ୍ଦେଶ ରହିଥିଲା।ହେଲେ ଏହି ନିର୍ଦ୍ଦେଶକୁ ନମାନି ତୃତୀୟ ଭାଇ ଆନନ୍ଦ ପରିଡା ଉକ୍ତ ଜମିରେ ଏକ କୋଠା ଘର ନିର୍ମାଣ କରୁଛନ୍ତି।ଯାହାକୁ ପ୍ରତିବାଦ କରି ପୁତୁରା ପ୍ରଦୀପ୍ତ କୁମାର ପରିଡା ଚଳିତ ମାସ ୧୨ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଇଶ୍ୱରପୁର ଫାଣ୍ଡିର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପୁଲିସ ଅଧିକାରୀ ତାଙ୍କର କୌଣସି କଥା ଶୁଣିନଥିବା ଅଭିଯୋଗ କରିବା ସହ ନ୍ୟାୟ ଦାବୀ କରିଛନ୍ତି ପ୍ରଦୀପ୍ତ ।ଏ ନେଇ ଫାଣ୍ଡି ଅଧିକାରୀ ଖଗେନ ମହାଳିକଙ୍କୁ ପଚାରିବାରୁ ହୋଲି କାରଣରୁ ଫାଣ୍ଡିରେ ଷ୍ଟାଫ କମ ଥିଲେ ଓ ସେହି ସମୟରେ ଅଞ୍ଚଳରେ ଘଟିଥିବା ଦୁଇଟି ବଡ ଘଟଣାରେ ବ୍ୟସ୍ତ ରହିଥିଲୁ ଏ ନେଇ ଉଭୟ ପକ୍ଷକୁ ଥାନାକୁ ଡକାଯାଇଥିଲା ହେଲେ ଗୋଟିଏ ପକ୍ଷ ଥାନାକୁ ଆସିନଥିଲେ ବୋଲି କହିଛନ୍ତି।

# ମାଁ ଠାକୁରାଣୀଙ୍କ ନବଦିନ ଯାତ୍ରା ପାଇଁ ପଡିଲା ଶୁଭଖୁଣ୍ଟି



ଉମରକୋଟ, : ଜଗତଜନନୀ ମାଁ ଠାକୁରାଣୀ ଙ୍କ ନବଦିନ ଯାତ୍ରା ପାଇଁ ମଙ୍ଗଳବାର ଗାନ୍ଧୀ ଛକ ଠାରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଚଳିତ ମାସ ମାର୍ଚ୍ଚ ୩୧ ତାରିଖରୁ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଚାଲିବ ମାଆଙ୍କ ନବଦିନ ଚୈତ୍ର କଳସ ଯାତ୍ରା।ଏହି ଶୁଭ ଖୁଣ୍ଟି ସ୍ଥାପନ ସମୟରେ ମା ମଙ୍ଗଳା ମନ୍ଦିର ପୂଜକ ଭୁବନ ପୂଜାରୀ ନୀତି ନିୟମରେ ପୂଜାର୍ଚ୍ଚନା କରିବା ପରେ ଖୁଣ୍ଟି ସ୍ଥାପନ କରାଯାଇଥିଲା।ମା କଳସ ଧରି ପ୍ରତ୍ୟେକ ଦିନ ଭକ୍ତ ଙ୍କ ଘର କୁ ଘର ଯାଇ ଦର୍ଶନ ଦେଇ ପୂଜା ପାଇବେ। ଶୁଭଖୁଣ୍ଟି ସ୍ଥାପନ ପରେ ଆଜିଠାରୁ ଆରମ୍ଭ ହେଲା ମାଆଙ୍କ କଳସ ଯାତ୍ରା ପାଇଁ ଅନୁକୂଳ କାମ । ମା ମଙ୍ଗଳା ପ୍ରତ୍ୟକ୍ଷ ଦେବୀ ହୋଇଥିବାରୁ ଏହି କଳସ ଯାତ୍ରା ରେ ମାନସିକ କରିଲେ ମା ଭକ୍ତ ଙ୍କ ମାନସିକ ପୂରଣ କରନ୍ତି ଓ ସମସ୍ତ ଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ । ତେଣୁ ମା ଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ଜିଲ୍ଲା ତଥା ପଡୋଶୀ ଜିଲ୍ଲା ଓ ପଡୋଶୀ ରାଜ୍ୟ ଆନ୍ଧ୍ର ଓ ଛତିଶଗଡ଼ ର ଭକ୍ତ ମାନେ ଯାତ୍ରା ରେ ସାମିଲ ହୁଅନ୍ତି, ଏବଂ ଲକ୍ଷାଧିକ ଭକ୍ତ ଙ୍କ ସମାଗମ ହୋଇଥାଏ ।ନବ ଦିନ ଯାତ୍ରା କମିଟିର ସଭାପତି ମୁନା ପାଢ଼ୀ ,ଉପ ସଭାପତି ପି.ଆଶିଷ କୁମାର ରାଓ,ସମ୍ପାଦକ ସତ୍ୟନାରାୟଣ ମିଶ୍ର ଓ କୋଷଧକ୍ଷ ଗୋବିନ୍ଦ ମାଝୀ ଙ୍କ ସହ ବାରପାଲି ଗାଁର ଶିରା, ପୂଜାରୀ, ରଇତ ମାନଙ୍କ ସହ ଉମରକୋଟ ସହରର ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ । ଯାତ୍ରା କମିଟିର ସଭାପତି ମୁନା ପାଢ଼ୀ ନବଦିନ ଯାତ୍ରା କିପରି ସୁରୁଖୁରୁରେ ହୋଇପାରିବ ସେଥି ନିମନ୍ତେ ଉପସ୍ଥିତ ସଦସ୍ୟ ମାନଙ୍କୁ ସହଯୋଗ ନିମନ୍ତେ ନିବେଦନ କରିଥିଲେ।

# ଗ୍ରୀଷ୍ମ ପ୍ରବାହର ସଫଳ ପରିଚାଳନା ନିମନ୍ତେ ଅଧିକାରୀଙ୍କ ପାଇଁ ଓରିଏଣ୍ଟେସନ କର୍ମଶାଳା

ନୂଆପଡା, : ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ସଫଳ ପରିଚାଳନା ନିମନ୍ତେ ଜିଲ୍ଲା ସ୍ତରୀୟ ବିଭିନ୍ନ ଅଧିକାରୀଙ୍କୁ ନେଇ ଏକ ଓରିଏଣ୍ଟେସନ କର୍ମଶାଳା ଜିଲ୍ଲା ଜରୁରୀ କାଳୀନ ଶାଖା ତରଫରୁ ଜିଲ୍ଲା କାର୍ଯ୍ୟାଳୟସ୍ଥ ସଭାବନା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମସ୍ତ ବିଭାଗର ଅଧିକାରୀ ମାନେ ଗ୍ରୀଷ୍ମ ପ୍ରବାହର ସଫଳ ପରିଚାଳନା ପାଇଁ କିପରି ଭାବରେ ନିଜ ବିଭାଗକୁ ପ୍ରସ୍ତୁତ କରି ରଖିବେ ସେଥିପାଇଁ ଆୟୋଜିତ କର୍ମଶାଳାରେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ଜରୁରୀକାଳୀନ ଶାଖା ଅଧିକାରୀ ତଥା ଡେପୁଟୀ କଲେକ୍ଟର ଶେଖ୍ ନସିମ ବୈଠକର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ବୈଠକ କୁ ସମ୍ବୋଧନ କରି ଗ୍ରୀଷ୍ମ ପ୍ରବାହର ସଫଳ ପରିଚାଳନା ପାଇଁ ସମସ୍ତ ବିଡ଼ିଓ, ତହସିଲଦାର ତଥା ସମସ୍ତ ବିଭାଗ ଅଧିକାରୀଙ୍କ ଦାୟିତ୍ୱ, କର୍ତ୍ତବ୍ୟ,ପ୍ରାକ ପ୍ରସ୍ତୁତି ସହ ଜରୁରୀ କାଳୀନ ପରିଚାଳନା ଉପରେ ବିଶଦ ଭାବରେ ବୁଝାଇ ଥିଲେ। ସେ କହିଲେଯେ ଗ୍ରୀଷ୍ମ ପ୍ରବାହରୁ ଆମକୁ କେବଳ ମଣିଷ ସମାଜ ନୁହେଁ ଏହା ସହିତ ସମସ୍ତ ଗୃହପାଳିତ ପଶୁ,ଜିବଜନ୍ତୁ ଏବଂ ବୃକ୍ଷଲତାର ସୁରକ୍ଷା କରିବା ଆବଶ୍ୟକ । ଏଥିପାଇଁ ଅଧିକାରୀ ମାନେ ନିଜ ନିଜ ବିଭାଗ ସହିତ ଲୋକ ପ୍ରତିନିଧି ମାନଙ୍କୁ ମଧ୍ୟ ସାମିଲ୍ କରନ୍ତୁ। ଘରପୋଡ଼ି ହେଲେ ରାଜସ୍ୱ ଅଧିକାରୀ ମାନେ ୨୪ ଘଣ୍ଟା ମଧ୍ୟରେ ସହାୟତା ଯୋଗାଇ ଦେବେ। ସମସ୍ତ ସତର୍କତା ସହିତ ଜିଲ୍ଲାରେ ମନରେଗା ଯୋଜନାରେ କାମ ଚାଲୁ ରହିବ। ପଞ୍ଚାୟତି ରାଜ, ନଗର ଉନ୍ନୟନ ଏବଂ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସମସ୍ତ ସହର, ବସ୍ତି, ଗ୍ରାମାଞ୍ଚଳରେ ପିଇବା ପାଣି ସମସ୍ୟା ସମାଧାନ କରିବେ। ବିଦ୍ୟୁତ ବିଭାଗ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ନଜର ରଖିବେ। ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ନିଜ ନିଜ ଦାୟିତ୍ୱ ସୁଚାରୁ ରୁପେ ନିର୍ବାହ କରିବେ। ଜିଲ୍ଲା ଜରୁରୀ ଶାଖା ଡି ପି ଓ ମହେନ୍ଦ୍ର କୁମାର ସ୍ୱାଇଁ ଗ୍ରୀଷ୍ମପ୍ରବାହର କାରଣ ନିରାକରଣ ତଥା ସଫଳ ଓ ସଠିକ ପରିଚାଳନା ନିମନ୍ତେ ଆବଶ୍ୟକ କାର୍ଯ୍ୟାନ୍ୱୟନର ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ।ବୈଠକରେ ବିଭିନ୍ନ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ସଫଳ ପରିଚାଳନା ନିମନ୍ତେ ନିଜ ନିଜ ବିଭାଗ ତରଫରୁ ପ୍ରାକ ପ୍ରସ୍ତୁତି ପଦକ୍ଷେପ ଉପରେ ଉପସ୍ଥାପନା କରିଥିଲେ । ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବନଖଣ୍ଡ ଅଧିକାରୀ ମହାଦେବ ବଡ଼ାଇକ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ସି ଡି ଏମ୍ ଓ ଡଃ ଗୁରୁ ପ୍ରସାଦ ଜେନା ସମେତ ସମସ୍ତ ତହସିଲ୍ ?ଦାର, ବିଡ଼ିଓ, କାର୍ଯ୍ୟନିର୍ବାହୀ ବିଭାଗର ଅଧିକାରୀ ବୃନ୍ଦ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଖଜୁରୀପଡାରେ କନ୍ଧମାଳ ମହୋତ୍ସବ ମଶାଲ ଶୋଭାଯାତ୍ରା

ଖଜୁରୀପଡ଼ା, : କନ୍ଧମାଳ ମହୋତ୍ସବ ଓ ପଲ୍ଲୀଶ୍ରୀମେଳା ୨୦୨୫ ଆସନ୍ତା ମାର୍ଚ୍ଚ ୨୧ ରେ ଆରମ୍ଭ ହେବ ଏହି ମହମହୋତ୍ସବ ଟି ଦୀର୍ଘ ୫ ଦିନ ଧରି ଚାଲିବ ସେନେଇ ଜିଲ୍ଲାର ୧୨ ଗୋଟି ବ୍ଲକରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଖଜୁରୀପଡ଼ା ବ୍ଲକ୍ ପ୍ରଶାସନ ଏବଂ ସ୍ଥାନୀୟ ଜନସାଧାରଣଙ୍କ ମିଳିତ ସହଯୋଗରେ ବହୁ ଆଡମ୍ବରରେ ମଶାଲ ଶୋଭାଯାତ୍ରା ସ୍ଥାନୀୟ ଶିଶୁ ମନ୍ଦିର ଠାରୁ ବାହାରି ବଜାର ପରିକ୍ରମା କରି ଖେଳ ପଡିଆ ନିକଟରେ ପହଞ୍ଚିଥିଲା। ଗ୍ରାମାଞ୍ଚଳ ରେ ଲୁଚି ରହିଥିବା କଳା, ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଲୋକଲୋଚନକୁ ଆଣିବା ପାଇଁ ଏହି କାର୍ଯ୍ୟକ୍ରମରେ ୧୪ ଟି ପଞ୍ଚାୟତ ର ଜନସାଧାରଣ ଙ୍କୁ ସାମିଲ କରାଯାଇଥିଲା ।

# କୋଦଳା ସମବାୟ ବ୍ୟାଙ୍କର ଅଜବ ନୀତିରେ ପେଷି ହେଉଛନ୍ତି ଚାଷୀ !




କୋଦଳା, ୨୧/୩ (ନି.ପ୍ର): ଗଞ୍ଜାମ ଜିଲ୍ଲା କୋଦଳା ସମବାୟ ବ୍ୟାଙ୍କରେ ଅଜବ ନୀତି ଯୋଗୁଁ ହନ୍ତସନ୍ତ ହେଉଛନ୍ତି ଅଞ୍ଚଳର ଚାଷୀ। ଧାନ ବିକ୍ରି କରି ସୁଦ୍ଧା ନିଜ ଆକାଉଣ୍ଟକୁ ଆସିଥିବା ଅର୍ଥକୁ ନିଜେ ଉଠାଇ ପାରୁ ନାହାନ୍ତି। ସୂଚନା ଅନୁସାରେ ଧାନ ମଣ୍ଡିରେ ଧାନ ବିକ୍ରି କରିବା ପରେ ଚାଷୀମାନେ ସମବାୟ ବ୍ୟାଙ୍କ ଜରିଆରେ ଅର୍ଥ ପାଇଥାନ୍ତି। ତେବେ କୋଦଳା ସମବାୟ ବ୍ୟାଙ୍କରେ ଜଣେ ଜଣେ ଚାଷୀଙ୍କୁ ଦୈନିକ ୨୦ ହଜାରରୁ ଅଧିକ ଅର୍ଥ ଦିଆଯାଉନି। ଏପରିକି ଏନଇଏଫଟି ଓ ଆରଟିଜିଏସ୍ ରେ ମଧ୍ୟ ପାତର ଅନ୍ତର ନୀତି ଯୋଗୁଁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଆରବିଆଇ ଗାଇଡ୍ ଲାଇନ ଅନୁସାରେ ଏନଇଏଫଟି ଓ ଆରଟିଜିଏସ୍ ରେ କୌଣସି ସୀମା ନଥିବା ବେଳେ ଏଠାରେ ଦୈନିକ ୫୦ ହଜାର ଟଙ୍କାରେ ସୀମିତ ରଖା ଯାଇଛି। ଯାହାକୁ ନେଇ ଚାଷୀ ହଇରାଣ ହରକତ ହେଉଥିବା ମଧ୍ୟ ଅଭିଯୋଗ କରିଛନ୍ତି। ଜଣେ ଚାଷୀ ନିଜର ଅର୍ଥ ପାଇବା ପାଇଁ ଏହି ବ୍ୟାଙ୍କକୁ ବାରମ୍ବାର ଦୌଡୁଥିବା ଦେଖିବାକୁ ମିଳିଛି। ଦୀର୍ଘ ୧୦ ଦିନ ଧରି ବ୍ୟାଙ୍କକୁ ଆସିଲେ ବି ଚାଷୀ ପୁରା ଟଙ୍କା ନେବା କଷ୍ଟକର ହୋଇ ପଡୁଛି। ଚାଷୀ ଟଙ୍କା ଉଠାଇବାର ଯେଉଁ ସୀମା କରାଯାଇଛି ତାହା ହିଁ ଚାଷୀଙ୍କ ପାଇଁ ବଡ଼ ସମସ୍ୟା ଦେଖାଦେଇଛି। ଦୈନିକ ଶତାଧିକ ମହିଳା ଓ ପୁରୁଷ ଚାଷୀ ସକାଳ ୮ ରୁ ସଂଧ୍ୟା ୬ ପର୍ଯ୍ୟନ୍ତ ଏଠାରେ ପଡି ରହି ହନ୍ତସନ୍ତ ହେଉଛନ୍ତି। ବୁଧବାର ଏଭଳି ଅଭିଯୋଗକୁ ନେଇ ବହୁ ଚାଷୀ ବ୍ୟାଙ୍କରେ ପାଟିତୁଣ୍ଡ କରିଥିବା ବେଳେ ଟଙ୍କା ଉଠାଣ ସମାସ୍ୟାକୁ ନେଇ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ସମାଧାନ କରିବା ପାଇଁ ଦାବି କରିଛନ୍ତି ସ୍ଥାନୀୟ ଚାଷୀ।

# ବନ୍ୟପ୍ରାଣୀ ସୁରକ୍ଷା ଓ ନିଆଁ ଦାଉରୁ ରକ୍ଷା ପାଇଁ ବନ କର୍ମଚାରୀ ଅଭାବ

## ଆବଶ୍ୟକତା ଠାରୁ ବି କମ କର୍ମଚାରୀ କାର୍ଯ୍ୟ ରେ ନିୟୋଜିତ



ବୌଦ୍ଧ, ୨୧/୩ (ନି.ପ୍ର): .ଜଙ୍ଗଲ ହେଉଛି ଆମର ଅମୁଲ୍ୟ ସମ୍ପଦ । ଜଙ୍ଗଲ ବଞ୍ଚିଲେ ଜୀବ ଜଗତ ବଞ୍ଚି ରହିବ । କିନ୍ତୁ ଗ୍ରୀଷ୍ମ ଋତୁ ହେଲେ ପ୍ରତିବର୍ଷ ପ୍ରାକୃତିକ ବା ମନୁଷ୍ୟ କୃତ ନିଆଁ ଲାଗି ବନ୍ୟ ଜନ୍ତୁ, ମୂଲ୍ୟବାନ ଗଛ, ବାଉଁଶ, ଔଷଧୀୟ ବୃକ୍ଷ ଓ ଲଘୁ ଖଣିଜ ସମ୍ପଦ ପୋଡି ନଷ୍ଟ ହେଉଛି । ଅନ୍ୟ ପଟେ ଜଙ୍ଗଲ ପୋଡି ତାପମାତ୍ରା ବୃଦ୍ଧି ର କାରଣ ସାଜିଛି । ସାରା ରାଜ୍ୟ ରେ ଚଳିତ ବର୍ଷ ଆରମ୍ଭ ହୋଇଯାଇଛି ଜଙ୍ଗଲ ପୋଡି । ସେହିପରି ବୌଦ୍ଧ ବନଖଣ୍ଡ ର ବିଭିନ୍ନ ବିଭିନ୍ନ ଜଙ୍ଗଲ ରେ ବର୍ତମାନ ବନାଗ୍ନି ଦେଖିବାକୁ ମିଳିଛି । ଫଳରେ ବନ ବିଭାଗ ପକ୍ଷରୁ ଗାଁ ଗାଁ ରେ ସଚେତନତା ସହିତ ଜଙ୍ଗଲ ପୋଡି କୁ ରୋକିବାରେ ଦିନ ରାତି ପ୍ରୟାସ ଜାରି ଚାଲିଛି । ବୌଦ୍ଧ ବନଖଣ୍ଡ ମାଧପୁର ରେଞ୍ଜ ରେ ଗତ ଦୁଇଦିନ ଧରି ସ୍ଥାନେ ସ୍ଥାନେ ନିଆଁ ଲାଗିଥିବା ବେଳେ ନିଆଁ କୁ ଆୟତ୍ତ କରିବାରେ ରେଞ୍ଜ ଅଧିକାରୀ ପ୍ରଚେଷ୍ଟା ରେ ଆପ୍ରାଣ ଉଦ୍ୟମ ଚାଲିଛି । ଉକ୍ତ ମାଧପୁର ରେଞ୍ଜ ରେ ତଳଗାଁ, ମାଧପୁର ଓ ଆଡ଼େନି ଗଡ଼ ୩ଗୋଟି ଫରେଷ୍ଟ ସେକ୍ସନ ଥିବା ବେଳେ ତଳଗାଁ ସେକ୍ସନ ରେ ଗଣ୍ଡାପାଜୁ, ତଳଗାଁ, ସାତଖଣ୍ଡ ଓ ରାଣୀସାହି ଆଦି ୪ଗୋଟି ଫରେଷ୍ଟ ବିଟ ରହିଛି ଏବଂ ଦୁଇଗୋଟି ସଂରକ୍ଷିତ ଜଙ୍ଗଲ ୧୦ ହଜାର ହେକ୍ଟର ପରିମିତ ଘଞ୍ଚ ଜଙ୍ଗଲ ରହିଛି । ମୁକ୍ତେଶ୍ୱର ସଂରକ୍ଷିତ ଜଙ୍ଗଲ ୯ଗୋଟି କମ୍ପାଟମେଣ୍ଟ ଗଣ୍ଡାପାଜୁ ଠାରୁ ରାକାଡି ପର୍ଯ୍ୟନ୍ତ ଲମ୍ବିଥିବା ବେଳେ ହାତୀଧାରା ସଂରକ୍ଷିତ ଜଙ୍ଗଲ ରେ ୧୯ଗୋଟି କମ୍ପାଟମେଣ୍ଟ ,ବାଣିଗୋଛା ଠାରୁ ଗେରେଡି ସାହି ପର୍ଯ୍ୟନ୍ତ ସୀମା ଧର୍ଯ୍ୟ ରହିଛି । ସମୁଦାୟ ୪ଗୋଟି ବିଟ ର ୨୮ଗୋଟି କମ୍ପଟମେଣ୍ଟ ର ନିଆଁ କୁ ଆୟତ୍ତ କରିବା ପାଇଁ ମାତ୍ର ୩ଜଣ ନିଆଁ ଲିଭା କର୍ମଚାରୀ ନିଯୁକ୍ତି ହୋଇଛନ୍ତି ଓ ୩ଗୋଟି ନିଆଁ ଲିଭା ଯନ୍ତ୍ର ସାହାଯ୍ୟ ରେ ନିଆଁ କୁ ଆୟତ୍ତ କରାଯାଉଛି । ସେହିପରି ଉକ୍ତ ମାଧପୁର ରେଞ୍ଜର ଅନ୍ୟ ଦୁଇଗୋଟି ମାଧପୁର ଓ ଆଡ଼େନି ଗଡ଼ ଫରେଷ୍ଟ ସେକ୍ସନ ୫ଗୋଟି ବିଟ ଏବଂ ୩ଗୋଟି ବିଟକୁ ମିଶାଇ ୧୧ଗୋଟି ବିଟ ରେ ନିଆଁ ଲିଭାଇବା ପାଇଁ ୧୦ଜଣ ନିଆଁ ଲିଭା କର୍ମଚାରୀ ନିଯୁକ୍ତି ରହିଛନ୍ତି । ଉକ୍ତ ମାଧପୁର ରେଞ୍ଜ ର ସମୁଦାୟ ୨୫ହଜାର ରୁ ଉର୍ଦ୍ଧ୍ୱ କ୍ଷେତ୍ର ଫଳ ରେ ଜଙ୍ଗଲ ସୀମା ରହିଥିବା ବେଳେ ମାତ୍ର ୧୦ଜଣ ନିଆଁ ଲିଭା କର୍ମ ଚାରି ନିଯୁକ୍ତି ରହି କିଭଳି ନିଆଁ କୁ ଆୟତ୍ତ କରିପାରିବେ ତାହା ଚିନ୍ତାର ବିଷୟ ପାଲଟିଛି । ଅନ୍ୟ ପଟେ ହାତୀ ସୁରକ୍ଷା କର୍ମୀ ମଧ୍ୟ ଏହି ନିଆଁ ଲିଭା ରେ ନିୟୋଜିତ ହୋଇଛନ୍ତି । ବର୍ତମାନ ଗ୍ରୀଷ୍ମ ପ୍ରଭାବ ସହିତ ଜଙ୍ଗଲ ପୋଡିକୁ ଆୟତ୍ତ କରିବାରେ ମାଧପୁର ରେଞ୍ଜ ଅଧିକାରୀ ଆସିକ କୁମାର ଦିଗାଲ ଙ୍କ ନେତୃତ୍ୱରେ ସମସ୍ତ ରେଞ୍ଜ ଅଂଚଳ ରେ ବନପାଳ, ବନରକ୍ଷୀ,ନିଆଁ ଲିଭା କର୍ମଚାରୀ ଓ ହାତୀ ସୁରକ୍ଷା କର୍ମଚାରୀ ଦିନ ରାତି ଏକ କରି ନିଆଁକୁ ଆୟତ୍ତ କରିବାରେ ଚେଷ୍ଟା ଚଳାଇଛନ୍ତି । କିନ୍ତୁ ଆୟତନ ଅନୁଯାଇ ନିଆଁ ଲିଭା କର୍ମଚାରୀ ଯଥେଷ୍ଟ ନ ଥିବାରୁ ନିଆଁ କୁ ଆୟତ୍ତ କରିବାରେ ସ୍ଥାନେ ସ୍ଥାନେ ଅସକ୍ଷମ ହେଉଛି ଓ ଜଙ୍ଗଲ ନିଆଁ ଆୟତ୍ତ ବାହାରେ ରହୁଛି । ଏଣୁ ବୌଦ୍ଧ ବନଖଣ୍ଡ ଅଧିକାରୀ ଉକ୍ତ ମାଧପୁର ରେଞ୍ଜ ରେ ନିଆଁ ଲିଭା କର୍ମଚାରୀ ଆଉ ଅଧିକ ନିଯୁକ୍ତି କଲେ ରେଞ୍ଜ ପକ୍ଷରୁ ଜଙ୍ଗଲ ନିଆଁ ଆୟତ୍ତ ହୋଇ ପାରିବ ଓ ଜଙ୍ଗଲ ଏବଂ ଜଙ୍ଗଲ ଜାତ ପଶୁ ପକ୍ଷୀ ସହିତ ପରିବେଶ ସନ୍ତୁଳିତ ରହିବ ବୋଲି ପରିବେଶ ବିତ ମହଲରେ ଦାବି ହେଉଛି ।

# ବାସୁଦେବପୁର ତହସିଲଦାରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ବାସୁଦେବପୁର ୨୧/୩ (ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ତହସିଲ ରେ ଦୀର୍ଘ ୨ ବର୍ଷ ୪ ମାସ ଧରି ସୌଭାଗ୍ୟ ରଞ୍ଜନ ପଣ୍ଡା ତହସିଲଦାର ଭାବରେ କାର୍ଯ୍ୟକରି ବାସୁଦେବପୁର କୁ ୧ ନମ୍ବର ତହସିଲରେ ପରିଣତ କରିବାରେ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ପଦୋନ୍ନତି ହୋଇ ଅନ୍ୟତ୍ର ବଦଳି ହୋଇଯିବା କାରଣରୁ ବାସୁଦେବପୁର ବାସୀଙ୍କୁ ଛାଡ଼ି ଯିବାକୁ ପଡ଼ିଥିଲା । ମାର୍ଚ୍ଚ ମାସ ୧୨ ତାରିଖ ବୁଧବାର ବାସୁଦେବପୁର ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ପ୍ରିୟବ୍ରତ ଦାସଙ୍କ ତତ୍ତ୍ୱାବଧାନରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ପୂର୍ବତନ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ନୂତନ ତହସିଲଦାର ପ୍ରିୟବ୍ରତ ଦାସ ଏବଂ ଅତିରିକ୍ତ ତହସିଲଦାର ଜୟନ୍ତ କୁମାର ରାଉତରାୟ ଙ୍କ ସମେତ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତି ରହିଥିଲେ। ଉକ୍ତ ସଭାରେ ପୂର୍ବତନ ତହସିଲଦାର ସମସ୍ତ କର୍ମଚାରୀ ମାନଙ୍କୁ ସମସ୍ତ କାର୍ଯ୍ୟରେ ନୂତନ ତହସିଲଦାର ଙ୍କୁ ସହଯୋଗ କରିବା ସହିତ ଏକ ପରିବାର ଭଳି ଏକତ୍ରିତ ଭାବରେ ଲୋକମାନଙ୍କ ସମସ୍ୟାର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଏହିକ୍ରମରେ ସମସ୍ତେ ମିଳିତ ଭାବେ କାର୍ଯ୍ୟ କଲେ ବାସୁଦେବପୁର ତହସିଲ ପୁଣି ରାଜ୍ୟରେ ୧ ନମ୍ବର ହୋଇ ରହିବ ବୋଲି କହିଥିଲେ। ଆହୁରି ମଧ୍ୟ କହିଥିଲେ ବାସୁଦେବପୁର ତହସିଲ ଏକ ବୃହତ୍ ତହସିଲ ତେଣୁକରି ତହସିଲକୁ ଆସୁଥିବା ସମସ୍ତ ଜନସାଧାରଣଙ୍କୁ ପ୍ରଥମେ ଭଲ ବ୍ୟବହାର କରିବା ସହିତ ସେମାନଙ୍କ କଥା ଧର୍ଯ୍ୟର ସହିତ ଶୁଣି ତାପରେ ସେମାନଙ୍କ କାର୍ଯ୍ୟ କରିବ କାରଣ ଆମେ ସମସ୍ତ ସରକାରୀ କର୍ମଚାରୀଙ୍କ ଦରମା ସେମାନଙ୍କ ଖଜଣାରୁ ମିଳିଥାଏ। ସେହିପରି ନୂତନ ତହସିଲଦାର କର୍ମଚାରୀ ମାନଙ୍କୁ ମିଳିତ ହୋଇ ଏକ ପରିବାର ର ସଦସ୍ୟ ଭାବରେ କାର୍ଯ୍ୟା କରିବାକୁ ପରାମର୍ଶ ଦେଇଥିଲେ। ଉପସ୍ଥିତ କର୍ମଚାରୀ ମାନେ ବିଦାୟ କାଳୀନ ସମ୍ବର୍ଦ୍ଧନା ରେ ପୂର୍ବତନ ତହସିଲଦାରଙ୍କୁ ପୁଷ୍ପଗୁଚ୍ଛ ସହିତ କିଛି ଉପହାର ପ୍ରଦାନ କରିଥିଲେ । ଶେଷରେ ଅତିରିକ୍ତ ତହସିଲଦାର ଜୟନ୍ତ କୁମାର ରାଉତରାୟ ଉପସ୍ଥିତ ସମସ୍ତ କର୍ମଚାରୀ ମାନଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହିତ ସଭା ସାଙ୍ଗ କରାଯାଇଥିଲା।

# ରାଧାକୃଷ୍ଣଙ୍କ ଆଶିଷ ଭିକ୍ଷା କଲେ ନର୍ଲା ବ୍ଲକ ଅଧ୍ୟକ୍ଷ



ଭବାନୀପାଟଣା,୨୧/୩ (ନି.ପ୍ର): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ରେଖପୁରଠାରେ ମହାସମାରୋହରେ ଚାଲିଛି ନବ ନିର୍ମିତ ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ। କାର୍ଯ୍ୟକ୍ରମର ପଞ୍ଚମ ଦିବସରେ ରାଧାକୃଷ୍ଣଙ୍କ ଗ୍ରାମ୍ୟ ପରିକ୍ରମା, ଚକ୍ର ଭ୍ରମଣ ସହ ଧ୍ୱଜା ସ୍ଥାପନ ଓ ବିଗ୍ରହଙ୍କ ସିଂହାସନ ଆରୋହଣ, ଅଞ୍ଚଳ ପ୍ରତିଷ୍ଠା, ଘୃତ ଯଜ୍ଞର ପୂର୍ଣ୍ଣାହୁତି ଏବଂ ୨୪ ପ୍ରହର ନାମ ଯଜ୍ଞ ପାଇଁ ଶୁଭାଧିବାସ ଆଦି ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଦିନ ରାତିରେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି ଏହି ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ ଯୋଗଦେଇ ରାଧାକୃଷ୍ଣଙ୍କ ଦର୍ଶନ ସହ ଆଶିଷ ଭିକ୍ଷା କରିଛନ୍ତି। ପରମ ଆରାଧ ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କ ପାଇଁ ଏକ ଭବ୍ୟ ମନ୍ଦିର ନିର୍ମାଣ ସହ ବିଗ୍ରହ ପ୍ରତିଷ୍ଠା କରିଥିବାରୁ ରେଖପୁର ଗ୍ରାମବାସୀଙ୍କୁ ସେ ସାଧୁବାଦ ଅର୍ପଣ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ମାର୍ଚ୍ଚ ୭ ରୁ ରେଖପୁର ଗ୍ରାମରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆରମ୍ଭ ହୋଇଛି। ବୁଧବାର ଦିନ ସକାଳୁ ଏହି ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଚବିଶ ପ୍ରହର ଅଖଣ୍ଡ ନାମ ଯଜ୍ଞ ଆରମ୍ଭ ହୋଇଥିବାବେଳେ ୧୫ ତାରିଖ ଦିନ ନାମ ଯଜ୍ଞର ବିଶ୍ରାମ ହେବ। ମନ୍ଦିର ନିର୍ମାଣ କମିଟି ସଭାପତି ଲୋହିତ ପ୍ରସାଦ ଭୋଇ ଓ ମନ୍ଦିର ପ୍ରତିଷ୍ଠା ଏବଂ ପରିଚାଳନା କମିଟି ସଭାପତି ନାରାୟଣ ସେଲମାଙ୍କ ତତ୍ତ୍ୱାବଧାନରେ ୯ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମ ଚାଲିଛି। ଏଥିରେ କମିଟିର କାର୍ଯ୍ୟକର୍ତ୍ତା, ସଦସ୍ୟବୃନ୍ଦ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

# ବ୍ରହ୍ମା କୁମାରୀ ଆଶ୍ରମ ତରଫରୁ ଶିବ ଧ୍ୱଜାରୋହଣ ସମାରୋହ



ବଣାଇ, ୨୧/୩ (ନି.ପ୍ର): ବଣାଇ ରଥ ଛକରେ ଥିବା ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାଖା ଠାରେ ୮୯ ତମ ଶିବ ଜୟନ୍ତୀ ଧ୍ୱଜାରୋହଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରାଉରକେଲା ସବ ଜୋନ ଶାଖାର ସଞ୍ଚାଳିକା ବ୍ରହ୍ମା କୁମାରୀ ବିମଳା ଦିଦି, ସମ୍ମାନିତ ଅତିଥି ଭାବରେ ବ୍ରହ୍ମା କୁମାରୀ ମିତା, ବ୍ରହ୍ମା କୁମାରୀ ଶିବାନୀ, ଜିନ୍ଦଲ ଏବଂ ଷ୍ଟିଲ ପ୍ଲାଣ୍ଟ ର ଅବସର ପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ବିକେ ନିଲୋତପଲ ରାୟ, ବଣାଇ ବାଳିକା ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ତଥା ସାମ୍ବାଦିକ ପ୍ରଦୀପ କୁମାର ସାହୁ ଆଇନଜୀବୀ ସୁରେନ୍ଦ୍ର କିସାନ ଉପସ୍ଥିତ ହୋଇ ଶିବ ଧ୍ୱଜାରୋହଣ କରି ଦ୍ୱୀପ ପ୍ରଜ୍ୱଳନ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମ ଶିବରାତ୍ରୀ ଠାରୁ ଏକ ମାସ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳର ଗୀତା ପାଠଶାଳାରେ ଚାଲିବାକୁ ଥିବାବେଳେ ଉପସ୍ଥିତ ଥିବା ସମସ୍ତ ବ୍ରହ୍ମା କୁମାର ବ୍ରହ୍ମା କୁମାରୀ ମାନଙ୍କୁ ପରମ ପିତା ପରମାତ୍ମାଙ୍କ ଦିବ୍ୟ ସନ୍ଦେଶ ମୁଖ୍ୟ ଅତିଥି ବିକେ ବିମଳା ଦିଦି ପ୍ରଦାନ କରିଥିଲେ । ଏହି ଉତ୍ସବରେ ବଣାଇ ଉପଖଣ୍ଡର ୮ ଟି ଗୀତା ପାଠଶାଳାର ଭାଇ ଭଉଣୀ ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ । ଏହି ଉତ୍ସବକୁ ବ୍ରହ୍ମା କୁମାରୀ ଆଶ୍ରମର ସଂଚାଳିକା ବିକେ ପ୍ରଭାତୀ ପରିଚାଳନା କରିଥିଲେ ।

# ଦୋଳ ଉତ୍ସବରେ ତିନି ଜଣଙ୍କୁ ମରଣୋତ୍ତର ସମ୍ମାନରେ ସମ୍ମାନିତ




ଭବାନିପାଟଣା ୨୧/୩ (ନି.ପ୍ର): ଭବାନୀପାଟଣା ସ୍ଥିତ ପୁରୁଣାପଡା ଶ୍ରୀ ଶ୍ରୀ ରାଧା କ୍ରିଷ୍ଣା ମନ୍ଦିର ଦୋଳଯାତ୍ରା ଅବସର ରେ ସ୍କୁଲ ଛକ କମିଟି ପକ୍ଷରୁ ଦୋଳ ଉତ୍ସବ ପାଳନ ହୋଇ ଯାଇଛି ।ଉତ୍ସବ କମିଟି ର ସଭାପତି ସନ୍ତୋଷ ପ୍ରଧାନଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ଦୋଳ ଉତ୍ସବ କାର୍ଯ୍ୟକ୍ରମରେ ଯୁବ ସମାଜ ସେବୀ ଲକ୍ଷ୍ମୀ ନାରାୟଣ ପଣ୍ଡା ଏବଂ ଭଗବାନ ବିଶୋଇ ମଞ୍ଚ ପରିଚାଳନା କରିଥିଲେ ।ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗର ଶିକ୍ଷା ମଣ୍ଡଳ ନୀରିକ୍ଷକ କୈଳାଶ ଚନ୍ଦ୍ର ମହାରଣା ମୁଖ୍ୟ ଅତିଥି ଭାବେ ଏହି ଉତ୍ସବ ରେ ଯୋଗ ଦେଇଥିଲେ ।ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ବକ୍ତା,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଇନ୍ଦ୍ରଜିତ୍ ମହାଖୁଡ ମଧ ଏହି ଉତ୍ସବ ରେ ଯୋଗଦାନ କରିଥିଲେ ।ଅନ୍ୟତମ ,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମା ଚରଣ ପ୍ରଧାନ,ରାଜସ୍ୱ ନୀରିକ୍ଷକ ମଦନ ମାଝୀ ପ୍ରମୂଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଦୋଳ ଉତ୍ସବ ର ମହତ୍ୱ ସମ୍ପର୍କ ରେ ମତବ୍ୟକ୍ତ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଚାରି ଜଣଙ୍କୁ ସମ୍ମାନୀତ କରିଥିଲେ। ସ୍ୱର୍ଗତ ବୃନ୍ଦାବନ ସାହୁ, ସ୍ୱର୍ଗତ କେଶବ ଭୋଇ, ସ୍ୱର୍ଗତ କୀର୍ତ୍ତନ ଡାକୁଆଙ୍କୁ ମରଣୋତ୍ତର ସମ୍ମାନ ରେ ସମ୍ମାନିତ କରାଯାଇଥିବା ବେଳେ ସୁଦର୍ଶନ ହଂସଙ୍କୁ ମଧ ଏହି ଉତ୍ସବ ରେ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗୀତା, ସାଧାରଣ ଜ୍ଞାନ, ରଙ୍ଗୋଲି, ହୁଳହୁଳି ଓ ଉତ୍ପାନ୍ନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୀତାକାନ୍ତ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ, ସମ୍ପାଦକ କମ୍ପୁ ପାଣି ପରିଛା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟ ରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ମୁରିବାହାଲ ୨୧/୩ (ନି.ପ୍ର): ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟରେ ବୁଧବାର ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି କ୍ଷ ଡିଗ୍ରୀ କଲେଜ ଅଧକ୍ଷ ସରୋଜ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଉଦଯାପନୀ ଉତ୍ସବରେ ମୁରିବାହାଲ ଥାନା ସବ-ଇନ୍ସପେକ୍ଟର ପଙ୍କଜିନୀ ବାଗ, ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ଓଡ଼ିଆ ଅଧ୍ୟାପକ ଦିଲୀପ କୁମାର ପଶାୟତ,ମାଷ୍ଟର ଟ୍ରେନର ଯାଜ୍ଞସେନୀ ମାଝୀ, ପ୍ରୋଗ୍ରାମ କୋରଡିନେଟର ଅଧ୍ୟାପିକା ସରିତା ରଣା ମଞ୍ଚାସିନ ଥିଲେ। ଏହି ଅବସରରେ ଅତିଥି ବୃନ୍ଦ ଆତ୍ମ ସୁରକ୍ଷା ପାଇଁ ଛାତ୍ରୀ ମାନେ ନିର୍ଭୟ ହେବା ସହ ଦୃଢ ମନରେ କାର୍ଯ୍ୟ କରିବା ଉପରେ, ନିଜକୁ କେବେବି ଅସହାୟ ନ ହୋଇ ସମାଜ ଗଠନ ଦିଗରେ ଯତ୍ନବାନ ହେବା ସହ ପରସ୍ପର କୁ ସହଯୋଗ କରିବା ଆଇନ ବ୍ୟବସ୍ଥା , ସରକାରଙ୍କ ମହିଳା ମାନଙ୍କର ସୁରକ୍ଷା ପାଇଁ ଯୋଜନା ଓ ଛାତ୍ରୀ ମାନଙ୍କୁ ସ୍ୱଭାବ ଓ ଦକ୍ଷତା ଉପରେ ଆଲୋକପାତ କରିଥିଲେ ।ଏହି ତାଲିମ ଶିବିର ୭ ଦିନ ଧରି ଅନୁଷ୍ଠିତ ହୋଇଥିଲା। ୭୮ ଜଣ ଛାତ୍ରୀ ତାଲିମ ଅଂଶଗ୍ରହଣ କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଭୀମରାଓ ରଣା,ଘନଶ୍ୟାମ ଖମାରି, ଗୁଣାସାଗର ମେହେର, ଶରତ ପଧାନ ପ୍ରମୁଖ ସହଗୋଗ କରିଥିଲେ । ଅଧ୍ୟାପିକା ଭିଙ୍ଗରାଜ ରଣା କାର୍ଯ୍ୟକ୍ରମ ସଞ୍ଚଳନା କରିଥିବାବେଳେ ଅଧ୍ୟାପିକା ମିସ ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ପାଣି ପାଇଁ ରାସ୍ତା ରୋକ,ପ୍ରତିଶ୍ରୁତି ପରେ ହଟିଲେ



ଟିକାବାଲି,୨୧/୩ (ନି.ପ୍ର): କନ୍ଧମାଳ ଜିଲ୍ଲା ଟିକାବାଲି ସହରର ଆଦିବାସୀ ସାହିର ମହିଳା ଏବଂ ପୁରୁଷ ଦିର୍ଘଦିନ ହେବ ପାନୀୟ ଜଳ ଯୋଗାଣ ବନ୍ଦ ରହିଥିବା କାରଣରୁ ଟିକାବାଲିର ମୁଖ୍ୟ ରାସ୍ତା ପ୍ରାୟ ୪ ଘଣ୍ଟା କାଳ ବାଲଟି,ଡ୍ରମ,ମାଠିଆ ରଖି ବନ୍ଦ କରିଥିଲେ। ଖବର ପାଇ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି ମାନେ ଘଟଣାସ୍ଥଳରେ ପହଞ୍ଚି ଗୋଷ୍ଠି ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତଙ୍କୁ ସୁଚନା ଦେଇଥିଲେ। ଗୋଷ୍ଠି ଉନ୍ନୟନ ଅଧିକାରୀ ଦୀକ୍ଷିତ ବିଭାଗିୟ ଯନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ପଠେଇଥିଲେ, ବିଭାଗିୟ ଯନ୍ତ୍ରୀ କୌଣସି ପ୍ରକାର ସମାଧାନ କିମ୍ବା ଲୋକଙ୍କୁ ବୁଝାସୁଝା କରିବା ନିମନ୍ତେ ସକ୍ଷମ ହୋଇନଥିଲେ। ପରେ ବାଧ ହୋଇ ଗୋଷ୍ଠି ଉନ୍ନୟନ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୋକ କରିଥିବା ଜନସାଧାରଣଙ୍କୁ ବୁଝାସୁଝା କରିବା ସହ ପ୍ରତିସୃତି ଦେଇଥିଲେ କି ପାନୀୟ ଜଳର ସ୍ଥାୟୀ ସମାଧାନ ନହେବା ଯାଏଁ ସାହିକୁ ପ୍ରତ୍ୟେକ ଦିନ ସକାଳ ଗୋଟିଏ ଟାଙ୍କର ପାନୀୟ ଜଳ ଏବଂ ସନ୍ଧ୍ୟା ସମୟରେ ଗୋଟିଏ ଟାଙ୍କର ପାନୀୟ ଜଳ ଯୋଗେଇ ଦିଆଯିବ ବୋଲି ବିଡ଼ିଓ ମହାଶୟ କହିଥିଲେ। ଏବଂ ସଙ୍ଗେସଙ୍ଗେ ପାନୀୟ ଜଳ ଟାଙ୍କର ମଧ ପହଞ୍ଚି ଯାଇଥିଲା। ପରେ ରାସ୍ତା ରୋକ କରିଥିବା ଜନସାଧାରଣ ହଟି ଯାଇଥିଲେ। ପରେ ଗୋଷ୍ଠି ଉନ୍ନୟନ ଅଧିକାରୀ ଦୀକ୍ଷିତ ସାହି ଭ୍ରମଣ କରି ଲୋକଙ୍କ ଭଲମନ୍ଦ ବୁଝିଥିଲେ।

## ସଂପାଦକୀୟ

# ବିକାଶ ବନାମ ବିନାଶ

ସାମ୍ପ୍ରତିକ ସମୟରେ ସଡ଼କ ଦୁର୍ଘଟଣା ଆମ ଦେଶରେ ଏକ ପ୍ରମୁଖ ସମସ୍ୟା ଭାବେ ମୁଣ୍ଡ ଟେକିଛି। ଦିନକୁ ଦିନ ସଡ଼କ ଦୁର୍ଘଟଣା ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ଟ୍ରାଫିକ୍ ନିୟମ ନ ମାନି ଗାଡ଼ି ଚଳାଇବା, ବେପରୁଆ ବା ଅନ୍ୟମନସ୍କ ହୋଇ ଗାଡ଼ି ଚଳାଇବା, ଦ୍ରୁତ ବେଗରେ ଗାଡ଼ି ଚଳାଇବା ଏବଂ ବିଶେଷକରି ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର କରିବା ଯୋଗୁଁ ଦୁର୍ଘଟଣା ଘଟିବା ଏକ ପ୍ରମୁଖ କାରଣ। ସେହିପରି ଗାଡ଼ି ଚଳାଇବା ବେଳେ ହେଲମେଟ ନ ପିନ୍ଧିବା, ସିଟବେଲ୍ଟ ନ ବାନ୍ଧିବା ଯୋଗୁ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ବ୍ୟାପକ ଭାବେ ବୃଦ୍ଧି ପାଉଛି। ହେଲମେଟ ପିନ୍ଧି ଗାଡ଼ି ଚଳାଇଲେ ଯଦିଓ ଦୁର୍ଘଟଣା ଘଟିବ ଅନ୍ତତଃପକ୍ଷେ ମୁଣ୍ଡ, ଆଖି ଓ କାନ ଆଘାତରୁ ରକ୍ଷା ପାଇପାରିବ। ଇୟର ଫୋନ୍ ବ୍ୟବହାର ଦ୍ୱାରା ଚାଳକ ଅନ୍ୟମନସ୍କ ହୋଇ ଟ୍ରାଫିକ୍ ସିଗନାଲକୁ ଧ୍ୟାନ ଦିଅନ୍ତି ନାହିଁ ଏବଂ ରାସ୍ତାର ଭୁଲ ପାର୍ଶ୍ୱରେ ଗାଡ଼ି ଚଳାଇବା ଦ୍ୱାରା ୫ରୁ ୬ଗୁଣ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇଥାଏ। ଅସୁରକ୍ଷିତ ରାସ୍ତା ଯୋଗୁ ଦୁର୍ଘଟଣା ହାର ବୃଦ୍ଧି ପାଇବା ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ଏକ ଆକଳନରୁ ଜଣାପଡ଼ିଛି ଯେ, ୨୦୨୦ ମସିହା ଅପେକ୍ଷା ୨୦୨୨ ମସିହାରେ ଦୁର୍ଘଟଣା ହାର ୨୫ ଭାଗ ବୃଦ୍ଧି ପାଇଛି। ୨୦୨୨ ମସିହାରେ ୪,୬୩,୪୧୯ଟି ଦୁର୍ଘଟଣା ଘଟିଥିବା ବେଳେ ୧,୬୮,୪୯୫ ଜଣଙ୍କ ମୃତ୍ୟୁ ଘଟିଛି। ସେଥିମଧ୍ୟରୁ ୨୩,୩୨୪ ଜଣ ମହିଳା ଓ ୯୫୩୦ ଶିଶୁ ଅନ୍ତର୍ଭୁକ୍ତ। ମହିଳାଙ୍କ ଅପେକ୍ଷା ପୁରୁଷମାନେ ଅଧିକ ଦୁର୍ଘଟଣାର ଶିକାର ହୋଇଥାନ୍ତି।

ଗମନା ଗମନର ସୁବିଧା ତଥା ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଏବେ ସାରା ଦେଶରେ ଜାତୀୟ ରାଜପଥ ସହିତ ସହରା□ଳ ଓ ଗ୍ରାମା□ଳର ମୁଖ୍ୟରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଦ୍ରୁତ ବେଗରେ ଚାଲୁରହିଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଯୋଗୁ ଲକ୍ଷ ଲକ୍ଷ ପୁରୁଷ ଓ ମହିଳା ସେମାନଙ୍କର ଜୀବନ ଜୀବିକା ହରାଇ ବସିଥିବା ବେଳେ ରାସ୍ତାର ଦୁଇପାର୍ଶ୍ୱରେ କେଉଁ ଅନାଦି କାଳରୁ ରହି ଆସିଥିବା ଶହ ଶହ ବର୍ଷର ବିରାଟକାୟ ଗଛସବୁକୁ କାଟି ନଷ୍ଟ କରିଦିଆଯାଉଛି। ଏହିସବୁ ଗଛ କଟାଯିବା ଫଳରେ ପରିବେଶ ପ୍ରଦୂଷଣର ମାତ୍ରା ବୃଦ୍ଧି ପାଇବ ଓ ଉ□ାପ ମଧ୍ୟ ବୃଦ୍ଧି ପାଇବ। ଏହାର କୁପ୍ରଭାବ ସମଗ୍ର ଜୀବଜଗତ ଉପରେ ପଡ଼ିବ। ସମୟ ଆସିବ ଭାରତ ଏକ ଉ□ପ୍ତ ଦେଶର ମାନ୍ୟତା ପାଇବାକୁ ପଛଘୁ□ା ଦେବନାହିଁ। ଅନେକ ସମୟରେ ଶିଳ୍ପାୟନ, ପ୍ରଶସ୍ତ ସଡ଼କ ଓ ଡ୍ରେନ୍ ଇତ୍ୟାଦି ନିର୍ମାଣରେ ପ୍ରତ୍ୟହ ଲକ୍ଷ ଲକ୍ଷ ଗଛକୁ କାଟି ଦିଆଯାଉଛି। ବିକାଶର କାର୍ଯ୍ୟ ଚଲୁ, ରାସ୍ତା, ଶିଳ୍ପ, ଡ୍ରେନ୍ ଇତ୍ୟାଦି ନିର୍ମାଣ ହେଉ, ମାତ୍ର ଗଛସବୁକୁ କଟାନଯାଉ, ନଚେତ୍ ବୃକ୍ଷଶୂନ୍ୟ ହୋଇଯିବ ଦେଶ। ପ୍ରଦୂଷଣମୁକ୍ତ ଓ ସବୁଜିମାମୟକୁ ଫେରାଇ ଆଣିବା ଦିଗରେ ଆଉ ଗଛଗୁଡ଼ିକୁ ନ କାଟି ସ୍ଥାନାନ୍ତରୀଣ ପ୍ରରୋପଣ କୌଶଳ ଆପଣାଇବା ଦରକାର। ପାଶ୍ଚାତ୍ୟ ଦେଶ ସମେତ ଭାରତର ଅନେକ ପଡ଼ୋଶୀ ରାଜ୍ୟରେ ଏବେ ଟ୍ରି-ଟ୍ରାନ୍ସପ୍ଲା□ର ମେସିନକୁ ଅଧିକ ପରିମାଣରେ ଗୁରୁତ୍ୱ ଦେଉଥିବାର ଦେଖିବାକୁ ମିଳୁଛି। ଏହି ମେସିନ ସାହାଯ୍ୟରେ ଶହ ଶହ ବର୍ଷର ଗଛକୁ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ସହଜରେ ସ୍ଥାନାନ୍ତରଣ କରାଯାଇ ପାରିବ। ଫଳରେ ବିକାଶ କାର୍ଯ୍ୟ ସହଜରେ ହୋଇପାରିବ ଓ ଗଛ ମଧ୍ୟ ସୁରକ୍ଷିତ ଭାବେ ବ□ି ରହିବ। ମାତ୍ର ଏଥିପ୍ରତି କୌଣସି ବିକଳ୍ପ ବ୍ୟବସ୍ଥା ହାତକୁ ନ ନେବା ଯୋଗୁ ଅନାୟସରେ ଲକ୍ଷ ଲକ୍ଷ ଗଛ କଳପଡୁଛି।

ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଯୋଗୁ ରାସ୍ତା ତ ଚଉଡ଼ା ହେଉଛି। ହେଲେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଲକ୍ଷ ଲକ୍ଷ ବାସଗୃହ ଓ ଦୋକାନ ଗୃହକୁ ବୁଲଡୋଜର ସାହାଯ୍ୟରେ ଭାଙ୍ଗି ମାଟିରେ ମିଶାଯାଉଛି। ଫଳରେ ଅନେକ ଲୋକ ବାସଶୂନ୍ୟ ହେଉଛନ୍ତି ଏବଂ ବହୁ ଲୋକ ନିଜର ଦୀର୍ଘ ଦିନର ବ୍ୟବସାୟକୁ ହରାଇ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି ଏବଂ ପରିବାର ପ୍ରତିପୋଷଣ କରିବାକୁ ଅକ୍ଷମ ହୋଇପଡ଼ିଛନ୍ତି। ଯଦିଓ କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି, ତାହା ସମୁଦ୍ରକୁ ଶଙ୍ଖେ। ଏହି ଆର୍ଥିକ ସହାୟତାକୁ ବିନିଯୋଗ କରି ପୁନର୍ବାର ଘରଖଣ୍ଡେ କରି ବ୍ୟବସାୟ ଆରମ୍ଭ କରିବାକୁ ହେଲେ ଅନେକ ସମୟ ଲାଗିବ ଓ ବ୍ୟବସାୟର ପୂର୍ବାବସ୍ଥାକୁ ଫେରି ଆର୍ଥିକସ୍ଥିତି ସୁଦୃଢ଼ କରିବାକୁ କେତେ ବର୍ଷ ଲାଗିବ ତାହା କହିବା ମୁସ୍କିଲ। ସେହିପରି ରାସ୍ତା ସମ୍ପ୍ରସାରଣ ପାଇଁ କଟାଯାଉଥିବା ଗଛମାନଙ୍କ ପ୍ରଭାବରେ ପରିବେଶ ମାତ୍ରାଧିକ ଭାବରେ ପ୍ରଭାବିତ ହେବ। ଯେଉଁ ଅନୁପାତରେ ଗଛସବୁ କଟା ଚାଲିଛି, ସେହି ଅନୁପାତରେ ବୃକ୍ଷରୋପଣ କରାଯାଉ ନାହିଁ। ଜଙ୍ଗଲ ସୁରକ୍ଷା, ଗଛର ସୁରକ୍ଷା ପରିବ□ ବ୍ୟାପକ ବୃକ୍ଷ ଛେଦନ ଯୋଗୁ ଅମ୍ଳଜାନର ଅଭାବ ପରିପୂରଣ ପାଇଁ ଯଥେଷ୍ଟ ଗଛ ନଥିବାରୁ ଦିଲ୍ଲୀ, ମୁମ୍ବାଇ ଆଦି ସହରରେ ଅକ୍ସିଜେନ ପାର୍ଲରମାନ ଖୋଲିଲାଣି ଏବଂ ଦୋକାନ ବଜାରରେ ତଥା ଚୀନର ରାଜଧାନୀ ବେଜିଂରେ ୧୮ ଡଲାରରେ ଏକ ଲିଟର ଅମ୍ଳଜାନ ବିକ୍ରି ହେଲାଣି। ଅନୁରୂପ ଭାବରେ ଦିଲ୍ଲୀ, ମୁମ୍ବାଇ ଆଦି ପ୍ରଦୂଷିତ ସହରମାନଙ୍କରେ ଅକ୍ସିଜେନ ଥଳି ଦୋକାନ ବଜାରରେ ବିକ୍ରି ହେବା ଆରମ୍ଭ ହେଲାଣି। ତେଣୁ ଆଗାମୀ ଦିନରେ ବାହାରକୁ ଗଲେ ଏକ ସଫା ପାଣି ବୋତଲ ସହ ଅକ୍ସିଜେନ ଥଳି ଧରି ଯିବାର ସମୟ ଆସୁଛି। ଗଛସବୁ କଟାଯିବା ଯୋଗୁ ସମଗ୍ର ବିଶ୍ୱର ପରିବେଶ ପ୍ରଦୂଷଣ, ଜଳବାୟୁ ପରିବ□ନ, ବିଶ୍ୱତାପନ ମୁଖ୍ୟ ସମସ୍ୟା ହୋଇ ଠିଆ ହୋଇଛି। ଏହାଦ୍ୱାରା ଖୁବ୍ ଶୀଘ୍ର ସମୁଦ୍ର ପତନ ବୃଦ୍ଧି ପାଇ ବିଶ୍ୱର ଅନେକ ସମୁଦ୍ର ତଟସ୍ଥ ସହର, ଦେଶ ତଥା ରାଜ୍ୟର ବହୁ ସହର ୫ ଫୁଟ ପାଣି ଭିତରେ ରହିବ ବୋଲି ବିଶ୍ୱ ପରିବେଶବିଜ୍ଞାନୀମାନେ ପୂର୍ବାନୁମାନ କରିଛନ୍ତି। ଯଦିଓ ପ୍ରଶାସନ ପକ୍ଷରୁ ବ୍ୟାପକ ବୃକ୍ଷରୋପଣ କରାଯାଏ, ତେବେ କଟା ଯାଇଥିବା ଗଛ ଗୁଡ଼ିକର ଅଭାବ ପୂରଣ ପାଇଁ କେତେଶହ ବର୍ଷ ଲାଗିବ ତାହା ଆମର ଆଗାମୀ ଭବିଷ୍ୟତର ପୀଢ଼ିମାନେ ଦେଖିବାକୁ ବାକିରହିଲା।

ରାସ୍ତା ସମ୍ପ୍ରସାରଣ ବା ଓସାର ଫଳରେ ଗମନା ଗମନର ସୁବିଧା ହେବ ସତ, ମାତ୍ର ସଡ଼କ ଦୁର୍ଘଟଣା ମାତ୍ରାଧିକ ବୃଦ୍ଧି ପାଇବ। ବ□ମାନ ଦିନକୁ ଦିନ ଗାଡ଼ି ମଟର ସଂଖ୍ୟା ବଢ଼ିବାରେ ଲାଗିଛି। ରାସ୍ତା ସମ୍ପ୍ରସାରଣ ଫଳରେ ଚାଳକମାନେ ଅଧିକ ବେଗରେ ଗାଡ଼ି ଚଳାଇବେ। ବିଶେଷକରି ଯୁବଗୋଷ୍ଠୀମାନେ ଆବଶ୍ୟକତା ଠାରୁ ଅଧିକ ବେଗରେ ବେପରୁଆ ଭାବେ ଗାଡ଼ି ଚଳାଇବେ ଏବଂ ରାସ୍ତାରେ ଚାଲି ଚାଲି ଯାଉଥିବା ବ୍ୟକ୍ତି ଓ ସାଇକେଲ ଆରୋହୀମାନେ ବିଶେଷଭାବେ ଦୁର୍ଘଟଣାର ଶିକାର ହେବେ। ଯାହା ବ୍ୟକ୍ତି ଓ ପରିବାର ପାଇଁ ଆର୍ଥିକ ବୋଝ ପାଲଟିବ। ଏହି ସଡକ ଦୁର୍ଘଟଣାରେ କିଏ ବାପକୁ ହରାଇବ, ତ କିଏ ପୁଅକୁ ହରାଇବ ଆଉ କିଏ ଭାଇକୁ ହରାଇ ତ ଆଉ କେହି ସବୁଦିନ ପାଇଁ ଅକର୍ମଣ୍ୟ ହୋଇ ଜୀବନ ସହ ସଂଗ୍ରାମ କରି ବ□ିବ। ଖାଦ୍ୟ, ବସ୍ତ୍ର ଓ ବାସଗୃହ ପରି ଗଛ ମଧ୍ୟ ମଣିଷ ପାଇଁ ନିହାତି ଅପରିହାର୍ଯ୍ୟ। ତୃଷ୍ଣା ନିବାରଣ ପାଇଁ ଖାଦ୍ୟ, ଲଜ୍ଜା ନିବାରଣ ପାଇଁ ବସ୍ତ୍ର, ଖରା, ବର୍ଷା ଓ ଶୀତ ଦାଉରୁ ରକ୍ଷା ପାଇଁ ଖଣ୍ଡିଏ ବାସଗୃହ ଏବଂ ସୁସ୍ଥ ପରିବେଶ, ମୁକ୍ତ ପବନ ପାଇଁ ଗଛଟିଏ ପ୍ରତ୍ୟେକ ମଣିଷର ନହାତି ଦରକାର। ସାମ୍ପ୍ରତିକ ସମୟରେ ପରିବେଶ ସୁରକ୍ଷା, ଉ□ାପ ବୃଦ୍ଧି ଓ ଜଳବାୟୁ ପରିବ□ନ ଆଦି ଦୈବ ଦୁର୍ବିପାକରୁ ଉଦ୍ଭିଦ ଜଗତ ଓ ପ୍ରାଣୀ ଜଗତକୁ ରକ୍ଷା କରିବା ପାଇଁ ବୃକ୍ଷରୋପଣ ଏକ ଶ୍ରେଷ୍ଠ ମାଧ୍ୟମ। ତେଣୁ ଗଛଟିଏ ଲଗାଇବା ବଦଳରେ ବିକାଶ ନାମରେ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରି କେଉଁ ଅନାଦି କାଳରୁ ରହି ଆସିଥିବା ଗଛ ସବୁକୁ କାଟି ଧ୍ୱଂସ କରିବା, ରାସ୍ତାକଡ଼ରେ ଥିବା ଦୋକାନ ଗୁଡ଼ିକୁ ଭାଙ୍ଗି ଗରିବ ଲୋକମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଦୁର୍ବଳ କରି ରାସ୍ତା ପ୍ରଶସ୍ତିକରଣ କରିବା ଦ୍ୱାରା ରାଜ୍ୟ ତଥା ଦେଶର ବିକାଶ ହେବ ନା ବିନାଶ, ତାହା ପାଠକେ ବିଚାର କରିବେ।

# ଦ୍ରୌପଦୀର ମନସ୍ତତ୍ତ୍ୱ

ଦେବସ୍ମିତା ମହାରଣା

ବିଶ୍ୱର ସର୍ବ ବୃହତ ଧର୍ମଯୁଦ୍ଧର ନାୟିକା, ଦ୍ରୌପଦୀ । ପଞ୍ଚପତିଙ୍କ ସହ୍ୟାସାୟିନୀ । ସମର ସଙ୍କଟ ରଣ ପ୍ରାଙ୍ଗଣକୁ ପ୍ରେରିତ କଲା କୋମଳମତି ପୁତ୍ରମାନଙ୍କୁ । ସେମାନଙ୍କ ମୃତ୍ୟୁ ଭାର ବହିଲା ମସ୍ତକରେ । ସାମାନ୍ୟ ଅପମାନ ପାଇଁ କୁରୁକୁଳର ବିନାଶ କଲା । ହୃଦୟର ଧିରତା ପାଇଁ ପାନ କଲା ଦୁଶାସନର ରକ୍ତ । ଆହୁରି ଅନେକ କଥା । ଏପରି ଅନେକ ଲାଞ୍ଛନାପୂର୍ଣ୍ଣ କଣ୍ଟକିତ ସଜ୍ୟାର ଶରବ୍ୟ ହୋଇଛି ଦ୍ରୌପଦୀ । ଜନ୍ମ କାଳରୁ ଆରମ୍ଭ କରି ମହାପ୍ରସ୍ଥାନିକ ଯାତ୍ରାର ଅନ୍ତ ପର୍ଯ୍ୟନ୍ତ, କେଉଁ ପରିସ୍ଥିତିରେ କାହିଁ କେବେ ସୁଖ ଭୋଗ କରିନାହିଁ କୃଷ୍ଣା । ଜୀବନର ପ୍ରତ୍ୟକ ପାଦରେ ପରୀକ୍ଷିତ ହୋଇଛି ଜଟିଳ ଜୀବନର କଷଟି ପ୍ରସ୍ଥର ମଧ୍ୟରେ । ଜଣେ ରାଜଜେମା ମୁଁ । ଇଚ୍ଛାଥିଲେ କଣ ବା ଅଭାବ ରହିଥାନ୍ତା ମୋହର । ମୋର ଭାଗ୍ୟର ଡୋର କିନ୍ତୁ ନିୟନ୍ତ୍ରିତ ଅନ୍ୟକାହା ହାତରେ । କ୍ଷମତା ପ୍ରତିପତ୍ତି ସମ୍ପଦ ଥାଇ ମଧ୍ୟ ନିସ୍ୱତାରେ ଜର୍ଜରିତ ଜୀବନକୁ ଅତି ପାଖରୁ ଅନୁଭବ କରିଛି ମୁଁ । କଣ ବା ଅପରାଧ କରିଥିଲି ମୁଁ । କଣ ଥିଲା ମୋହର ପାପ । ସଂସାରରେ ଏପରି ଅନେକ ଅସମାହିତ ପ୍ରଶ୍ନ ଅନେକ ବୁଦ୍ଧିଜୀବୀ, ଆବାଳବୃଦ୍ଧବନିତାଙ୍କୁ ଡହଳ ବିକଳ କରିଛି । ଆଉ ଏଇ ପ୍ରୟାସ ଜାରି ରଖିଛି ମଧ୍ୟ । ମୋ ପରି ଅନେକ ବ୍ୟକ୍ତି ଏହି ଗୋଲକ ଧନ୍ଦାରେ ଫାନ୍ଦି ହୋଇଛନ୍ତି । ସେଠାରୁ ମୁକୁଳିବାର ସ୍ୱପ୍ନ ଦେଖିବା ମୂର୍ଖତାର ପରିଚୟ । ହଁ ଏହା କରାଯାଇପାରେ, ପ୍ରକୃତରେ କହିବାକୁ ଗଲେ କରିବାର କିଛି ନାହିଁ । ନିଜର ଜୀବନ ରେଖାଟି ଡାକ୍ତରଖାନାର ହାର୍ଟରେଟ୍ ମେସିନରେ ସରଳ ହୋଇଗଲା ପରେ ଆଉ ଏହି ପ୍ରକାର ଖଣ୍ଡା ଝୁଲିବାର ଭୟ ନଥାଏ । ତେବେ ତାହା ମଧ୍ୟ କେତେ ଦୂର ସତ୍ୟ ଏହାର ପ୍ରମାଣ ଅଦ୍ୟାବଧି ବୈଜ୍ଞାନିକ ମାନେ ବାହାର କରିପାରିନାହାଁନ୍ତି । ତେବେ ଭୂଲୋକ ତ୍ୟାଗ ପରେ ମୃତ୍ୟୁଲୋକରେ କି ପ୍ରକାର ସୁବିଧା ଉପଲବ୍ଧ ତାହାର ବର୍ଣ୍ଣନା ଅନେକ ଥିଲେ ମଧ୍ୟ, ସନ୍ତୋଷଜନକ ଉତ୍ତରର ଅଦ୍ୟାପି ଅଭାବ ରହିଛି । ତାହା ତ ବିଷୟ ବହିଃର୍ଭୂତ ଆଲୋଚନା । କହିବାର କଥା ହେଲା, ଶାସ୍ତ୍ରମତେ ଦେଖିବାକୁ ଗଲେ, ସେକାଳର ସର୍ବାଙ୍ଗ ସୁନ୍ଦରୀ ମଧ୍ୟରୁ ଜଣେ ନାରୀ, ରୂପ ଯୌବନର ପୂର୍ଣ୍ଣ କୁମ୍ଭ ଭରା ତନୁ ଧରି ଧରାବତରଣ କରିଥିଲି ମୁଁ, ଧ୍ରୁପଦ କନ୍ୟା ଦ୍ରୌପଦୀ । ଜ୍ଞାନ, ଶାସ୍ତ୍ରବିଦ୍ୟା, ଅସ୍ତ୍ରବିଦ୍ୟା, କୁଟିଳତା ଆଦିରେ ପରିପୂର୍ଣ୍ଣ ଶରୀରଟି ଲାଭ କରିଥିଲେ ମଧ୍ୟ ପ୍ରତି ପାଦେ ଝୁଣ୍ଟିପଡିବା ମୋ କପାଳ ଲିଖନ ଥିଲା । ସତେ ଅବା ଏହି ସମସ୍ତ ଜ୍ଞାନ କେବଳ ପେଡି ସାଇତା ହୋଇ ରହିଲା ପରି ମନେହୁଏ । ଏହାର ବ୍ୟବହାର କରି ବିପଦକୁ ଦୂରେଇ ଦେବା ମୋ ପକ୍ଷରେ ଅସମର୍ଥତା ଥିଲା କୁହାଯାଇପାରେ । ପ୍ରକୃତ ପକ୍ଷେ କଣ ମଣିଷ ଭାଗ୍ୟ ହସ୍ତର କ୍ରୀଡନକ ମାତ୍ର । ଯଦି ଏହା ସତ୍ୟ, ଯଦି ଜନ୍ମି ଥିବା ପ୍ରତ୍ୟେକ ମଣିଷକୁ ଦଇବ ଦଉଡି ଯୋଖି ଟାଣେ ତେବେ କାହିଁକି ପୁଣି କୁହାଯାଏ, ମନୁଷ୍ୟ ଦେହେ ଦିବ୍ୟ ଜ୍ଞାନଦେଖି ସନ୍ତୋଷ ଭଗବାନ ।ପୁଣି ଏହାର କାଟ ସ୍ୱରୂପ ଏକଥା ମଧ୍ୟ ରହିଛି,କରି କରାଉଥାଏ ମୁହିଁମୋ ବିନୁ ଅନ୍ୟ ଗତି ନାହିଁ ।ଭାରି ବିଚିତ୍ର ଏ ଦୁନିଆ ଓ ଏ ଦୁନିଆର ରୀତି । ଜନ୍ମ କାଳରୁ ବାଲ୍ୟ କାଳ ଦେଖିନାହିଁ । ସମିଧପୂର୍ଣ୍ଣ ଯଜ୍ଞକୁଣ୍ଡରୁ ଏ ଧରାରେ ପାଦ ଥାପିଲା କ୍ଷଣି । ମୋ ଉପରେ ଲଦି ଦିଆଯାଇଛି, ସାଂସାରିକ ଦାୟିତ୍ୱବୋଧ । ବାଲ୍ୟ ସୁଲଭ ଗୁଣ ପ୍ରକାଶ ପାଇବା ପୂର୍ବରୁ ମୁଁ ସାଜିଥିଲି ରଣାଙ୍ଗନା । ପିତାଙ୍କ ସମ୍ମାନ ଫେରାଇ ଆଣିବାର ଦାୟିତ୍ୱ ନ୍ୟସ୍ତ ହେଲା ଭ୍ରାତା ଶ୍ରୀଖଣ୍ଡି ଓ ମୋ ସ୍କନ୍ଧରେ । ଯୌବନ ପ୍ରାପ୍ତିର ପର ଦିନ ହେଲି ପଞ୍ଚପତିଙ୍କ ଏକମାତ୍ର ଧର୍ମପତ୍ନୀ ବା ଅର୍ଦ୍ଧାଙ୍ଗିନୀ । ପୁରୁଷ ପାଞ୍ଚ ଛାଡି ପାଞ୍ଚ ଶହଶ୍ର ପତ୍ନୀଙ୍କୁ ବରି ପାରିବ । ଅର୍ଥାତ୍ ନାରୀଟିଏ କିପରି ନିଜକୁ ପଞ୍ଚପତିଙ୍କ ସମକ୍ଷରେ ସମର୍ପି ପାରିବ । ପୁରୁଷ ମନରେ ଅନେକ ନାରୀ ପ୍ରତି ଭାବନା ଆସେ ଯାଏ, ଏହା ଏକ ଗତନୁଗତିକ ପ୍ରକ୍ରିୟା । କିନ୍ତୁ ନାରୀ ଟିଏ ହାରିଯାଏ ତାର ସମ୍ବେଦନଶୀଳତା ସାମ୍ନାରେ । ଦେହ ଅପେକ୍ଷାକୃତ ଗୌଣ ପଦାର୍ଥ ନାରୀ ଟିଏ ପାଇଁ । ତା ପାଇଁ ଆତ୍ମିୟ ଭାବନା ବେଶି ପ୍ରଭାବଶାଳୀ । ସେଥିପାଇଁ ସେ ଥରେ ଯାହାକୁ ଭଲପାଇ ବଶେ, ତାକୁ ପାଶୋରି ଦେବା ତା ପକ୍ଷରେ ସହଜସାପେକ୍ଷ ଆଦୌ ନୁହେଁ । ଅବଶ୍ୟ ମୋ କ୍ଷେତ୍ରରେ ଏପରି ହେବାଟା ବୋଧହୁଏ ପ୍ରଥମ । ଏହି ସର୍ବପ୍ରଥମ ସ୍ଥାନଟି ଅଳଙ୍କୃତ କରିବା ପାଇଁ ମୁଁ କେତେ ଯେ କଷଣ ସହିଛି ତାହା ବର୍ଣ୍ଣିବା କଷ୍ଟ । ଅଥଚ ମୋର ଭୂତ କାଳରେ ଏହା କେବେବି ସମ୍ମାନଜନକ କାର୍ଯ୍ୟ ନଥିଲା । ଏହାରି ପାଇଁ ପ୍ରତିକ୍ଷଣ ମୁଁ ଦେଇଛି ଅଗ୍ନି ପରୀକ୍ଷା । ଉତ୍ତମ ଠାରୁ ଆରମ୍ଭ କରି ଅଧମ ବ୍ୟକ୍ତିଙ୍କ ବାକ୍ୟ ବାଣରେ ଶରବ୍ୟ ହୋଇଛି । ଅଙ୍ଗ ପ୍ରତ୍ୟେଙ୍ଗ ଛିନଭିନ୍ ହୋଇଯାଇଛି । ସେହି ପିଡାରେ କେତେବେଳେ ବା ରାତି ପାହିଯାଏ ତାହାର ହିସାବ ରଖିବା ସମ୍ଭବ ହୋଇପାରିନାହିଁ । ଅବଶ୍ୟ ବର୍ତ୍ତମାନ ଏହାକୁ ଜଘନ୍ୟ ଅପରାଧ ହିସାବରେ ଗଣା ଯାଉନାହିଁ ।ବର୍ତ୍ତମାନର ଦୁନିଆରେ ଏପରି ନାରୀ, ପୁରୁଷଙ୍କ ଅଭାବ ନାହିଁ । ଅବଶ୍ୟ ଏହାର ଭିନ୍ନ ଭିନ୍ନ ନାମକରଣ କରାଗଲାଣି । କାହାକୁ ବେଞ୍ଚିଙ୍ଗ୍, ସିଇଙ୍ଗ୍, ଡବଲ୍ ଡେଟ୍, ନୋ ଷ୍ଟ୍ରିଙ୍ଗ୍ ଆଟାଚ୍, ଓ୍ୱାନ୍ ନାଇଟ୍ ଷ୍ଟାଣ୍ଡ୍, ପଲି ଆହୁରି ଅନେକ । ହଁ ଏହା କିନ୍ତୁ ମାନୁଛି, ଯେ ଅର୍ଦ୍ଧେକ ଲୋକ ଏହା ବିଷୟରେ ଏତେଟା ଅଭିଜ୍ଞ ନୁହେଁ । କିନ୍ତୁ ତଥାପି ଏହି ସବୁର ପ୍ରଚଳନ ବର୍ତ୍ତମାନ ସମାଜରେ ଗ୍ରହଣୀୟ । କିନ୍ତୁ ମୋ ଭିତରେ ଆଉ ଆଜି କାଲିର ନର ନାରୀଙ୍କ ମଧ୍ୟରେ ପାର୍ଥକ୍ୟ ଏତିକି, ସେମାନେ ଏ ସମସ୍ତ କଥା ନିଜ ସ୍ୱଇଚ୍ଛାରେ କରୁଛନ୍ତି । ଅର୍ଥାତ୍ ଯେତେବେଳେ ମୁଁ ମଧ୍ୟମ ପାଣ୍ଡବ ଅର୍ଜୁନଙ୍କୁ ସ୍ୱୟମ୍ବର ସଭାରେ ବରଣ କଲି, ସେତେବେଳେ ମୋର ପାଦ ସାତ ଆକାଶ ସ୍ପର୍ଶ କରିଥିଲା । ତାଙ୍କ ସଙ୍ଗେ ଧ୍ରୁପଦ ରାଜ୍ୟରୁ ବନସ୍ତ ମଧ୍ୟସ୍ତ କୁଟିର ମଧ୍ୟକୁ ତାଙ୍କ ଏକମାତ୍ର ପତ୍ନୀ ହୋଇ ଆସିବାର ସୌଭାଗ୍ୟରେ ମୋର ଛାତି ଫାଟି ପଡୁଥିଲା । ସେହି କିଛି ମୁହୂର୍ତ୍ତ ମୋ ନିମନ୍ତେ ଥିଲା ସ୍ୱର୍ଗସୁଖ । କିନ୍ତୁ ଯେତେବେଳେ ମାତା କୁନ୍ତୀଙ୍କ ଆଦେଶର ଚଡକ ମୋ ମୁଣ୍ଡରେ ପଡିଲା, ସେତେବେଳେ ଅନ୍ୟ କେହି ଥିଲେ ବାଚାଳ ହୋଇଥାନ୍ତା ନିଶ୍ଚୟ । ତେବେ ପାଗଳ ହେବା ବା ମୃତ୍ୟୁ ମୁଖରେ ପଡିବାର ସୌଭାଗ୍ୟ ସେଦିନ ମୋର ହେଲା ନାହିଁ । କ୍ଷଣେ କ୍ଷଣେ, ପ୍ରତିକ୍ଷଣେ ତୀବ୍ର ଦହନ ସହିବାକୁ ପୋଡା ମୁହଁରେ ବଞ୍ଚି ରହିଲି ମୁଁ । ଛାତିରେ ପଥର ନୁହେଁ ବିନ୍ଧ୍ୟଗିରି ପାହାଡ ଲଦି, ମାତାଙ୍କ ଆଦେଶର ସମ୍ମାନ ରଖିଲି । ଅବଶ୍ୟ ଏହା ମୋର କପାଳ ଲିଖନ ଭିନ୍ନ ଅନ୍ୟ କିଛି ନୁହେଁ । ଏହା ମୋ ବିଶ୍ୱାସ । ତା ନହୋଇଥିଲେ, ବ୍ରାହ୍ମଣ ବେଶରେ ଥିବା ଜଣେ ବନଚାରୀ ସହିତ ଜଣେ କ୍ଷତ୍ରୀୟ କନ୍ୟାର ବିବାହ ହେବା ସେ ବେଳରେ ସାଧାରଣ କଥା ନଥିଲା । ଯଦି ଏହା କେବଳ ମୋର ଭାଗ୍ୟ ହୋଇନଥାନ୍ତା, ତାହେଲେ ସେଠାରେ ଉପସ୍ଥିତ ବିଶ୍ୱର ସର୍ବଶ୍ରେଷ୍ଠ ଧନୁର୍ଧର ପରର୍ଶୁରାମ ଶିଷ୍ୟ ସୂର୍ଯ୍ୟପୁତ୍ର କର୍ଣ୍ଣ ହୋଇଥାନ୍ତେ ମୋର ପତି । ତାଙ୍କ ସହ ଅନ୍ୟ ଯନ୍ତ୍ରଣା ଥିଲେ ମଧ୍ୟ ଏପରି ଯନ୍ତ୍ରଣାକୁ ସେ ମୋର ଅଙ୍ଗ ସ୍ପର୍ଷ କରିବାକୁ ମଧ୍ୟ ଦେଇନଥାନ୍ତେ ଏହା ମୋର ଭରସା । ତେବେ ଏହି କଥା ପାଇଁ ମଧ୍ୟ ଅନେକ ଝାମ୍ପୁ ଚାଲିଛି ମୁଁ । ପରପୁରୁଷରେ ମନ ଦେଇଥିବା ଅପବାଦରେ ଧର୍ଷି ହୋଇଛି । ସେଦିନ ଥିଲା ମୋର ସ୍ୱୟଂମ୍ବର ସଭା । ଜଣେ କ୍ଷତ୍ରୀୟ କନ୍ୟାର ପୁର୍ଣ୍ଣ ଅଧିକାର ରହିଛି, ସେ ନିଜର ବର ସ୍ୱୟଂ ନିର୍ବାଚନ କରିବ । କିନ୍ତୁ ତାହାତ ଘଟିଲା ନାହିଁ ମୋ ପକ୍ଷରେ । ସ୍ୱୟଂମ୍ବର ସଭାରେ ଅର୍ଜୁନଙ୍କ ଭିନ୍ନ କେବଳ କର୍ଣ୍ଣ ଥିଲେ ଏକ ମାତ୍ର ପୁରୁଷ ଯିଏ, ମୀନ ଚକ୍ଷୁ ଭେଦିବାର ଶକ୍ତି ସାମର୍ଥ୍ୟ ରଖିଥିଲେ । କିନ୍ତୁ ସେଠାରେ ତାଙ୍କୁ ସୂତପୁତ୍ର କହି ଅପମାନ ଦିଆଗଲା । ସେଠାରେ କ୍ଷୁର୍ଣ୍ଣ ହେଲା ତାଙ୍କର ଅଧିକାର ଓ ମୋର ମଧ୍ୟ । ତାଙ୍କୁ ନିଜର ଶକ୍ତି ପ୍ରଦର୍ଶନ କରିବାରୁ ବଞ୍ଚିତ କରାଗଲା । ଆଉ ମତେ ନିଜର ବର ଚୟନରୁ । ଜଣେ କ୍ଷତ୍ରୀୟ କନ୍ୟା ସଭା ମଧ୍ୟରେ ଯାହାକୁ ପତି ନିର୍ଣ୍ଣୟ କରେ, ସେ ତାହାରି ଗଳାରେ ହିଁ ମାଳା ଦିଏ । ହେଲେ ମୋ ଦ୍ୱାରା ନିର୍ବାଚିତ ପ୍ରଥମ ପୁରୁଷକୁ ଅପମାନ, ଅପବାଦ ଦେଇ ସେଠାରୁ ବିତାଡିତ କରାଗଲା । ସ୍ୱୟଂମ୍ବର ସଭାକୁ ଆସିଥିବା ପ୍ରତ୍ୟେକ ବକ୍ତିଙ୍କ ପ୍ରତି ମୋର ନଜର କେବେବି ପକ୍ଷପାତ କରିନାହିଁ । ମୁଁ ଯେଉଁ କାର୍ଯ୍ୟରେ ନିଯୁକ୍ତ ଥିଲି, ସେହି କାର୍ଯ୍ୟ କରୁଥିଲି । ତେବେ ସେଠାରେ ଉପସ୍ଥିତ ଥିବା ଜଣେ ରାଜାଙ୍କ ପ୍ରତି ଯଦି ମୁଁ ପତି ଭାବ ପୋଷଣ କଲି, ସେଥିରେ ମୋର ଭୁଲ୍ କଣ । ଅବଶ୍ୟ ଏହି ଘଟଣାକୁ ନେଇ ମୋ ଉପରେ ଲାଗିଥିବା ଅପବାଦର ପ୍ରତିବାଦ କେବେ ମୁଁ କରିନାହିଁ.. କରିପାରିନାହିଁ । ମୋ ଭିନ୍ନ ଆଜିର ନାରୀ ସେଠାରେ ଉପସ୍ଥିତ ଥିଲେ, କଟାକ୍ଷକାରୀଙ୍କ ଉଚିତ ଜବାବ ସେମାନଙ୍କୁ ମିଳିଥାନ୍ତା ନିଶ୍ଚେ । ଏହି ସାମାନ୍ୟ ଘଟଣାକୁ ନେଇ ଆଜିକା ଦିନରେ କାହା ଉପରେ କିଛି ଅପବାଦ ଲାଗିବା କଥା ବି କାହିଁ ମୋର ଦୃଷ୍ଟିଗୋଚର ହୁଏ ନାହିଁ । କେବଳ ମନ ଜାଣେ ପାପ । ସେହି ନ୍ୟାୟରେ ମୁଁ କେବଳ ମୋ ମନରେ ପରପୁରୁଷକୁ ପତି ରୂପେ ବରଣ କରିବାର ଆସ୍ପର୍ଦ୍ଧା କରିଥିଲି । ଆଉ ତାହାରି ଫଳ ସ୍ୱରୂପ ଚିରହରଣ ସଭାରେ ଅନେକ କଟୁକ୍ତି ମୋ କର୍ଣ୍ଣ ଗୁହରରେ ପ୍ରବେଶ କରିଛି । ଖାଲି ମନର ପାପ ପାଇଁ ଯଦି ମୁଁ ପାଇଲି ଏତେ ବଡ ଦଣ୍ଡ, ତେବେ ପ୍ରତ୍ୟେକ ମନ ମଧ୍ୟେ ଚାଲୁଥିବା ଗୋପନ ରହସ୍ୟ ଆଜି ଯଦି ଶରୀରରେ ପ୍ରତିଫଳିତ ହୋଇଥାନ୍ତା, ତେବେ ସେତେବେଳର ସମାଜ ମତେ କୁଷବିଦ୍ଧ କରିଥାନ୍ତା ନିଶ୍ଚୟ । କିନ୍ତୁ ଯେଉଁ ଅବିଚାର ମୋ ସହିତ ହେଲା, ତା ତୁଳନାରେ ଏହା ତ ଅତି ନଗନ୍ୟ । ଜଣେ ପୁରୁଷର ସ୍ମରଣରେ ମୋ ପ୍ରତି ଶୁଣାଗଲା ଫରମାଣ । ଅର୍ଥାତ ସେହି ବଡ ପୁରୁଷ ମାନେ, ମତେ ପାଞ୍ଚ ପତି ବରଣ କରିବାର ଉପଦେଶ ଦେଲେ । ତଥାକଥିତ ସମାଜର ଦୋହରା ନୀତିରେ ବଳି ପଡିଲି ମୁଁ । ବ୍ୟାସଙ୍କ ପରି ମହାକବି, ଶାସ୍ତ୍ରଜ୍ଞ ପୁରୁଷ, ମତେ ଏହାକୁ ନିଜର ଭାଗ୍ୟ ବୋଲି ମନେକରି ସହିଯିବାକୁ କହିଲେ । ଶ୍ରୀକୃଷ୍ଣ, ପରମକର୍ତ୍ତା, ବିଶ୍ୱନିୟନ୍ତା, ଆଦି ଅନ୍ତର ଉର୍ଦ୍ଧେ ଯାହାର ବାସ । ସେ ମତେ ବୁଝାଇଲେ ପଞ୍ଚପତିଙ୍କ ପତ୍ନୀତ୍ୱ ଗ୍ରହଣ କରି ମଧ୍ୟ କିପରି ପତିବ୍ରତା ବ୍ରତ ଧାରଣ କରିବି । ଏହି ପୁରୁଷ ଜାତିର ଦୋହରା ନୀତିରେ ଉଚ୍ଛନ୍ନ ହୋଇଗଲା ମୋର ମନସୀକତା । ତେବେ ଖାଲି ପୁରୁଷ ଜାତି କାହିଁକି, ମୋ ଜୀବନର ଅଘଟଣର ମୂଳ ସୂତ୍ରଧର ଯେ, ଜଣେ ନାରୀ ମୂର୍ତ୍ତି ତାହା ମୁଁ ଭୁଲିବି କିପରି । ଘରର ବୋହୂ କେବେ ଘରର ଝିଅ ହୋଇପାରେନା । ମୁଁ ବା ବାଦ୍ ଯାଇଥାନ୍ତି କିପରି । ଶାଶୂ ତାର ଜୀବନରେ ଭୋଗିଥିବା ସୁଖଃ, ସମ୍ପତ୍ତିକୁ ଧରୋହର କରି ତା ବୋହୂକୁ ଦେଉ କି ନଦେଉ, କିନ୍ତୁ ନିଜ ଜୀବନର ପ୍ରତ୍ୟେକ ଦୁଃଖ, ଜଞ୍ଜାଳ ଓ କଷ୍ଟକୁ ନିଶ୍ଚେ ସାଇତି ଥାଏ ବୋହୂ ପାଇଁ । ତାହା ହିଁ ହେଲା । ଶ୍ରୁତି ଅଛି, ମା ତାଙ୍କ ଜୀବନରେ ଅନେକ ବେଦନା ସହ୍ୟ କରିଛନ୍ତି । ପତିଙ୍କ ଜୀବିତାବସ୍ଥାରେ ସେ ସହିଥିଲେ ସନ୍ୟାସ ଦୁଃଖ । ସନ୍ୟାସ ଭୋଗି ଥିବାରୁ ପରପୁରୁଷ ଔରସରୁ ଜାତ କଲେ ଚାରି ଚାରିଟି ପୁତ୍ର । ଯୁବା ବୟସରେ ବୈଧବ୍ୟ, ନିଜ ପୁତ୍ରମାନଙ୍କ ସହ ବନବାସ,ଆହୁରି ଅନେକ କିଛି । ତେବେ ଶାଶୂଙ୍କ ବୈବାହିକ ଜୀବନର ଝଞ୍ଜାର ବେଗ ଥିଲା ଖୁବ୍ ତୀଖ । ଆଉ ତାହାରି ଧରୋହର ହେଲା ମୋ କପାଳ ନ୍ୟସ୍ତ । ଜାଣତରେ ବା ଅଜାଣରେ ଏପରି କରିଥିବା କଥା ମୁଁ କହୁନାହିଁ । କିନ୍ତୁ ନିଜେ ଯେତେବେଳେ ବହୁ ପୁରଷଙ୍କ ସଙ୍ଗୀ ହୋଇଥିବା ଅପବାଦ ଲଭିଛନ୍ତି, ସେଥିରୁ ମତେ ଊଣା କରିବେ କିପରି । ତାହା ନହୋଇଥିଲେ, ସେ ଏପରି କରିଥାନ୍ତେ କିପରି । କଣ ବଳିଷ୍ଠ, ବିଚାରବନ୍ତ ବୁଦ୍ଧିମାନ ପାଣ୍ଡବ ଏତେ କ୍ଷୁଦ୍ର ଯେ, ଦାନରେ ଆଣିଥିବା ଦକ୍ଷିଣା ରୂପକ ଫଳ ବା ଖାଦ୍ୟ ପଦାର୍ଥକୁ ନିଜ ଭିତରେ ଉଚିତ ରୂପେ ବଣ୍ଟନ କରିପାରିନଥାନ୍ତେ । ମାତା କୁନ୍ତୀ ଆଦେଶ ଦେଲେ, ଦାନରେ ଯାହା ବି ଲଭିଛ ଅର୍ଜୁନ ତାହାକୁ ପାଞ୍ଚ ଭାଇ ବାଣ୍ଟିନିଅ । ଭାବନାଟି ହାସ୍ୟାସ୍ପଦ । ସେ ଭଲ ଭାବରେ ଜାଣିଥିଲେ, ଧ୍ରୁପଦଙ୍କ ରାଜ୍ୟରେ ତାଙ୍କ କନ୍ୟାଙ୍କର ସ୍ୱୟଂମ୍ବର ଆୟୋଜିତ ହୋଇଛି । ସେ ଏହା ମଧ୍ୟ ଜାଣିଥିଲେ, ସେଠାରେ ଥିବା ବିଚିତ୍ର ସର୍ତ୍ତକୁ କେବଳ ତାଙ୍କର ମଧ୍ୟମ ପୁତ୍ର ଅର୍ଜୁନ ହିଁ ପୂରଣ କରିପାରିବେ । ଏହା ବାଦ୍ ତାଙ୍କୁ ଏହା ମଧ୍ୟ ଜ୍ଞାତ ଥିଲା ଯେ, ତାଙ୍କର ପାଞ୍ଚପୁତ୍ର ସେହି ସଭାକୁ ବ୍ରାହ୍ମଣ ବେଶରେ ପଦାର୍ପଣ କରିଛନ୍ତି । ଅଥଚ, ସେ ଏହା ଜାଣି ପାରିଲେ ନାହିଁ ଯେ, ଧ୍ରୁପଦ ରାଜ୍ୟରୁ ଅର୍ଜୁନ କେଉଁ ବିଶାଳ ଦାନ ଆଣିବା କଥା କହୁଛନ୍ତି । ଏହା ଅଜ୍ଞାନ ବଶତଃ ନିଆଯାଇଥିବା ନିଷ୍ପତ୍ତି ନାଁ ଅନ୍ୟ କିଛି ସୁଧିଜନେ ଜାଣନ୍ତି । ଏ ବିଶାଳ ଅଭିଯୋଗ କେବଳ ମୋର ନୁହେଁ, ଏହି କଥାକୁ ମହା ପୁରୁଷ ବ୍ୟାସ ପ୍ରମାଣିତ କରିଛନ୍ତି । ବେଳେ ବେଳେ ମନ କହେ ଏ ସବୁକୁ ପାଶୋରିଲେ ମଧ୍ୟ, ସେ ଏହା ମଧ୍ୟ କହିପାରିଥାନ୍ତେ ଯେ, ମୁଁ ଭୁଲ୍ ବଶତଃ ଏପରି ମୂର୍ଖତାପୂର୍ଣ୍ଣ ଆଦେଶ ଦେଇଛି । ତୁମେ ଏହାକୁ ମାନିବାକୁ ବାଧ୍ୟ ନୁହେଁ । ପୁତ୍ରୀ କୃଷ୍ଣା ତୁମେ ମୋର ଏହି କଠୋର ଆଦେଶକୁ ଭୃକ୍ଷେପ କରନାହିଁ । ଏହା ତୁମର ଜୀବନକୁ ଦୁର୍ବିଶହ କରିପକାଇବ । କିନ୍ତୁ ନାଁ, ତାଙ୍କ ମୁଖରୁ ଏପରି କଥା ମୁଁ ଶୁଣିଲି ନାହିଁ । ମୋର ଅନ୍ୟ ପତିମାନେ ସନ୍ୟାସ ଗ୍ରହଣ ନକରନ୍ତୁ, ସେମାନେ ତାଙ୍କ ଜୀବନ ସୁରୁଖୁରୁରେ ବିତାନ୍ତୁ ଏହା ଭାବି ଶେଷରେ ଏପରି ଏକ ନିର୍ଲଜ ଆଦେଶର ସମର୍ଥନ କରିବାକୁ ବାଧ୍ୟ ହେଲି । ଶାଶୂ ଘର ଯମପୁର, ଏହା ମୋର ବିବାହର ପ୍ରଥମ ଦିନ ହିଁ ମୋର ଅନୁଭୂତ ହେଲା । ଟିକେ ଭାବନ୍ତୁ ତ, ମୋ ଭିନ୍ନ ଯଦି ମୋ ସ୍ଥାନରେ ତାଙ୍କର ନିଜ କନ୍ୟା ଥାନ୍ତା, ସେଠାରେ ସେ କଣ କେବେ ତାଙ୍କର ଏହି କଡା ନିର୍ଦ୍ଦେଶକୁ ତାଙ୍କ ଉପରେ ଲଦି ଦେଇଥାନ୍ତେ । ନାଁ ଏପରି ଘଟିଥିଲେ ମାତା କୁନ୍ତି ତ ଭିନ୍ନ କଥା, ନିଜେ ପାଣ୍ଡବ ପାଞ୍ଚ ଭାଇ ନିଜ ଭଗ୍ନିର ସୁରକ୍ଷା ପାଇଁ ନିଶ୍ଚେ ପ୍ରଳୟ ତାଣ୍ଡବ ରଚିଥାନ୍ତେ । ତେବେ ମୁଁ ହେଲି ପରଗୋତ୍ରୀ କନ୍ୟା । ମୋ ସମ୍ମାନ ଆଗରେ ମାତାଙ୍କ ଆଦେଶ ପାଳନ କରିବା ସେମାନଙ୍କ ପକ୍ଷେ, ବେଶି ସମିଚୀନ ମନେହେଲା । ଏହି ସ୍ଥାନରେ କିନ୍ତୁ ମୋ ପରିବର୍ତ୍ତେ ବର୍ତ୍ତମାନର କୌଣସି ନାରୀ ଥାନ୍ତା ତାହାଲେ, ନିର୍ଯ୍ୟାସ କିଛି ଭିନ୍ନ ହୋଇଥାନ୍ତା । ମୋ ସମୟ ପରିବର୍ତ୍ତେ ବର୍ତ୍ତମାନର ସମୟ ଓ ସମାଜ ଥାନ୍ତା ତେବେ ଛକେ ଛକେ ଟାୟାର ଜାଳି ପ୍ରତିବାଦ କରାଯାଇଥାନ୍ତା । ଅନେକ ନାରାବାଜି ସହିତ ବିକ୍ଷୋଭ, ଆନ୍ଦୋଳନ ମାନ ହୋଇଥାନ୍ତା ତାର ଠିକଣା ନାହିଁ । ସେତେବେଳେ ଏ ସମସ୍ତ ଘଟଣା ଦେଖି ମୋ ମନରେ ଆତ୍ମବିଶ୍ୱାସ ଘର ବାନ୍ଧିଥାନ୍ତା । ସେତେବେଳେ ବୋଧହୁଏ ଏ ଦ୍ରୌପଦୀ, ପାଞ୍ଚାଳୀ ହୋଇ କଷ୍ଟ ଧାରଣ ପରିବର୍ତ୍ତେ, ଛାଡପତ୍ର ଦେଇ ଆଲୁମିନି ମାଗିଥାନ୍ତା । ବୋଧହୁଏ ଏହା ବାଦ୍ ମୋତେ କେହି ଆଙ୍ଗୁଠି ଉଠାଇ ପାରିନଥାନ୍ତେ । ବୋଧହୁଏ ମୁଁ କଟାକ୍ଷରେ ଶରବ୍ୟ ହୋଇନଥାନ୍ତି । ବୋଧହୁଏ, ଆଜି ପ୍ରତି ଛକ ଓ ଗଳି ମଧ୍ୟରେ ମୋର ନାମ ଆଲୋଚନା ହେଉନଥାନ୍ତା । ବୋଧହୁଏ ମୁଁ ନିସ୍ୱପାଞ୍ଚାଳୀ ନହୋଇ, ସ୍ୱାଧୀନ ଦ୍ରୌପଦୀ ହୋଇଥାନ୍ତି । ବୋଧହୁଏ, ସେଦିନର ମହାଭାରତ ନାମକ ଧର୍ମଯୁଦ୍ଧ କେବେ ବି ସଙ୍ଗଠିତ ହୋଇନଥାନ୍ତା । ମୁଁ କେବେ ବି ଲୋକ ଲୋଚନକୁ ଆସି ନଥାନ୍ତି । ହୁଏତ ମୁଁ ଜଣେ ଛାଡପତ୍ର ଧାରୀ ସାଧାରଣ ନାରୀ ହୋଇଥାନ୍ତି । ଜୀବନରେ ପ୍ରାଚୁର୍ଯ୍ୟତା ନଥାନ୍ତା । ସର୍ବଶ୍ୱାନ୍ତ ହେଇଥାନ୍ତି । ଅଥଚ ସୁଖୀ ହୋଇଥାନ୍ତି । ବର୍ତ୍ତମାନର ପ୍ରାଚୁର୍ଯ୍ୟତା, ସାମ୍ରାଜ୍ଞୀଙ୍କ ସମ୍ମାନ, ପାଣ୍ଡବଙ୍କ ପତ୍ନୀ, କୃଷ୍ଣଙ୍କ ସଖୀ, ଇତ୍ୟାଦି ଅନେକ ବିଶେଷଣର ଅଧିକାରୀ ହୋଇନଥାନ୍ତି । ତେବେ ଏ ସବୁ ବଡ ବଡ ଜିନିଷର ଖୁବ୍ ମୂଲ୍ୟ ମୁଁ ଦେଇଛି । ମୁଁ ମୂଲ୍ୟ ଦେଇ ଅପବାଦ କିଣିଛି । ସୁଖଃ ଦେଇ ଦୁଃଖ କିଣିଛି । ବର୍ତ୍ତମାନର ସମାଜର ଉନ୍ନତି ବା ଅବନ୍ନତି ବିଚାର କରିବାକୁ ମୁଁ କେହି ନୁହେଁ । ଅଥଚ ମୁଁ ଭାବେ ଦ୍ରୌପଦୀ ଦ୍ୱାପର ଛାଡି କଳି ଯୁଗରେ ଜନ୍ମିଥିଲେ ବୋଧହୁଏ ବେଶି ସୁଖି ହୋଇଥାନ୍ତା । ତା ଜୀବନ ହୁଏତ ଭିନ୍ନ ହୋଇଥାନ୍ତା । ସାଧାରଣ ହୋଇଥାନ୍ତା । କିନ୍ତୁ ବିଶ୍ୱାସ କରନ୍ତୁ ଅସାଧାରଣ ହେବାର ମୂଲ୍ୟ ଖୁବ୍ ବେଶି । ସାଧାରଣର ମହତ୍ୱ କେବଳ ଅସାଧାରଣ ବ୍ୟକ୍ତି ହିଁ ବୁଝିଛି ।

Mobile no- 7381772278
debasmita.9x@gmail.com

# ମାଲେରିଆ ଓ ଯକୃତ

ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ୨୦୨୩ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି । ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ । ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମାଲେରିଆ ବ୍ୟାପିଥାଏ । ମଶା କାମୁଡ଼ାରୁ ବର୍ଞ୍ଚିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି । ମାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି । ମାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ। ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ। ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ। ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ। ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ। ରକ୍ତରେ ଲିଭର ଏନଜାଇମ୍‌ସ ଗୁଡ଼ିକ ବଢ଼ିଯାଆନ୍ତି। ଲୋହିତ ରକ୍ତ କଣିକା ନଷ୍ଟ ହୁଏ। ଗ୍ଲୁକୋଜ-୬ ଫସ୍‌ଫେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ। ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ୍ୟ ଜଣ୍ଡିସ୍ ଦେଖାଦିଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି । ବିଶ୍ୱର ସବୁଠାରୁ ଅଧିକ ମାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ । ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି । ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି । ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ । ୨୦୦୦ ମସିହାରୁ ୨୦୨୦ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି । କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି । ୨୦୨୫ ଶେଷ ବେଳକୁ ଯାଇ ଭାରତ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି ।

# କର୍ମପ୍ରବଣତା



ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟର ଯୁଦ୍ଧ ମହାଭାରତରେ କୌରବ ଏବଂ ପାଣ୍ଡବଙ୍କ ସେନା ପରସ୍ପରର ସାମ୍ନାସାମ୍ନି ଥିଲେ । ଅର୍ଜୁନଙ୍କ ସାରଥୀ ଭଗବାନ ଶ୍ରୀକୃଷ୍ଣ ରଥକୁ ଦୁଇ ସେନାଙ୍କ ମଧ୍ୟଭାଗକୁ ନେଇଗଲେ । ଅର୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ତାଙ୍କ ଭ୍ରାତା, ସମ୍ପର୍କୀୟମାନେ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିଲେ । ଅର୍ଜୁନ ସାହସ ହରାଇଲେ । ସେ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜ ସ୍ୱଜନ ଏବଂ ନିର୍ଦ୍ଦୋଷ ସୈନିକଙ୍କ ହତ୍ୟା କରିବା ଫଳରେ ଯେଉଁ ମୁକୁଟ ହାସଲ ହେବ, ତାହା ମୋତେ କି ସୁଖ ପ୍ରଦାନ କରିବ ? ଅର୍ଜୁନ ସମ୍ପୂର୍ଣ୍ଣ ଭାବେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ । ସେ ନିଜ ଅସ୍ତ୍ରଶସ୍ତ୍ର କୃଷ୍ଣଙ୍କ ସମ୍ମୁଖରେ ଭୂମି ଉପରେ ରଖି ତାଙ୍କ ମାର୍ଗଦର୍ଶନ ମାଗିଲେ । ଏହି ସମୟରେ ଶ୍ରୀମଦ୍‌ଭଗବତ୍ ଗୀତାର ଜନ୍ମ ହୋଇଥିଲା । ଭଗବାନଙ୍କ ମୁଖ ନିସୃତବାଣୀକୁ ମହର୍ଷି ବେଦବ୍ୟାସ ଲିପିବଦ୍ଧ କରିଥିଲେ । ଏହା ହିଁ ଭଗବତ୍‌ଗୀତା ଗ୍ରନ୍ଥର ରୂପ ନେଇଥିଲା । ଗୀତାର ଆଧ୍ୟାତ୍ମିକ ସିଦ୍ଧାନ୍ତ ସ୍ୱୟଂସିଦ୍ଧ । ବିଶ୍ୱର ଅନେକ ବିଦ୍ୱାନ ଗୀତାକୁ ଧର୍ମ, ଜ୍ଞାନ, ଭକ୍ତି, ଉପାସନା ଏବଂ କର୍ମର ଗୂଢ଼ଗମ୍ଭୀର ମୀମାଂସା ବିଷୟ ଉଲ୍ଲେଖ ଥିବା ଶ୍ରେଷ୍ଠ ଗ୍ରନ୍ଥ ବୋଲି ମାନିଛନ୍ତି । ଭାରତୀୟ ବେଦାଚାର୍ଯ୍ୟମାନେ ଏହାକୁ ଉପନିଷଦ୍ ବୋଲି ମାନିଛନ୍ତି । ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ । ଶ୍ରୀକୃଷ୍ଣ, ଅର୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ । ଅର୍ଜୁନ କେବଳ ସେହି ପାପୀ ଶରୀରର ଅନ୍ତ କରିବେ, ଆତ୍ମାର ନୁହେଁ । ମୃତ୍ୟୁବରଣ କରିବା ପରେ ସମସ୍ତ ଆତ୍ମା ସେହି ଅନନ୍ତ ଆତ୍ମାରେ ବିଲୀନ ହୋଇଯାଇଥାନ୍ତି । ଶରୀର କ୍ଷୟଶୀଳ, କିନ୍ତୁ ଆତ୍ମା ଅମର । ଆତ୍ମାକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ । ଏହି ଅବସରରେ ଶ୍ରୀକୃଷ୍ଣ ପରମତତ୍ତ୍ୱଙ୍କ ସେହି ପ୍ରକୃତିର ଦର୍ଶନ ଅର୍ଜୁନଙ୍କୁ କରାଇଥିଲେ । ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜୁନଙ୍କର ହୃଦ୍‌ବୋଧ ହୋଇଥାଏ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ । ଗୀତାର ୧୮ଟି ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରି ଯାଇଛନ୍ତି । ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତି ଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି ।

***ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ । ଶ୍ରୀକୃଷ୍ଣ, ଅର୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ ।***



# ଶ୍ରୀକୃଷ୍ଣଙ୍କ ସାକ୍ଷାତ ସ୍ୱରୂପ

୧୬ କଳାରେ ସ୍ୱୟଂସମ୍ପୂର୍ଣ୍ଣ ଭଗବାନ କୃଷ୍ଣଙ୍କ ହଜାର ହଜାର ମନ୍ଦିର ଦେଶର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥାଏ । ତେବେ ଏହି ସବୁ ମନ୍ଦିର ମଧ୍ୟରୁ ରାଜସ୍ଥାନ ଓ ଗୁଜରାଟ ସୀମାରେ ଥିବା ଶ୍ରୀନାଥଜୀ ମନ୍ଦିରରେ ଭଗବାନ କୃଷ୍ଣଙ୍କ ସାକ୍ଷାତ ସ୍ୱରୂପ ପୂଜା ପାଇଥାଏ । ଇନ୍ଦ୍ରଙ୍କ କୋପରୁ ଗୋପପୁରବାସୀଙ୍କୁ ବଞ୍ଚାଇବା ଲାଗି ଶ୍ରୀକୃଷ୍ଣ ଗିରି ଗୋବର୍ଦ୍ଧନ ପର୍ବତ ଉଠାଇଥିଲେ । ଏହି ସମୟରେ ଶ୍ରୀକୃଷ୍ଣଙ୍କ ତେଜରୁ ଗୋବର୍ଦ୍ଧନ ପର୍ବତରେ ତାଙ୍କର ସାକ୍ଷାତ ମୂର୍ତ୍ତି ସୃଷ୍ଟି ହୋଇଥିଲା । ଏହି ମୂର୍ତ୍ତି ଶ୍ରୀନାଥଜୀ ମନ୍ଦିରରେ ପୂଜା ପାଇଥାଏ । ଏହି ମୂର୍ତ୍ତିଟି ପୂର୍ବରୁ ଅସମ୍ପୂର୍ଣ୍ଣ ରହିଥିଲା । ମଧ୍ୟଯୁଗର ଭକ୍ତିକାଳରେ ସନ୍ଥ ବଲ୍ଲଭଚାର୍ଯ୍ୟଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ କୃଷ୍ଣ ନିଜ ମୂର୍ତ୍ତିକୁ ସମ୍ପୂର୍ଣ୍ଣ କରିଥିଲେ । ସେବେଠାରୁ ଏଠାରେ ଭଗବାନ କୃଷ୍ଣଙ୍କ ସାକ୍ଷାତ ତଥା ସମ୍ପୂର୍ଣ୍ଣ ମୂର୍ତ୍ତି ପୂଜା ପାଉଛି । ମୋଗଲ୍ ସମ୍ରାଟ ଆଉରଙ୍ଗଜେବ୍‌ଙ୍କ ଆକ୍ରମଣ ସମୟରେ ଭଗବାନ କୃଷ୍ଣଙ୍କ ମୂର୍ତ୍ତିକୁ ମେୱାର୍‌ର ଶୀହାଦ୍ ଗ୍ରାମରେ ଏକ ଖାଲ ମଧ୍ୟରେ ଲୁଚାଇ ଦିଆଯାଇଥିଲା । ମହାରାଣା ସଂଗ୍ରାମ ସିଂ ନିଜର ୨ ହଜାର ସୈନ୍ୟଙ୍କୁ ପଠାଇ ମୂର୍ତ୍ତିକୁ ସୁରକ୍ଷା ଦେଇଥିଲେ । ଏହାପରେ ଆଉରଙ୍ଗଜେବ୍‌ଙ୍କ ସୈନ୍ୟ ଫେରିଯାଇଥିଲେ । ଏବେ ସେହିସ୍ଥାନରେ ହିଁ ଶ୍ରୀନାଥଜୀଙ୍କ ମନ୍ଦିର ପୂଜା ପାଉଛି ।

# କରୁଣାମୟ ହୃଦୟର ସୌନ୍ଦର୍ଯ୍ୟ



ଆମ୍ରପାଳି ଅପୂର୍ବ ସୁନ୍ଦରୀ, କୁଶଳୀ ଗାୟିକା ତଥା ନର୍ତ୍ତକୀ ଥିଲେ । ରାଜକୁମାର ବିମ୍ବିସାରଙ୍କୁ ସେ ପ୍ରେମବିବାହ କରିଥିଲେ । କିନ୍ତୁ ରାଜମହଲରେ ତାଙ୍କୁ ଅପମାନ ସହିବାକୁ ପଡ଼ିଥିଲା । ସେ ବୈଶାଳୀ ନଗର ବାହାରେ ଥିବା ଏକ ଆମ୍ର ବନରେ ନିଜ ପୁତ୍ର ଜୀବକଙ୍କ ସହ ରହି ସାଧନାରେ ଲୀନ ଥିଲେ । ଦିନେ ଜୀବକଙ୍କ ସହ ସେ ଭଗବାନ ବୁଦ୍ଧଙ୍କ ଦର୍ଶନ ନିମନ୍ତେ ପହଞ୍ଚିଲେ । ସେ କହିଲେ ଯେ ଗୁରୁବର, ମୋ ପାଖରେ ଅପାର ଧନସମ୍ପତ୍ତି ରହିଛି ତଥାପି ମୋ ଜୀବନ ଅତୃପ୍ତ । ବୁଦ୍ଧ କହିଲେ, ଆମ୍ରପାଲି, ସୁନ୍ଦରତା ଅନ୍ୟ ସାଂସାରିକ ବସ୍ତୁ ଭଳି ଆସିଥାଏ ଏବଂ ଚାଲିଯାଇଥାଏ । ଧନ ସମ୍ପତ୍ତି ଏବଂ ଖ୍ୟାତି କ୍ଷଣଭଙ୍ଗୁର । ଧ୍ୟାନ-ସାଧନା ମଧ୍ୟରେ ଯେଉଁ ଆତ୍ମିକ ସନ୍ତୋଷ ମିଳିଥାଏ, ତାହା ଶାଶ୍ୱତ । ଏହି ଜୀବନରେ ଶେଷ ରହିଯାଇଥିବା ସମୟତକ ସାଧନା, ଧ୍ୟାନ, ପ୍ରାଣାୟାମ ଏବଂ ସଂଯମପୂର୍ଣ୍ଣ ଜୀବନ ଜିଇଁବାରେ ବିତାଇବା ଉଚିତ୍ । ଏହାଦ୍ୱାରା ଜୀବନ ସାର୍ଥକ ହୋଇଥାଏ । ବୁଦ୍ଧଙ୍କ ଏହି ବାଣୀ ଆମ୍ରପାଲିଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା । ଆମ୍ରପାଲିଙ୍କୁ ବୁଦ୍ଧ ଏହି କଥା କହିବା ବେଳେ କାଳଦୁୟୀ ଓ ସାରିପୁତ୍ତ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ସାରିପୁତ୍ର ବୁଦ୍ଧଙ୍କୁ ପଚାରିଲେ, ନାରୀର ସୌନ୍ଦର୍ଯ୍ୟକୁ କେଉଁ ଦୃଷ୍ଟିରେ ଦେଖିବା ଉଚିତ୍ ? ବୁଦ୍ଧ କହିଲେ, ସୁନ୍ଦରତା ଏବଂ କୁରୁପତା, ଏହି ଦୁଇଟିର ସୃଜନ ପାଞ୍ଚଟି ତତ୍ତ୍ୱର ସମାହାର । ଶାରୀରିକ ସୁନ୍ଦରତା ଦ୍ୱାରା ସମ୍ମୋହିତ ହେଉନଥିବା ଏବଂ କୁରୂପତା ଦ୍ୱାରା ବିରକ୍ତ ହେଉନଥିବା ବ୍ୟକ୍ତି 'ମୁକ୍ତ ପୁରୁଷ' । ଗୋଟିଏ ମାତ୍ର ସୁନ୍ଦରତା ହେଉଛି ଶାଶ୍ୱତ ଏବଂ ତାହା ହେଉଛି କରୁଣାମୟ ହୃଦୟର ସୌନ୍ଦର୍ଯ୍ୟ । କରୁଣାର ଅର୍ଥ ହେଉଛି ଅହେତୁକ ପ୍ରେମ ଅର୍ଥାତ୍ କୌଣସି ଆଶା ନରଖି ଅନ୍ୟକୁ ଭଲ ପାଇବା । ବୁଦ୍ଧଙ୍କ ଏହି କଥା ଶୁଣିବା ପରେ ସାରିପୁତ୍ତଙ୍କ ଜିଜ୍ଞାସା ଶାନ୍ତ ହୋଇଥିଲା ।

# ଲକ୍ଷ୍ମଣ ତପସ୍ୟା କରିଥିବା ସ୍ଥାନ



ଋକ୍ ବେଦରେ ଉତ୍ତରାଖଣ୍ଡକୁ ଦେବଭୂମି ରୂପେ ଉଲ୍ଲେଖ କରାଯାଇଛି । ଏହି ପବିତ୍ର ଭୂମିକୁ ମନୁଷ୍ୟଙ୍କ ପୂର୍ଣ୍ଣ କର୍ମ ଭୂମି କୁହାଯାଇଛି । କଣ ଆପଣ ଜାଣିଛନ୍ତି କି ମର୍ଯ୍ୟାଦାପୁରୁଷୋତ୍ତମ ଭଗବାନ ରାମଙ୍କ ସାନ ଭାଇ ଭଗବାନ ଲକ୍ଷ୍ମଣଙ୍କର ମଧ୍ୟ ଉତ୍ତରାଖଣ୍ଡ ସହ ସଂଯୋଗ ରହିଥିଲା । ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଦେବଭୂମି ଉତ୍ତରାଖଣ୍ଡରେ କରିଥିଲେ । ଭଗବାନ ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଉତ୍ତରାଖଣ୍ଡର ଗଢ଼ୱାଲରେ କରିଥିଲେ । ମାନ୍ୟତା ଅନୁଯାୟୀ ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଟିହରୀ ଗଢ଼ୱାଲର ତପୋବନରେ କରିଥିଲେ । ଯଦି ଆପଣ କେବେ ଉତ୍ତରକାଶୀ ଯାଇଥିବେ ତେବେ ଏହି ତପୋବନ ବିଷୟରେ ନିଶ୍ଚିନ୍ତ ଶୁଣିଥିବେ । ଏଠାରେ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥାଏ ।

ଏହି ତପୋବନ ବରଫାବୃତ ଗଙ୍ଗୋତ୍ରୀ ନଦୀ ଠାରୁ ୬ କିଲୋମିଟର ଦୂରରେ ଅବସ୍ଥିତ । ଏଠାର ଅଦ୍ଭୁତ ଦୃଶ୍ୟ ପର୍ଯ୍ୟଟକଙ୍କ ମନ କିଣିନେଇଥାଏ । ଏହି ତପୋବନକୁ ନନ୍ଦନୱନ ମଧ୍ୟ କୁହାଯାଇଥାଏ । ଏଠାରେ ପର୍ବତାରୋହଣ ପାଇଁ କ୍ୟାମ୍ପିଂଗ କରାଯାଇଥାଏ । ନନ୍ଦନୱନ ଠାରୁ ଶିବଲିଙ୍ଗ, ଭାଗୀରଥୀ, କେଦାର ଡ୍ୟାମ ଏବଂ ସୁଦର୍ଶନ ଭଳି ଶିଖରର ଚମତ୍କାର ଦୃଶ୍ୟ ଦେଖାଯାଇଥାଏ । ପର୍ଯ୍ୟଟକମାନେ ଏଠାରେ ସାତାପନ୍ତ, ଖାରକୁଣ୍ଡ, କାଳିନ୍ଦୀ କାଲ, ମେରୁ ଏବଂ କେଦାର ଡମ୍‌ରେ କ୍ୟାମ୍ପିଂ କରିଥାନ୍ତି । ଟ୍ରାକିଂ ବ୍ୟତୀତ ପର୍ଯ୍ୟଟକ ପର୍ବତ ଚଢ଼ିବାକୁ ପସନ୍ଦ କରିଥାନ୍ତି । ଏଠାର ସବୁଜିମାରେ ପରିପୂର୍ଣ୍ଣ ଦେବଦାରୁ ବୃକ୍ଷ ପର୍ଯ୍ୟଟକଙ୍କ ମନ ମୋହିଥାଏ ।

# ଆବଶ୍ୟକତା ଠାରୁ ଅଧିକ ଧନ ବିପତ୍ତି ଆଣେ !

ଆଜିକାଲି ଜୀବନରେ ଧନ ଉପାର୍ଜନ କରିବା ଲାଗି ଭିନ୍ନ ଭିନ୍ନ ଲୋକ ବିଭିନ୍ନ କାର୍ଯ୍ୟ କରୁଛନ୍ତି । ଭିନ୍ନ ଭିନ୍ନ ପେସା ଆପଣାଉଛନ୍ତି । ବେଳେ ବେଳେ ଅଧିକ ଧନ ଉପାର୍ଜନ ଲାଗି ମନୁଷ୍ୟ ଉଚିତ୍ କ'ଣ ଅନୁଚିତ୍ କ'ଣ ତାହା ଭୁଲିଯାଉଛି । ଜୀବନରେ ଧନର ଆବଶ୍ୟକତା ରହିଛି ଏବଂ ଉପଯୋଗିତା ମଧ୍ୟ ଅଛି । ଧନକୁ ସମ୍ପତ୍ତି କୁହାଯାଇଛି । ବିପତ୍ତିରୁ ଆମକୁ ଉଦ୍ଧାର କରୁଥିବା ଜିନିଷ ହେଉଛି ସମ୍ପତ୍ତି । ଏହାର ଅର୍ଥ, ଯାହା ଆମକୁ ବିପତ୍ତିରେ ପକାଏ ତାହା କେବେ ସମ୍ପତ୍ତି ହୋଇ ପାରେନା । ଟଙ୍କା-ପଇସା ଦ୍ୱାରା ଖାଦ୍ୟ, ବସ୍ତ୍ର, ବାସଗୃହ ଆଦି ମୌଳିକ ଆବଶ୍ୟକତା ପୂରଣ ହେଉଥିବାରୁ ଏହାକୁ ଧନ କୁହାଯାଏ । ଏହିସବୁ ଆବଶ୍ୟକତା ପୂରଣ ହେଲେ ମନୁଷ୍ୟ ବିପତ୍ତିରୁ ଉଦ୍ଧାର ପାଇଥାଏ । କିନ୍ତୁ କେବଳ ଟଙ୍କା-ପଇସାକୁ ଧନ ବୋଲି ମାନିନେବା ଭୁଲ୍ । କାରଣ ମୌଳିକ ଆବଶ୍ୟକତା ଠାରୁ ଅଧିକ ଧନ ଉପାର୍ଜନ କରିବା ବିପତ୍ତିର କାରଣ ପାଲଟିଥାଏ । ଏଥିରୁ ଚୋରି ହେବାର ଭୟ ଉତ୍ପନ୍ନ ହୋଇଥାଏ, ଅଧିକ ଉପାର୍ଜନ କରିବାର ଲୋଭ ସୃଷ୍ଟି ହୁଏ, ଭ୍ରଷ୍ଟାଚାରର ବିଚାର ଆସିଥାଏ । ଏଣୁ ଆବଶ୍ୟକତା ଠାରୁ ଅଧିକ ଧନ ସବୁବେଳେ ମନୁଷ୍ୟ ପାଇଁ ବିପତ୍ତି ଡାକିଆଣେ । ଧନ କହିଲେ କେବଳ ଟଙ୍କା-ପଇସାକୁ ବୁଝାଏ ନାହିଁ, ଜ୍ଞାନ ଏବଂ ବିବେକ ହେଉଛି ପ୍ରକୃତ ଧନ । ସବୁଠୁ ବଡ଼ ଧନ ହେଉଛି ସନ୍ତୋଷ । ତା'ଠାରୁ ବଡ଼ ଧନ ବା ସମ୍ପତ୍ତି ହେଉଛି ସ୍ୱାସ୍ଥ୍ୟ । ମନୁଷ୍ୟ ଶାରୀରିକ ଏବଂ ମାନସିକ ଭାବେ ସୁସ୍ଥ ରହିବା ଜରୁରୀ । ମନରେ କାମ, କ୍ରୋଧ, ଲୋଭ ଏବଂ ମୋହ ଆଦି ବିକାର ଭାବନାକୁ ସ୍ଥାନ ଦେବା ଉଚିତ୍ ନୁହେଁ । ମାନସିକ ଭାବେ ସନ୍ତୋଷ ଅନୁଭବ କରୁଥିବା ମନୁଷ୍ୟ ହିଁ ଅଳ୍ପରେ ସନ୍ତୋଷ ଲାଭ କରିଥାଏ ।



# କମ୍ପ୍ୟୁଟର ସାମ୍ନାରେ ବସି କାମ କରୁଥିବା ଲୋକଙ୍କୁ ଦରକାରୀ ଖାଦ୍ୟ

କମ୍ପ୍ୟୁଟର ଆଗରେ ବସି ଘଣ୍ଟା ଘଣ୍ଟା ଧରି କାମ କଲେ ଆଖିର ପାୱାର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ । ଅଧିକ ସମୟ ପର୍ଯ୍ୟନ୍ତ ବସି ରହିଲେ ମଧ୍ୟ ଶରୀରରେ ଫ୍ୟାଟ୍ ଜମା ହୋଇଯାଇଥାଏ, ଯଦ୍ୱାରା ଓଜନ ବଢ଼ିବାର ସମ୍ଭାବନା ଦେଖାଦେଇଥାଏ । ଯେଉଁ ଲୋକ କମ୍ପ୍ୟୁଟରରେ ୩ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ କାମ କରିଥାଆନ୍ତି, ସେମାନଙ୍କୁ ଏମିତି କିଛି ଖାଦ୍ୟ ଖାଇବା ଦରକାର, ଯଦ୍ୱାରା ଓଜନ ନିୟନ୍ତ୍ରିତ ରହିପାରିବ ଏବଂ ଆଖିର ପାୱାର ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ଆଜି ଆମେ ଆପଣଙ୍କୁ ୭ଟି ଫୁଡ୍ ବିଷୟରେ କହିବୁ ।



୧. ଦହି: ଏଥିରେ ପ୍ରୋବାୟୋଟିକ୍ ବ୍ୟାକ୍ଟେରିଆ ରହିଥାଆନ୍ତି । ଏହାଦ୍ୱାରା ହଜମ ଠିକ୍ ଭାବେ ହୋଇଥାଏ ଏବଂ ଅଧିକ ସମୟ ବସିରହିଲେ ଗ୍ୟାସ୍ ସମସ୍ୟା ଆସି ନ ଥାଏ ।

୨. କଦଳୀ: ଏଥିରେ ପୋଟାସିୟମ୍‌ରେ ମାତ୍ରା ଅଧିକ ଥାଏ, ଯଦ୍ୱାରା ତୁରନ୍ତ ଏନର୍ଜି ମିଳିଥାଏ ଏବଂ ଥକ୍କା ଅନୁଭବ ହୋଇ ନ ଥାଏ ।

୩. ସେଓ: ଏଥିରେ ଫାଇବର ଅଧିକ ମାତ୍ରାରେ ଥାଏ । ଏହା ହଜମକୁ ବଢ଼ାଇଥାଏ ଏବଂ ଆପଣ ଗ୍ୟାସ୍ ସମସ୍ୟାରୁ ମୁକ୍ତି ପାଇଥାଆନ୍ତି ।

୪. ଧନିଆ ପତ୍ର: ଏଥିରେ କ୍ୟାରୋଟେନ୍‌ଇଡ୍ ରହିଛି, ଯଦ୍ୱାରା ଆଖିର ପାୱାର ବଢ଼ିଥାଏ ।

୫. ଦୁଧ: ଏଥିରେ ଭିଟାମିନ୍ ଏ ଏବଂ ପ୍ରୋଟିନ୍ ଅଧିକ ମାତ୍ରାରେ ରହିଛି । ଏହାଦ୍ୱାରା ମଧ୍ୟ ଆଖିର ପାୱାର ବଢ଼ିଥାଏ ।

୬. ଡାର୍କ ଚକୋଲେଟ: ଏଥିରେ ଆଣ୍ଟି ଅକ୍ସିଡେଣ୍ଟସ୍ ରହିଛି, ଯାହାକି ଶରୀରର ଇମ୍ୟୁନିଟିକୁ ବଢ଼ାଇଥାଏ । ଅଣ୍ଟା ଯନ୍ତ୍ରଣାରୁ ଉପଶମ ମିଳିଥାଏ ।

୭. ଲେମ୍ବୁ ପାଣି: ଏଥିରେ ଭିଟାମିନ୍ ସି ଅଧିକ ମାତ୍ରାରେ ରହିଛି, ଯାହାଦ୍ୱାରା ଆପଣଙ୍କୁ ଥକ୍କା ଅନୁଭବ ହୋଇ ନ ଥାଏ ।

# ମୁହଁରେ ବ୍ରଣ ହୋଇଥିଲେ...



ଶୁଷ୍କ ତ୍ୱଚାରେ କେତେଜଣଙ୍କ ଠାରେ ବ୍ରଣ, ଦାଗ ସମସ୍ୟା ଦେଖାଯାଏ । ହେଲେ ଏଥିରେ ବ୍ୟତିବ୍ୟସ୍ତ ନ ହୋଇ ସରଳ ଘରୋଇ ଉପଚାର କଲେ ବ୍ରଣ କମ୍ ହୁଏ । ନିଜ ଖାଦ୍ୟ ପାନୀୟ ଉପରେ ଗୁରୁତ୍ୱ ଦିଅନ୍ତୁ, ଶୋଷ ନ ହେଉଥିଲେ ମଧ୍ୟ ଦିନକୁ ୯-୧୦ ଗିଲାସ ପାଣି ପିଇବାର ଅଭ୍ୟାସ କରନ୍ତୁ । ଉଷୁମ ପାଣି ପ୍ରତିଦିନ ପିଇଲେ ତ୍ୱଚା ଓ କେଶର ଅନେକ ସମସ୍ୟାର ସମାଧାନ ହୁଏ ।

— କ୍ଲିନଜିଂ ମିଲ୍କ ନଚେତ୍ କଞ୍ଚା ଖିରରେ ପ୍ରତିଦିନ ସକାଳ ଓ ସଂଧ୍ୟାରେ ତ୍ୱଚାକୁ ଭଲରେ ପୋଛି ମଏଶ୍ଚରାଇଜର୍ ଲଗାଇନେବେ । ତ୍ୱଚା ଶୁଷ୍କ ହେଲେ ବ୍ରଣ ବଢ଼ିବାର ସମସ୍ୟା ଉପୁଜେ ।

— ଘି-କୁଆଁରୀ ରସରେ ମହୁ ଅଳ୍ପ ମିଶାଇ ତ୍ୱଚାରେ ଲଗାଇ କିଛି ସମୟ ପରେ ଧୋଇନେବେ । ସକାଳ ବେଳା ଏହି ପ୍ୟାକ୍ ଲଗାଇବେ ନଚେତ ଥଣ୍ଡା, ସର୍ଦି ହେବାର ଭୟ ରହିଛି ।

— ଏସବୁ ସହ ବେସନରେ ମହୁ ଓ ଖିର ସର ମିଶାଇ ତ୍ୱଚାରେ ପ୍ୟାକ୍ ଭଳି ଲଗାନ୍ତୁ । ଶୁଖିବା ପରେ ଧୋଇନେବେ, ବ୍ରଣ ସମସ୍ୟାରୁ ରକ୍ଷା ପାଇବା ନିମନ୍ତେ ଏହା ଏକ ଭଲ ପ୍ୟାକ୍ ।

— ସପ୍ତାହକୁ ଥରେ ତ୍ୱଚା ସ୍କ୍ରବ୍ କରନ୍ତୁ, ଅଧିକ ଥର ସ୍କ୍ରବ୍ କଲେ ବ୍ରଣ ସମସ୍ୟା ବଢ଼ିପାରେ ବୋଲି ବିଉଟିସିଆନ୍‌ଙ୍କ ମତ । ବାହାରୁ ଆସିବା ପରେ ତ୍ୱଚାକୁ ଭଲରେ ଧୋଇ ମଏଶ୍ଚରାଇଜର୍, ଟୋନର୍ ଲଗାଇବାକୁ ଯେପରି ନ ଭୁଲିବେ । ଏହି ଋତୁରେ ତ୍ୱଚାକୁ ଏଭଳି ଉପାୟରେ ପୋଷଣ ଦେବା ଜରୁରୀ ।

# ଶ୍ରୀକୃଷ୍ଣଙ୍କ ଶିକ୍ଷା



ଭଗବାନ ଶ୍ର
(ଉଜ୍ଜୈ
ସେଠାରେ ସେ
ସମୟ ମଧ୍ୟରେ
ଶ୍ରୀକୃଷ୍ଣ ସ୍ୱୟ
ନିକଟରେ ପୂ
ମନୁଷ୍ୟ ରୂପ
ସାଧାରଣ ଶିକ୍ଷ
କରିଥିଲେ ।
ବିଦ୍ୟା, ନାଟ୍ୟ,
ରଚନା କରି
ଆଭୂଷଣରେ
ରଖିବା, ଶିଶୁ
ମଧ୍ୟରେ ପ୍ରଭ
ରତ୍ନକୁ ଭିନ୍ନ ଭି
ଯନ୍ତ୍ର ତିଆରି
ପ୍ରବାହ ନିୟନ୍ତ୍ର
ଏବଂ ଫୁଲରେ
କରିବା, ଶୁଆ-
ମେଣ୍ଢା, କୁକୁଡ଼ [redacted] , ଶୁଭ-ଅଶୁଭ ଶିବା, ସା, କୌଶଳ,



ଗାଲିଚା, ଆସନ ଆଦି ତିଆରି କରିବାର କାରିଗରୀ, କାଠ ତିଆରି ସାମଗ୍ରୀ ନିର୍ମାଣ, ବିଭିନ୍ନ ଖାଦ୍ୟଦ୍ରବ୍ୟ ପ୍ରସ୍ତୁତି, ହାତ ସ୍ଫୁର୍ତ୍ତି କାମ, ଇଚ୍ଛା ମୁତାବକ ବେଶ ଧାରଣ କରିବା, ଭିନ୍ନ ଭିନ୍ନ ପାନୀୟ ପ୍ରସ୍ତୁତି, ଦ୍ୟୁତ କ୍ରୀଡ଼ା, ସମସ୍ତ ଛନ୍ଦର ଜ୍ଞାନ, ବସ୍ତ୍ର ଲୁଚାଇବା ଏବଂ ବଦଳାଇବାର ବିଦ୍ୟା, ଦୂରରେ ଥିବା ମନୁଷ୍ୟ କିମ୍ବା ବସ୍ତୁକୁ ଆକର୍ଷିତ କରିବା, ବସ୍ତ୍ର ଏବଂ ଗହଣା ତିଆରି କରିବା, ହାର-ମାଳା ଆଦି ତିଆରି କରିବା, ଶତ୍ରୁଙ୍କୁ ଦୁର୍ବଳ କରିବାର ସିଦ୍ଧି, ଫୁଲର ଗହଣା ନିର୍ମାଣ କରିବା, କାଠକଣ୍ଢେଇ ତିଆରି କରିବା ଓ ନଚାଇବା, ପ୍ରତିମା ଆଦି ତିଆରି କରିବା, ଭିନ୍ନ ଅର୍ଥ ଥିବା କଥା କହିବା, ଛୁଞ୍ଚି କାମ ଯେପରିକି ବସ୍ତ୍ର ବୁଣିବା, ଶରୀର ଶୁଦ୍ଧିକରଣ କୌଶଳ, କ୍ଷଣିକେ ଅନ୍ୟର ମନକଥା ଜାଣିନେବା, ଭିନ୍ନ ଭିନ୍ନ ଭାଷା ଜ୍ଞାନ, ସାଂକେତିକ ଭାଷା ଲେଖିବା ଏବଂ ବୁଝିବାର କଳା, ସୁନା,ରୁପା, ହୀରା ଆଦି ଧାତୁକୁ ଚିହ୍ନିନେବା ଏବଂ ରତ୍ନର ପରୀକ୍ଷା, ସୁନା-ରୁପା ଆଦି ତିଆରି କରିବା, ମଣିଗୁଡ଼ିକର ରଙ୍ଗ ଚିହ୍ନିନେବା, ଖାଦ୍ୟ ଚିହ୍ନଟ, ଚିତ୍ରକାରିତା, ଦାନ୍ତ, ବସ୍ତ୍ର ଅଙ୍ଗକୁ ରଙ୍ଗାଇବା, ଶଯ୍ୟା ନିର୍ମାଣ, ଗୃହସଜ୍ଜା ପାଇଁ ମଣିର ବ୍ୟବହାର, କୂଟନୀତି, ଗ୍ରନ୍ଥ ପଢ଼ାଇବାରୁ ଚତୁରତା, ନୂଆ ନୂଆ କଥା ବାହାର କରିବା, ସମୟର ସଦୁପଯୋଗ କରିବା, ସମସ୍ତ କୋଶର ଜ୍ଞାନ, କୌଣସି ଅପୂର୍ଣ୍ଣ ଶ୍ଳୋକକୁ ପୂରଣ କରିବା, ଛଳପୂର୍ବକ କାର୍ଯ୍ୟ ହାସଲ କରିବା, ଶଙ୍ଖ, ହାତୀଦାନ୍ତ ଆଦି ବସ୍ତୁରେ ଗହଣା ନିର୍ମାଣ କରିବା ଆଦି କାର୍ଯ୍ୟ ଭଗବାନ ଶ୍ରୀକୃଷ୍ଣ ଗୁରୁଙ୍କ ଆଶ୍ରମରୁ ଶିକ୍ଷା ଲାଭ କରିଥିଲେ ।

# ମାଣ୍ଡିପଙ୍କାରେ ଜାତୀୟ କଂଗ୍ରେସ କମିଟି ସମ୍ପାଦିକା

## ପୁଣି ଆମ୍ବଟାକୁଆ ମୃତ୍ୟୁ ପ୍ରସଙ୍ଗ ଉଠାଇଲା କଂଗ୍ରେସ

ବାଲିଗୁଡା ,୨୧/୩ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକ ଗଦାପୁର ପଞ୍ଚାୟତ ମାଣ୍ଡିପଙ୍କା ଗ୍ରାମରେ ବହୁ ଚର୍ଚ୍ଚିତ ଆମ୍ବ ଟାକୁଆ ଖାଇ ଗତ ନଭେମ୍ବର ରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏକାଧିକ ଲୋକ ଏଥିରେ ଗୁରୁତର ହୋଇଥିଲେ। ଉକ୍ତ ପ୍ରସଙ୍ଗକୁ ପୁଣି ଥରେ ୫ ମାସ ପରେ କଂଗ୍ରେସ ଉଠାଇଛି। ଗୁରୁବାର ଜାତୀୟ କଂଗ୍ରେସ କମିଟିର ସମ୍ପାଦିକା ରୋଜାଲିନା ତିର୍କୀ ମାଣ୍ଡିପଙ୍କା ଗସ୍ତ କରିଛନ୍ତି। ସେ ପ୍ରଥମେ ଦାରିଙ୍ଗବାଡି ଡାକ ବଙ୍ଗଳାରେ ପହଞ୍ଚିଥିଲେ। ସେଠାରେ ବ୍ଲକ ଓ ଜିଲା କଂଗ୍ରେସ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଅପରାହ୍ନ ସାଢେ ୪ ଟାରେ ସେ ମାଣ୍ଡିପଙ୍କାରେ ପହଞ୍ଚିଥିଲେ। ସେଠାରେ ଆମ୍ବଟାକୁଆ ଖାଇ ମୃତ୍ୟୁବରଣ କରିଥିବା ପରିବାରଙ୍କୁ ଭେଟି ଆଲୋଚନା କରିଥିଲେ। ପରେ ସେ ଗାଁ ମୁଖିଆଙ୍କଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଅକ୍ଟୋବର ଓ ନଭେମ୍ବର ସମୟରେ କୃଷି କ୍ଷେତ୍ର ରେ ଅମଳ ହୋଇନଥିବାରୁ ଚଳିବା ମୁସ୍କିଲ ହେଉଥିବା କହିଥିଲେ ଏଥିସହ ସରକାର କ୍ଷତିପୂରଣ ପ୍ରଦାନ କରିବେ ବୋଲି ବିଡ଼ିଓ ପ୍ରୀତିରଞ୍ଜନ ସୂଚନା ଦେଇଥିବା ଅଞ୍ଚଳବାସୀ ଜଣାଇଥିଲେ ଏବେ ମଧ କିଛି ନଳକୂପରୁ ଗୋଳିଆ ପାଣି ବାହାରୁଥିବା ମହିଳାମାନେ ଜଣାଇଥିଲେ। ଏନେଇ ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦିକା ରୋଜାଲିନ ତିର୍କୀ କହିଥିଲେ, ତାଙ୍କୁ ଏଠାକୁ ଆସିବା ପାଇଁ ରାହୁଲ ଗାନ୍ଧୀ ନିର୍ଦ୍ଦେଶ ଦେଇଥିଲେ। ସେ ଏଠି ଯେଉଁ ପରିସ୍ଥିତି ଦେଖିଲେ ସେ ସମ୍ପର୍କରେ ରାହୁଲ ଗାନ୍ଧୀଙ୍କୁ ଅବଗତ କରାଇବି ବୋଲି କହିବା



ସହ ମାଣ୍ଡିପଙ୍କାରେ ଘଟଣା ଘଟିବା ପରେ ସେ ନିଜେ ଓ ରାଜ୍ୟର ନେତୃତ୍ୱମଣ୍ଡଳୀ ସେତେବେଳେ ଓଡିଶାର ରାଜ୍ୟପାଳଙ୍କୁ ଭେଟି ମାଣ୍ଡିପଙ୍କା ର ଘଟଣା ଜଣାଇବା ସହ ଲୋକଙ୍କୁ ସାହାଯ୍ୟ କରିବାକୁ କୁହାଯାଇଥିଲା। କିନ୍ତୁ କେବଳ ରେଡ଼କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ପ୍ରଦାନ କରି ଆଉ କ୍ଷତିପୂରଣ ଦିଆଯାଇ ନ ଥିବା ଉଦବେଗଜନକ ଘଟଣା ଏବେ କଂଗ୍ରେସ ଏହି ପ୍ରସଙ୍ଗ ଉଠାଇବା ଶୁଣି ୪ ଲକ୍ଷ ଲେଖାଏ କ୍ଷତିପୂରଣ ବାବଦକୁ ସହାୟତା ରାଶି ଦିଆଯିବ ବୋଲି ପ୍ରଶାସନ ତତ୍ପରତା ହେଉଛନ୍ତି ବୋଲି ସମ୍ପାଦିକା ରୋଜାଲିନ ଏବଂ ଅନ୍ୟମାନେ କହିଛନ୍ତି। ସେହିପରି ଅଙ୍ଗନାୱାଡି କେନ୍ଦ୍ର, ବିଦ୍ୟାଳୟ ଓ ଅନ୍ୟ ସାହି ରାସ୍ତା ଆଦି ଅବହେଳିତ ହୋଇରହିଥିବା ଅଭିଯୋଗ ହେଉଥିବା କହିଛନ୍ତି। ସୂଚନାଯୋଗ୍ୟ ଯେ, ମାଣ୍ଡିପଙ୍କାରେ ଆମ୍ବ ଟାକୁଆ ଖାଇ ୩ ମହିଳାଙ୍କ ମୃତ୍ୟୁପରେ ସରକାର ସେଠାରେ ନିୟମିତ ସାଧାରଣ ବଣ୍ଟନ ଚାଉଳକୁ ସଠିକ ସମୟରେ ବଣ୍ଟନ କରାଯାଉଥିବା ଓ ମାଣ୍ଡିପଙ୍କା ଗ୍ରାମରେ ବଣ୍ଟନ କେନ୍ଦ୍ର ବ୍ୟବସ୍ଥା, ସୋଲାର ପମ୍ପ ଯୋଗେ ଶୁଦ୍ଧ ଜଳ ଯୋଗାଣ, ପେଭର ରାସ୍ତା ନିର୍ମାଣ, ମାଣ୍ଡିପଙ୍କା ଠାରୁ କିଛି ଦୂରରେ ନେଟୱାର୍କ ବ୍ୟବସ୍ଥା ଆଦି କରାଯାଇଥିବା ମାଣ୍ଡିପଙ୍କାର ୱାର୍ଡ ସଭ୍ୟ ମଧୁସ୍ମିତା ବେହେରା ପାତ୍ର କହିଛନ୍ତି। ପ୍ରଦେଶ କମିଟିର ସମ୍ପାଦିକାଙ୍କ ଗସ୍ତ ସମୟରେ ଦକର ଜିଲ୍ଲା ସଭାପତି ଚନ୍ଦ୍ରଶେଖର ପରିଡା, କି. ଉଦୟଗିରି ନିର୍ବାଚନ ମଣ୍ଡଳର ପୂର୍ବତନ ବିଧାୟକ ଜାକବ ପ୍ରଧାନ, ଫୁଲବାଣୀର ପୂର୍ବତନ ବିଧାୟକ ତଥା ପୂର୍ବତନ କନ୍ଧମାଳ ଏମପି ଅଭିମନ୍ୟୁ ବେହେରା, ଯୁବ କଂଗ୍ରେସ କର୍ମୀ ଆନସ ପ୍ରଧାନ, ଅମିତ ଚାନ୍ଦ ନାୟକ, ଜିଲ୍ଲାପରିଷଦ ସଦସ୍ୟା ଦୀପିକା ମାଝୀ, ସମିତି ସଭ୍ୟ ରୂଦା ମଲିକ, ସରପଞ୍ଚ କୁମାରୀ ମଲିକଙ୍କ ସମେତ ବହୁ ଦଳୀୟ କର୍ମୀ ମାଣ୍ଡିପଙ୍କା ଗସ୍ତ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଚିଲିକା ଗସ୍ତ

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର କରିବେ ଶୁଭାରମ୍ଭ



ବାଣପୁର ୨୧/୩ (ନି.ପ୍ର): ରାଜ୍ୟ ସରକାରଙ୍କ ତରଫରୁ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରତି ଗ୍ରାମ ପଞ୍ଚାୟତରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଛି। ଏହି ଯୋଜନାରେ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ଅତ୍ୟାଧୁନିକ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ। ସମୁଦାୟ ୬,୭୯୪ଟି ବିଦ୍ୟାଳୟ ନିର୍ମାଣ ହେବାର ଯୋଜନା ରହିଛି।ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ସ୍ଥିତ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ନାମରେ ନାମିତ ଗୋଦାବରୀଶ ଉଚ୍ଚ ବିଦ୍ୟାଳୟ ଠାରେ "ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ" ଆସନ୍ତା ମାର୍ଚ୍ଚ ୩୦ ତାରିଖରେ ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ କରାଯିବ। ଏହି ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ପୁରୀ ସାଂସଦ ଡ଼ାଃ ସମ୍ବିତ ପାତ୍ର ଗୁରୁବାର ଦିନ ଉକ୍ତ ବିଦ୍ୟାଳୟର କ୍ଷେତ୍ର ପରିଦର୍ଶନ କରି ବିଭିନ୍ନ ବ୍ୟବସ୍ଥା ପାଇଁ ସ୍ଥାନ ନିରୂପଣ କରିବା ସହ ଉପସ୍ଥିତ ଖୋର୍ଦ୍ଧା ଜିଲ୍ଲାପାଳ, ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ବାଣପୁରର ମଣ୍ଡଳ ଶିକ୍ଷା ଅଧିକାରୀ, ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

# କଣାସ: ବିଭିନ୍ନ ସ୍ଥାନରେ ପଞ୍ଚୁଦୋଳ ଅନୁଷ୍ଠିତ



କଣାସ ୨୧/୩ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକର ବିଭିନ୍ନ ସ୍ଥାନରେ ଯଥା କଣାସ, ଦୋକନ୍ଦା,ସିରେଇ,ଅଣ୍ଡାରସିଂହ , ଗଡ଼ସାହି ଓ ଜଙ୍କିଆ ଗ୍ରାମରେ ପଞ୍ଚୁଦୋଳ ମେଳଣ ଧୁମ୍ ଧାମରେ ଅନୁଷ୍ଠିତ ହୋଇଅଛି ।ଏହି ମେଳନରେ ହଜାର ହଜାର ଲୋକମାନଙ୍କର ଭିଡ ଜମିଥିବା ଦେଖିବାକୁ ମିଳିଛି । ଜଙ୍କିଆ ମେଳଣ ୪୦୦ବର୍ଷରୁ ଉର୍ଦ୍ଧ ହେବ ଏହି ପରମ୍ପରା ଚାଲିଆସିଛି ।ବୁଧବାର ଠାରୁ ଆରମ୍ଭ ହୋଇ ଶୁକ୍ରବାର ଉଦଯାପିତ ହେବାର କାର୍ଯ୍ୟକ୍ରମ ରହିଛି ।ସେହି ଦିନ ହରିହର ଭେଟ ଅନୁଷ୍ଠିତ ହେବ ।ଏହି ମେଳଣର ଆକର୍ଷଣ ହେଲା ଠାକୁରଙ୍କ ପାଖରେ ୩୩ପ୍ରକାର ଭୋଗ ଲାଗି ହୋଇଥାଏ ।ଏହି ମେଳଣରେ ଜଙ୍କିଆ ଗ୍ରାମର କପିଳେଶ୍ୱର ଦେବ ଆୟୋଜକ ଥିବା ବେଳେ ନନ୍ଦ ଠାକୁର ସଭାପତି ରହିଥାନ୍ତି ,ସ୍ଥାନପତି ନନ୍ଦିଗୋଦା ଗ୍ରାମର ନୀଳକଣ୍ଠଶ୍ୱର,ମୁଖ୍ୟ ଅତିଥି ଓଲ୍ଲ ଗ୍ରାମର ଆରାଧ ଦେବତା ଇନ୍ଦ୍ରଶ୍ୱର ଦେବ ।ବୁଧବାର ଦିନ ରାତିରେ ଜମାଣ କାଯ୍ୟ ଆରମ୍ଭ ହୋଇଥିଲା ଏଥିରେ କପିଳେଶ୍ୱର, ନୀଳକଣ୍ଠଶ୍ୱର,ନନ୍ଦ ଠାକୁର,ଭାଗବତ ବାସୁଦେବ ଜଙ୍କିଆ ଗ୍ରାମରେ ପାଟୁଆରରେ ବାହାରିଥିଲେ ।ଚାରି ଠାକୁରଙ୍କ ପାଖରେ ନୀତି ଭୋଗ ଅନୁଷ୍ଠିତ ହୋଇଥିଲା ।ଆତସବାଜି,ମେଢ଼,ନାଗାନାଚ,ବଗବଗୁଲି ନାଚ,ପରିନାଚ, ବାଘ ବାଘୁଣୀ ନାଚ,ଘୋଡା ନାଚ,ସିଙ୍ଗ ବାଦ୍ୟ,ନାମ ସଙ୍କୀର୍ତ୍ତନ ସହିତ ଗ୍ରାମ ପରିକ୍ରମା କରି ଭୋର ୪ଟା ରେ ଦୟାନଦୀ କୂଳରେ ଥିବା ମେଳଣ ପଡିଆକୁ ଯାଇ ଖୁଣ୍ଟି ଲାଗି ହୋଇଥିଲେ ।ଗୁରୁବାର ଦିନ ଓଲ୍ଲ ଗ୍ରାମର ଆରାଧ ଠାକୁର ଶ୍ରୀଇନ୍ଦ୍ରଶ୍ୱରଦେବ ତାଙ୍କ ପୀଠରୁ ବାହାରି ସୁକଳ ଦେଇ ବିଭିନ୍ନ ଛକରେ ପହଞ୍ଚି ପନ୍ତି ଭୋଗ ଲାଗି ହୋଇଥିଲା । ପରେ ବେଣାଗାଁ,ଗଡ଼ସାହି, ମର୍ଧାପଲ୍ଲୀ,ଜଙ୍କିଆ ଗ୍ରାମରେ ଭୋଗ ଲାଗି ହେବା ପରେ ମେଳଣ ପଡ଼ିଆରେ ପହଞ୍ଚି ଥିଲେ ।ଆଖ ପାଖ ୩୬ଟି ଗ୍ରାମର ଦୋଳ ଜଙ୍କିଆ ମେଳଣ ପଡିଆ ରେ ପହଂଚି ଥିଲେ ।ଏହି ବର୍ଷକର ଥରେ ମେଳଣକୁ ଆନନ୍ଦର ସହ ଅଞ୍ଚଳର ଲୋକମାନେ ଚାହିଁରହିଥାନ୍ତି ।କାରଣ ସ୍ଥାନୀୟ ଲୋକମାନେ ଘରକରଣା ଜିନିଷ କିଣାକିଣି କରିବା ସହ ଦୋଳରେ ବିଭନ୍ନ ଠାକୁରଙ୍କୁ ଦର୍ଶନ କରିଥାନ୍ତି ।ଏହି ମେଳଣରେ ହଜାର ହଜାର ଲୋକମାନଙ୍କର ସମାଗମ ହୋଇଥିଲା ।ଶାନ୍ତି ଶୃଙ୍ଖଳା ପାଇଁ କଣାସ ଥାନା ପାଖରୁ ଥାନା ଅଧିକାରୀ ପ୍ରଦୀପ କୁମାର ଜୁଝାରସିଂହ ଓ ଅନନ୍ୟା ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।ଜଙ୍କିଆ ଗ୍ରାମର ଗ୍ରାମବାସୀ ଓ ଶାନ୍ତି କମିଟି ଉପସ୍ଥିତ ରହି କିଭଳି ଭାବରେ ମେଳଣ ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହେବ ସେ ନେଇ ପରିଚାଳନା କରିଥିଲେ ।

# ବାଲି ବୋଝେଇ ଟ୍ରାକ୍ଟର ଜବଦ କଲା ବନବିଭାଗ

ପାଟଣା ୨୧/୩ (ନି.ପ୍ର): କେନ୍ଦୁଝର ବନଖଣ୍ଡ ସହକାରୀ ବନ ସଂରକ୍ଷକ କେ. ନାଗରାଜୁ ଓ ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର ଆଜି ପୂର୍ବାହ୍ନରେ କେନ୍ଦୁଆପଡା ନିକଟରୁ ବେଆଇନ ବାଲି ଚାଲାଣ କରୁଥିବା ଏକ ଟ୍ରାକ୍ଟର କୁ ଜବଦ କରି ପାଟଣା ବନାଞ୍ଚଳ କାର୍ଯ୍ୟାଳୟ ପରିସରକୁ ଆଣିଥିବା ଦେଖାଯାଇଛି ।ଆଜି ସକାଳୁ ଏହି ଚଢ଼ାଉ ସମୟରେ ଅନ୍ୟ ଟ୍ରାକ୍ଟର ଖସିଯିବାରେ ସକ୍ଷମ ହୋଇଥିବା ବେଳେ ଗୋଟିଏ ଟ୍ରାକ୍ଟର ବନବିଭାଗ ହାବୁଡ଼ରେ ପଡିଥିଲା।

# ପୋଇପାଣି ରେ ଗାଈ ମଡକ

ପାଟଣା ୨୧/୩ (ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ତୋରାଣିପୋଖରୀ ପଞ୍ଚାୟତ ପୋଇପାଣି ଗ୍ରାମ ଓ ଏହାର ଆଖପାଖ ଗ୍ରାମରେ ଗାଈ ମଡକ ଦେଖାଦେଇଛି । ଏହି କାରଣରୁ ଦୁଗ୍ଧ ଚାଷୀ ମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି । କେବଳ ୩ ଦିନ ମଧ୍ୟରେ ପୋଇପାଣି ଗ୍ରାମରେ ୬ ଟି ଗାଈ ଅଜଣା ରୋଗରେ ପ୍ରାଣ ହରାଇଛନ୍ତି ।ପୋଇପାଣି ଗ୍ରାମର ରାଜକୁମାରୀ କାରୁଆଙ୍କ ର ୨ ଟି ଗାଈ, ମୀରା ସାହୁଙ୍କ ର ୧ ଟି, ରଞ୍ଜନ ସାହୁଙ୍କ ର ୧ ଟି ଓ ବାବୁଲି ନାଏକଙ୍କ ର ୨ ଟି ଗାଈ ପ୍ରାଣ ହରାଇଥିବା ସୂଚନା ମିଳିଛି । ଏନେଇ ପ୍ରାଣୀ ସମ୍ପଦ ବିଭାଗକୁ ଖବର ଦିଆଯିବା ପରେ କେନ୍ଦୁଝରର ରୁ ଏ ଡି ଭି ଓ ଡାକ୍ତର ତପନ କୁମାର ମଲ୍ଲିକ, ଢେଙ୍କିକୋଟର ପ୍ରାଣୀ ଚିକିତ୍ସକ ଡାକ୍ତର ବିଶ୍ୱରଞ୍ଜନ ସୋରେନ ପୋଇପାଣି ଗ୍ରାମକୁ ଯାଇ ଗାଈ ମୃତ୍ୟୁର ତଦନ୍ତ କରିଛନ୍ତି । ବଜବଜିଆ ରୋଗରେ ଗାଈଙ୍କ ର ମୃତ୍ୟୁ ଘଟିଥିବା ଆଶଙ୍କା କରି ଗାଈ ପାଟି ର ଲାଳ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଥିବା ଡ଼ାକ୍ତର ସୋରେନ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି ।

# ପରକୀୟା ପ୍ରୀତି ସନ୍ଦେହ ରେ ବ୍ୟକ୍ତିଙ୍କୁ କୁଛତ୍ର ମାଡ଼, ଅବସ୍ଥା ସଙ୍କଟାପନ୍ନ

ପାଟଣା ୨୧ ।୩(ନିପ୍ର)ପାଟଣା ଥାନା ଅନ୍ତର୍ଗତ ଗାଲଫୁଲା ଗ୍ରାମର ଜଣେ ୪୫ ବର୍ଷୀୟ ବ୍ୟକ୍ତି ଆଜି ଏହି ବ୍ଲକ ଅନ୍ତର୍ଗତ ଡେଣୁଆଁ ଗ୍ରାମର ବାସିନ୍ଦା ତଥା ଜଣେ ବିଧବା ମହିଳା ଙ୍କ ନିକଟକୁ ଯାଇଥିବା ବେଳେ ତାଙ୍କୁ ସଙ୍ଘ ବଦ୍ଧ ଆକ୍ରମଣ କରାଯାଇଛି ।ସଂପୃକ୍ତ ବିଧବା ମହିଳା ଙ୍କ ଜଣେ ପୁଅ ଓ ଜ୍ୱାଇଁ ଉକ୍ତ ବ୍ୟକ୍ତିଙ୍କୁ ଠେଙ୍ଗା ବାଡ଼ି ରେ ପିଟି ପିଟି ରାସ୍ତା କଡରେ ପକାଇ ଦେଇଥିଲେ ।ଖବର ପାଇ ଗାଲ ଫୁଲା ଗ୍ରାମରୁ ସମ୍ପର୍କୀୟ ମାନେ ଘଟଣା ସ୍ଥଳକୁ ଯାଇ ତାକୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି ।ତାଙ୍କ ଅବସ୍ଥା ଉଦବେଗଜନକ ରହିଛି।

# 'ଜନମଙ୍ଗଳ ସେବା ସଂସ୍ଥା'ଦ୍ୱାରା ଅସହାୟ ବୃଦ୍ଧା ଉଦ୍ଧାର

ଓଡ଼ପଡ଼ା/ହିନ୍ଦୋଳ ୨୧/୩ (ନି.ପ୍ର): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ରାସୋଳ ଶ୍ରଦ୍ଧାଶକ୍ତି ସେବା ସଂସ୍ଥାନ (ଜନ ମଙ୍ଗଳ) ଦ୍ୱାରା ୬୫ ବର୍ଷୀୟ ବୃଦ୍ଧାଙ୍କୁ ଉଦ୍ଧାର କରାଯାଇ ଢ଼େଙ୍କାନାଳ ଜିଲ୍ଲା ସଖୀ ୱାନ ଷ୍ଟପ ସେଣ୍ଟରକୁ ସ୍ଥାନାନ୍ତର କରାଯାଇଛି ।ଖବରରୁ ପ୍ରକାଶ ହିନ୍ଦୋଳ ବିଜ୍ଞାପିତ ଅଞ୍ଚଳ ପରିଷଦ କାନ୍ଦରାଶୁଣି ଆଦର୍ଶ ବିଦ୍ୟାଳୟ ନିକଟସ୍ଥ ହାତୀ ପ୍ରବଣ ଜଙ୍ଗଲ ନିକଟରେ ନୂଆକୋଟ ନିବାସୀ କାଇଁଚ ବେହେରା ନାମକ ୬୫ ବର୍ଷୀୟ ବୃଦ୍ଧା ଏକାକୀ ଅସହାୟ ଅବସ୍ଥାରେ ପ୍ରାୟ ଦେଢ଼ ବର୍ଷ ହେବ ଖୋଲା ଆକାଶ ତଳେ ରହି ଆସୁଥିଲେ ।ସେଠିକାର କିଛି ପାଖ ପାଖି ଲୋକ କିଛି ଦେଲେ ସେ ଖାଆନ୍ତି ନଚେତ୍ ଉପାସ ରହନ୍ତି ବୋଲି ଜଣାଯାଇଛି ।ବୃଦ୍ଧାଙ୍କର୍ ଆଧାର କାର୍ଡ ଓ ରାସନ୍ କାର୍ଡ ଥିବା ମଧ ଶୁଣିବାକୁ ମିଳିଛି କିନ୍ତୁ ବର୍ତ୍ତମାନ ତାହା ତାଙ୍କ ପାଖରେ ନାହିଁ ସେଥିପାଇଁ ସମସ୍ତ ସରକାରୀ ସୁବିଧାରୁ ମଧ ବଞ୍ଚିତ ।ତେବେ କେଉଁ କାରଣରୁ କେବେଠୁ ସେଠି ଅସହାୟ ଅବସ୍ଥାରେ ଅଛନ୍ତି,କାହିଁକି ସେ ସମସ୍ତ ସରକାରୀ ସୁବିଧାରୁ



ବଞ୍ଚିତ ତାହା ନିହାତି ପକ୍ଷେ ତଦନ୍ତ ସାପେକ୍ଷ । କାନ୍ଦରାଶୁଣିର କିଛି ଲୋକ,ନରସିଂହପୁର ଅଞ୍ଚଳର ଯୁବ ସମାଜ ସେବୀ ତପନ କୁମାର ମହାନ୍ତି ଏବଂ ନରସିଂହପୁର କାନପୁର ଅଞ୍ଚଳର ପ୍ରେରଣା ଫାଉଣ୍ଡେସନ ର ପ୍ରତିଷ୍ଠାତା ତଥା ଆମେ ସବୁ ଅସହାୟ ର ସାଥୀ ଆହ୍ୱାନ ର କଟକ ଜିଲ୍ଲା ଆବାହକ ଶ୍ରୀମାନ ଜ୍ୟୋତି ରଞ୍ଜନ ସାହୁ ଙ୍କ ରେ ସୂଚନା ପ୍ରାପ୍ତି ପରେ ଶ୍ରଦ୍ଧା ଶକ୍ତି ସେବା ସଂସ୍ଥାନ (ଜନ ମଙ୍ଗଳ), ରାସୋଳ ପ୍ରତିଷ୍ଠାତା ତଥା ସମଗ୍ର ଓଡ଼ିଶା ସେବା ଅଭିଯାନ ରେ ମୂଖ୍ୟ ସଚେତକ ବିଭୁପ୍ରସାଦ ଶତପଥୀ ଓ ଉପ ସଭାନେତ୍ରୀ ପ୍ରତିମା ପାଳ ଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅସହାୟ ବୃଦ୍ଧା ମହିଳା କାଇଁଚ ବେହେରା ଙ୍କୁ ଉଦ୍ଧାର କରିଛନ୍ତି ।ସେ ଉକ୍ତ ବୃଦ୍ଧା ଙ୍କୁ ଆଗେଇବା ପରିବାର ଢେଙ୍କାନାଳ ପ୍ରଦତ୍ତ ଶ୍ରଦ୍ଧା ଶକ୍ତି ସେବା ସଂସ୍ଥାନ ଜନ ମଙ୍ଗଳ ରାସୋଳ ସଂଗଠନ ଦାୟିତ୍ୱ ରେ ଥିବା ପଣ୍ଡିତ ନୀଳକଣ୍ଠ ସ୍ୱାସ୍ଥ୍ୟ ସେବା ଯାନ ରେ ଢ଼େଙ୍କାନାଳ ସଖି ସେଣ୍ଟର କୁ ଉତ୍ତମ ସ୍ୱାସ୍ଥ୍ୟ ଓ ରକ୍ଷଣାବେକ୍ଷଣ ପାଇଁ ସ୍ଥାନାନ୍ତର କରାଯାଇଛି ।ସଂଗଠନର ଏହି ଜନହିତକର କାର୍ଯ୍ୟପାଇଁ ଅଞ୍ଚଳବାସି ଉଚ୍ଚ ପ୍ରଶଂସା କରିଛନ୍ତି ।

# ସୁବୁଦ୍ଧିପଲ୍ଲୀ ସ୍କୁଲରେ ବାର୍ଷିକ ଉତ୍ସବ ଓ ଆମ ସଂସ୍କୃତି, ଆମ ଖେଳନା

ବୁଗୁଡା ୨୧/୩ (ନି.ପ୍ର): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ସୁବୁଦ୍ଧିପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ଆମ ସଂସ୍କୃତି, ଆମ ଖେଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ଏହି ବିଦ୍ୟାଳୟରୁ ଅବସର ନେଇଥିବା ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଦାଶ ମୁଖ୍ୟ ଅତିଥି ଏବଂ ରାମଣ୍ଡା କ୍ଲଷ୍ଟରର ସି.ଆର.ସି.ସି. ସୁଶାନ୍ତ କୁମାର ସେଠୀ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷା ସୁନିତା ଗୌଡ଼, ଡ଼ାକରାବାଡି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ଗୌଡ଼, ସୋଲଣ୍ଡି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର ଜେନା, ଓ ଠଣାପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣେଶ୍ୱର ଦଳେଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ବହୁ ଅଭିବାବକଙ୍କ ସହ ଗ୍ରାମବାସୀ ମଧ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପରେ ଆମ ସଂସ୍କୃତି ଆମ ଖେଳନା କର୍ମଶାଳାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ଅଦରକାରୀ ଜିନିଷ ଓ କମଦାମରେ ନିର୍ମିତ ଖେଳନା ପଦର୍ଶିତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରତାପ କୁମାର ଖାଡ଼ଙ୍ଗା ଧନ୍ୟବାଦ ଅର୍ପଣ କରଥିଲେ।

# ଇସ୍ପାତ ଓ ଭାରୀ ଶିଳ୍ପ ମନ୍ତ୍ରୀ ଏଚଡି କୁମାରସ୍ୱାମୀଙ୍କୁ ସାକ୍ଷାତ କଲେ କେନ୍ଦୁଝର ସାଂସଦ

ପାଟଣା ୨୧/୩ (ନି.ପ୍ର): କେନ୍ଦୁଝରର ସାଂସଦ ଅନନ୍ତ ନାୟକ ଆଜି ନୂଆ ଦିଲ୍ଲୀ ଠାରେ ଇସ୍ପାତ ଓ ଭାରୀ ଶିଳ୍ପ ମନ୍ତ୍ରୀ ଶ୍ରୀ ଏଚ.ଡି. କୁମାରସ୍ୱାମୀଙ୍କ ସହିତ ସାକ୍ଷାତ କରିଛନ୍ତି । ଏହି ଅବସରରେ ଶ୍ରୀ ନାୟକ ଓଡ଼ିଶା ଖଣିଜ ବିକାଶ କମ୍ପାନୀ ଓଏମଡିସି କର୍ମଚାରୀଙ୍କର ଗୁରୁତର ସମସ୍ୟାଗୁଡ଼ିକର ସମାଧାନ ପାଇଁ ଏକ ସ୍ମାରକ ପତ୍ର ତାଙ୍କୁ ପ୍ରଦାନ କରିଛନ୍ତି । ଓଏମଡିସି କମ୍ପାନୀ ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ୍ ବା ଆର.ଆଇ.ଏନ୍.ଏଲ ର ସହଯୋଗୀ କମ୍ପାନୀ ଅଟେ। ଏହି ପତ୍ରରେ ଶ୍ରୀ ନାୟକ ଓଏମଡିସି କର୍ମଚାରୀ ବିଶେଷ ଭାବେ ଜନଜାତୀୟ ବର୍ଗର କର୍ମଚାରୀ ମାନଙ୍କର ଗୁରୁତର ଆର୍ଥିକ ସମସ୍ୟା ଗୁଡିକ ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି । ଯେଉଁମାନଙ୍କୁ ଗତ ୭ - ୮ ମାସ ଧରି ବେତନ ମିଳି ନାହିଁ । ଏହି କାରଣରୁ ଏହି କର୍ମଚାରୀ ମାନେ ଆର୍ଥିକ ସଂକଟ ଦେଇ ଗତି କରୁଛନ୍ତି । ବେତନ ମିଳିବାରେ ବିଳମ୍ବ କାରଣରୁ ସେମାନେ ଆନ୍ଦୋଳନ କରୁଛନ୍ତି ଓ ଗତ ଦୁଇ ମାସରୁ ଧର୍ମଘଟ କରୁଛନ୍ତି । ଏହି କାରଣରୁ ଇସ୍ପାତ ମନ୍ତ୍ରଣାଳୟର ହସ୍ତକ୍ଷେପର ଆବଶ୍ୟକତା ବଢିଯାଇଛି ବୋଲି ଶ୍ରୀ ନାୟକ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି । ଶ୍ରୀ ନାୟକ ତାଙ୍କ ପତ୍ରରେ କହିଛନ୍ତି ଯେ ଏହି କମ୍ପାନୀର ପ୍ରତିଷ୍ଠା ୧୯୧୮ ମସିହାରେ ହୋଇଥିଲା ଓ ଏହା ଦେଶର ସବୁଠାରୁ ପୁରୁଣା ରାଷ୍ଟ୍ରାୟତ ଉଦ୍ୟୋଗ ମଧ୍ୟରୁ ଅନ୍ୟତମ । ୨୦୧୧ ମସିହାରେ ଏହା ଆରଆଇଏନଏଲର ସହାୟକ କମ୍ପାନୀ



ହୋଇଥିଲା । ଓଡିଶାର କେନ୍ଦୁଝର ଜିଲ୍ଲାରେ ଏହି କମ୍ପାନୀ ୬ଟି ଲୌହ ଓ ମାଙ୍ଗାନିଜ ଖଣିର ପରିଚାଳନା କରିଥାଏ । ତେବେ ବିଭିନ୍ନ ଅପରେସନାଲ ଓ ନିୟାମକ ସମସ୍ୟା କାରଣରୁ ଏହି ଖଣି ଗୁଡିକର ପରିଚାଳନା ଅନେକ ସମୟ ଧରି ବନ୍ଦ ପଡି ରହିଛି । ତେବେ ଭଦ୍ରାସାହୀ ଲୌହ ଖଣି ୨୦୨୪ ରୁ ପୁଣି ଥରେ ପରିଚାଳିତ ହେବା ଆରମ୍ଭ ହୋଇଛି ଓ ବେଲକୁଣ୍ଡି ଲୌହ ଓ ଆଇରନ ଖଣି ଆଗାମୀ ଦୁଇ ମାସ ମଧ୍ୟରେ ପୁଣି ଆରମ୍ଭ ହେବାର ସମ୍ଭାବନା ରହିଛି । କର୍ମଚାରୀ ମାନଙ୍କୁ ତାଙ୍କର ବକେୟା ବେତନ ପ୍ରଦାନ କରାଯାଇ ନାହିଁ । ଏହା ବାଦ କେନ୍ଦୁଝର ଜିଲ୍ଲାର ଠାକୁରାଣୀ ଠାରେ ସ୍ଥିତ ସ୍ପଞ୍ଜ ପ୍ଲାଣ୍ଟ ୨୦୧୩ ରୁ ବ୍ୟବହାର ନହୋଇ ପଡ଼ି ରହିଛି ଓ ଏହି କାରଣରୁ କର୍ମଚାରୀ ମାନଙ୍କର ଆର୍ଥିକ ସ୍ଥିତି ଆହୁରି ଖରାପ ହୋଇଯାଇଛି । ଶ୍ରୀ ନାୟକ ମନ୍ତ୍ରୀ କୁମାରସ୍ୱାମୀଙ୍କୁ କର୍ମଚାରୀ ମାନଙ୍କର ବକେୟା ବେତନକୁ ଯଥାଶୀଘ୍ର ପ୍ରଦାନ କରାଇବା ସୁନିଶ୍ଚିତ କରିବାକୁ ନିବେଦନ କରିଛନ୍ତି । ଏହା ବାଦ ସେ ଓଏମଡିସିର ଖଣି ଓ ସ୍ପଞ୍ଜ ପ୍ଲାଣ୍ଟ ର ପରିଚାଳନାରୁ ଆସୁଥିବା ବାଧାକୁ ଦୂର କରିବାକୁ ଆବଶ୍ୟକୀୟ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି । ଏହା ସହିତ ସାଂସଦ ନାୟକ ପ୍ରଭାବିତ କର୍ମଚାରୀ ମାନଙ୍କର ପାଇଁ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ଯଦ୍ୱାରା କର୍ମଚାରୀ ମାନଙ୍କର ଆର୍ଥିକ ସମସ୍ୟାକୁ ଦୂର କରାଯାଇ ପାରିବ । ସାଂସଦ ଶ୍ରୀ ନାୟକ ସ୍ଥିତିର ଗୁରୁତ୍ୱକୁ ରେଖାଙ୍କିତ କରି କହିଛନ୍ତି ଯେ କର୍ମଚାରୀ ମାନଙ୍କର ମଧ୍ୟରେ ଅସନ୍ତୋଷ ବଢୁଥିବା କାରଣରୁ ଏହି ମାମଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି । କେନ୍ଦ୍ର ମନ୍ତ୍ରୀ କୁମାରସ୍ୱାମୀ ଏହି ପ୍ରସଙ୍ଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କର୍ମଚାରୀ ମାନଙ୍କ ସମସ୍ୟାକୁ ଦୂର କରିବେ ବୋଲି ଶ୍ରୀ ନାୟକ ଆଶା ବ୍ୟକ୍ତ କରିଛନ୍ତି ।

# ଓଡ଼ାପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜେଜେବାପା ଜେଜେମାଆ ଓ ଅଜା ଆଈ ସମ୍ମିଳନୀ

ଓଡ଼ାପଡ଼ା ୨୧/୩ (ନି.ପ୍ର): ଗତ ୧୭ ତାରିଖ ସୋମବାର ଦିନ ସ୍ଥାନୀୟ ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଓଡ଼ାପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ପ୍ରାଙ୍ଗଣରେ ଜେଜେବାପା ଜେଜେମାଆ ଓ ଅଜା ଆଈ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଅଭିଭାବକ ଶ୍ରୀଯୁକ୍ତ ରମାକାନ୍ତ ମହାପାତ୍ର ମା' ସାରଦା ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବରେ କାର୍ଯ୍ୟକ୍ରମ କୁ ଉଦ୍ ଘାଟନ କରିଥିଲେ। ଏହି ବର୍ଣ୍ଣାଢ଼୍ୟ ସମ୍ମିଳନୀ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଢେଙ୍କାନାଳ ଜିଲ୍ଲାର ସହ ଜିଲ୍ଲା ସଂଘ ଚାଳକ, ତଥା ଜିଲ୍ଲା କୁଟୁମ୍ବ ପ୍ରବନ୍ଧନର ସଂଯୋଜକ ଶ୍ରୀଯୁକ୍ତ ଶକ୍ତିପ୍ରସାଦ ନନ୍ଦ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ପ୍ରାଚୀନ ପରମ୍ପରାରେ ପରିବାର ମହତ୍ୱ, ସାଂପ୍ରତିକ ପରିସ୍ଥିତିରେ ପରିବାରେ ଜେଜେବାପା ଜେଜେମାଆ ଓ ଅଜା ଆଈ ଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀ ରେ ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ଶ୍ରୀଯୁକ୍ତ ରସାନନ୍ଦ ରାଉତ ସମ୍ମାନୀତ ଅତିଥି ଭାବରେ ଯୋଗଦାନ କରିଥିଲେ। ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଦୁର୍ଗା ଚରଣ ରାଉତ ଅତିଥି ମାନଙ୍କର ପରିଚୟ କରି ଜେଜେବାପା ଜେଜେମାଆ ଓ ଅଜା ଆଈ ସମ୍ମିଳନୀ ର ଆଭିମୁଖ୍ୟ କଥନ କରିଥିଲେ। ପରିଚାଳନା ସମିତିର କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ସନ୍ତୋଷ କୁମାର ମହାଭୋଇ, ରଂଜନ କୁମାର ପୃଷ୍ଟି ( ସଦସ୍ୟ ), ଶ୍ରୀମତୀ ଅମିତା ବେହେରା ( ସଦସ୍ୟା) ଉପସ୍ଥିତ ରହି ସମ୍ମିଳନୀ ରେ ସହଯୋଗ କରିଥିଲେ। ଉକ୍ତ ସମ୍ମିଳନୀରେ ୬୦ ରୁ ଉର୍ଦ୍ଧ୍ୱ ଜେଜେବାପା ଜେଜେମାଆ ଓ ଅଜା ଆଈ ଉପସ୍ଥିତ ରହିଥିଲେ। ବିଦ୍ୟାଳୟ ର ବରିଷ୍ଠା ଆଚାର୍ଯ୍ୟା ଶ୍ରୀମତୀ କ୍ଷୀରାବ୍ଧୀ ତନୟା ମହାପାତ୍ର ଏହି ବୈଠକ ର ସଂଯୋଜନା କରିଥିଲେ। ପରିଶେଷରେ ବିଦ୍ୟାଳୟ ର ସହ ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଗଗନ ବିହାରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ାପଡ଼ା ବ୍ଲକ ରେ ଭିନ୍ନକ୍ଷମ ମାନଙ୍କୁ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଓଡ଼ାପଡ଼ା ୨୧/୩ (ନି.ପ୍ର): ଆଜି ଓଡ଼ାପଡ଼ା ବ୍ଲକ ରାଜିବ ଗାନ୍ଧୀ ସଭା ଗୃହ ଠାରେ ଭିନ୍ନକ୍ଷମ ମାନଙ୍କୁ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଓଡ଼ାପଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତୀୟ ତୈଳ ନିଗମ ପାରିପାର୍ଶ୍ୱିକ ଉନ୍ନୟନ ଅଧିକାରୀ ଗୁରୁଦତ୍ତ ଲେଙ୍କା ଓ ଆଲମିକୋ କମ୍ପାନୀ ର ପାରିପାର୍ଶ୍ୱିକ ଉନ୍ନୟନ ଜୁନିଅର ମ୍ୟାନେଜର ବିକାଶ କୁମାର ଯୋଗ ଦେଇ ୧୮ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ହ୍ୱିଲ ଚେୟାର, ଆଶାବାଡ଼ି, ଶ୍ରବଣ ଯନ୍ତ୍ର ସହିତ ଅନ୍ୟାନ୍ୟ ଉପକରଣ ବଣ୍ଟନ କରିଥିଲେ। ଓଡ଼ାପଡ଼ା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନିତା ବେହେରା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବା ବେଳେ ବ୍ଲକ ର କର୍ମଚାରୀମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି ନେତା ସହଦେବ ପୃଷ୍ଟି ଓ ପ୍ରଶାନ୍ତ କୁମାର ପ୍ରଧାନ ଅତିଥି ରୂପେ ଯୋଗଦେଇ ଥିଲେ। ଶେଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଗ ୨୩ ଯୁଦ୍ଧ ବିମାନ ରକ୍ଷଣା ବେକ୍ଷଣ ହେଉନାହିଁ

ପାଟଣା ୨୧/୩ (ନି.ପ୍ର): ଦୀର୍ଘ ଦିନର ବ୍ୟବଧାନ ପରେ ସାହାରପଡ଼ା ବ୍ଲକ ଅନ୍ତର୍ଗତ ବିଲା ଛକ ରେ ମିଗ ଯୁଦ୍ଧ ବିମାନ ଟି ଅବହେଳିତ ହୋଇପଡିରହିବା ସମ୍ବନ୍ଧ ରେ ଚର୍ଚ୍ଚା ହେଉଛି । ଆଜି ବିଜେପି ର ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟା କିରଣ ବାଳା ନାଏକ ସାହାରପଡା ଗସ୍ତ ରେ ଆସିଥିବା ସମୟରେ କିଛି ସମୟ ପାଇଁ ବିଲା ଛକ ରେ ରହି ମିଗ ଯୁଦ୍ଧ ବିମାନ ଟିକୁ ପରିଦର୍ଶନ କରିଥିଲେ । ଏହି ଅବସର ରେ କିଛି ଆଞ୍ଚଳିକ ବ୍ୟକ୍ତି ତାଙ୍କ ସହିତ ଯୁଦ୍ଧ ବିମାନ ସମ୍ବନ୍ଧ ରେ ଆଲୋଚନା କରିଥିଲେ ।ବହୁ ଅନୁରୋଧ ସତ୍ୱେ ବିଗତ ସରକାର ଉକ୍ତ ସେବା ନିବୃତ୍ତ ଯୁଦ୍ଧ ବିମାନ ର ରକ୍ଷଣା ବେକ୍ଷଣ କିମ୍ବା ରଙ୍ଗ ମାରିବା ସମ୍ବନ୍ଧ ରେ କର୍ଣ୍ଣ ପାତ କରିନଥିଲେ ।ଖରା ତରା ରେ ପଡି ଏହାର ପଡି ରଙ୍ଗ ସବୁ ଛାଡି ଗଲାଣି । କେହି ଦୁର୍ବୃତ୍ତ ସମସ୍ତ ନଟ ବୋଲ୍ଟ ଖୋଲି ନେଇଗଲେଣି କ୍ଷ ଆଉ କିଛି ବୋଲ୍ଟ ଖୋଲି ନେଇଗଲେ ଡେଣା ଗୁଡିକ ଖସି ପଡିବ । ତେଣୁ ବର୍ତ୍ତମାନ ର ସରକାର ଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ରକ୍ଷଣା ବେକ୍ଷଣ ସହିତ ରଙ୍ଗ ମାରିବା ଏବଂ ଏଠାରେ ଏକ ପାର୍କ ଏବଂ କଲ୍ୟାଣ ମଣ୍ଡପ ନିର୍ମାଣ କରାଇବା ପାଇଁ ଆଞ୍ଚଳିକ ଅଧିବାସୀ ଶ୍ରୀମତୀ ନାଏକ ଙ୍କୁ ଅନୁରୋଧ କରି ଥିଲେ କ୍ଷ ଶ୍ରୀମତୀ ନାଏକ ମଧ ସରକାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରତିଶୃତି ଦେଇଥିଲେ କ୍ଷ ପ୍ରକାଶ ଥାଉକି ଉକ୍ତ ମିଗ ୨୩ ଯୁଦ୍ଧ ବିମାନ ଟି କାର୍ଗିଲ ଯୁଦ୍ଧ ରେ ନିୟୋଜିତ ଥିଲା ଶେଷରେ କେନ୍ଦ୍ର ସରକାର ଙ୍କ ଦ୍ୱାରା ପରିଚାଳିତ ବାୟୁ ସେନା ବିଭାଗ ୧୪ ଡ଼ିସେମ୍ବର ୨୦୨୦ ମସିହା ରେ ପ୍ରଦର୍ଶନ ନିମନ୍ତେ ଏହି ଯୁଦ୍ଧ ବିମାନ ଟି କୁ ଖଜିରାପାଟ ସରପଞ୍ଚ ଙ୍କୁ ଏକ ସରକାରୀ ଚିଠି ମାଧ୍ୟମ ରେ ହସ୍ତାନ୍ତର କରାଯାଇଥିଲା ।

# ତାରାଗାଁ ଛକ ନିକଟରେ ବସ ଓଲଟି ଡାବୁଗାଁର ଜଣେ ମୃତ, ୨୦ରୁ ଉର୍ଦ୍ଧ ଆହତ

ନବରଙ୍ଗପୁର ୨୧/୩ (ନି.ପ୍ର): ଆଜି ସକାଳୁ ନବରଙ୍ଗପୁରରେ ଏକ ବସ୍ ? ଓଲଟିପଡିଛି । ଫଳରେ ଜଣେ ଯାତ୍ରୀଙ୍କର ମୃତ୍ୟୁ ହୋଇଛି । ଏନେଇ ପୋଲିସ ଘଟଣାର ତଦନ୍ତ ଜାରି କରିଛି ।ସୂଚନା ଅନୁସାରେ, ନବରଙ୍ଗପୁର ଜିଲ୍ଲା ତାରାଗାଁ ନିକଟରେ ବସ୍ ? ଓଲଟିପଡିଛି । ବସ୍ ? ଟି ୫୦ରୁ ଅଧିକ ଯାତ୍ରୀଙ୍କୁ ନେଇ ଉମରକୋଟରୁ ଯାଉଥିବା ସମୟରେ ଦୁର୍ଘଟଣା ଘଟିଛି । ଫଳରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ହେବା ସହିତ ୨୦ରୁ ଉର୍ଦ୍ଧ ଆହତ ହୋଇଛନ୍ତି । ଖବର ପାଇ,ନବରଙ୍ଗପୁର ଓ ପାପଡାହାଣ୍ଡି ପୋଲିସ ଘଟଣାସ୍ଥଳରେ ଆହତ ସମସ୍ତଙ୍କୁ ଉଦ୍ଧାର କରି ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି । ପୋଲିସ ମୃତଦେହକୁ ଜବତ କରିଛି । ମୃତକ ଜଣକ ଡାବୁଗାଁ ଗ୍ରାମର ଗିବିନ୍ଦ ତ୍ରିପାଠୀ ବୋଲି ଜଣା ପଡିଛି। ବର୍ତ୍ତମାନ ଡାବୁଗାଁ ଅଂଚଳରେ ଶୋକର ଛାୟା ଖେଳି ଯାଇଛି।

# ମୋଦୀ ଜୀଙ୍କ ପୂର୍ବ ଜନ୍ମ ମହାରାଜ ଛତ୍ରପତି ଶିବାଜୀ:ପାର୍ଲାମେଣ୍ଟ ଓ ଦେଶରେ ଚର୍ଚ୍ଚା ଓ ବିବାଦ ପରେ, ସାମନାକୁ ଆସିଲେ ସନ୍ଥ ଗିରିଜା ଶଙ୍କର ଦାସ

ବରଗଡ ୨୧/୩ (ନି.ପ୍ର): ଗତ ୨ ଦିନ ତଳେ ଲୋକସଭାରେ ରେଲୱେ ଖର୍ଚ୍ଚ ଦାବୀ ଉପରେ ହେଉଥିବା ଆଲୋଚନାରେ ଭାଗନେଇ ବରଗଡ ସାଂସଦ ପ୍ରଦୀପ ପୁରୋହିତ ଗନ୍ଧମାର୍ଦ୍ଦନ ପାହାଡ ଅଞ୍ଚଳର ଜଣେ ସାଧୁ ଶ୍ରୀ ଗିରିଜା ଶଙ୍କର ଦାସଙ୍କ ତତ୍ୱକୁ କହିବାକୁ ଯାଇ ନରେନ୍ଦ୍ର ମୋଦୀ ଆଜିର ପ୍ରଧାନମନ୍ତ୍ରୀ ପୂର୍ବ ଜନ୍ମରେ ମହାରାଜ ଛତ୍ରପତି ଶିବାଜୀ ଥିଲେ ବୋଲି ଉଲ୍ଲେଖ କରିଥିଲେ । ତୁରନ୍ତ ମହାରାଷ୍ଟ୍ର ର କିଛି ସାଂସଦ ଉଠି ଏହାର ପ୍ରତିବାଦ କରି ଏହାକୁ ରେକର୍ଡ ଭୁକ୍ତ ନ କରିବା ପାଇଁ ଦାବୀ କରିଥିଲେ । ପରବର୍ତ୍ତୀ ସମୟରେ ମଧ୍ଯ ମହାରାଷ୍ଟ୍ର ରେ କଂଗ୍ରେସର ଦଳ ତରଫରୁ ବ୍ୟାପକ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଶ୍ରୀ ପୁରୋହିତ ଉଲ୍ଲେଖ କରିଥିଲେ ଯେ ଭାରତ ବର୍ଷକୁ ପରମ ବୈଭବଶାଳୀ ରାଷ୍ଟ୍ର ନିର୍ମାଣ ସହ ଦୁନିଆର ସବୁ ଠୁଁ ଶକ୍ତଶାଳୀ ରାଷ୍ଟ୍ର ନିର୍ମାଣ ଦିଗରେ ମୋଦୀ ଜୀ ଗୋଟିଏ ମିଶନ ନେଇ କାମ କରୁଛନ୍ତି । ମହାରାଜ ଛତ୍ରପତି ଶିବାଜୀଙ୍କ ପୁନଃଜନ୍ମ ନରେନ୍ଦ୍ର ମୋଦୀଙ୍କ ବୋଲି କହିଥିବା ସାଧୁ ଶ୍ରୀ ଗିରିଜା ଶଙ୍କର ଦାସ ଏବେ କାମେରା ସାମ୍ନାକୁ ଆସିଛନ୍ତି । ସାଧୁ ଗିରିଜା ଶଙ୍କର ଦାସ ୭ବର୍ଷ ଧରି ବିନା ପାଣି ପିଇ ମଡୋଖାଲ ଗୁମ୍ଫାରେ ତପସ୍ୟାରତ ଥିଲେ । ଏବେ ମହୁଲପାଲି - ପଲସାନି ଠାରେ ଏକ ଆଶ୍ରମ ସ୍ଥାପନ କରି ସେଠାରେ ସାଧନାରତ ଅଛନ୍ତି । ସେ ଏହା ମଧ୍ଯ କରିଛନ୍ତି ଯେ ମୋଦୀ ନିଜେ ନ ଚାହିବା ପର୍ଯ୍ୟନ୍ତ ଦୁନିଆରେ ଏ ପର୍ଯ୍ୟନ୍ତ କୌଣସି ଶକ୍ତି ନାହିଁ ମୋଦୀ ଜୀଙ୍କୁ କ୍ଷମତାଚ୍ୟୁତ କରି ପାରିବ । ମୋଦୀ ଜୀ ଯେଉଁଦିନ ନିଜେ ନିଷ୍ପତ୍ତି ନେବେ ତେବେ ହୁଏତ କଥା ଭିନ୍ନ ହୋଇ ପାରେ । ୨୦୨୪ ବରଗଡ ଲୋକସଭା ପ୍ରାର୍ଥୀ ହେବାପରେ ଶ୍ରୀ ପ୍ରଦୀପ ପୁରୋହିତ ସାଧୁ ଗିରିଜା ଶଙ୍କର ଦାସଙ୍କ ନିକଟକୁ ଆର୍ଶୀବାଦ ନେବା ପାଇଁ ଆସିଥିବା ବେଳେ ଏ କଥା କହିଥିଲେ ସାଧୁ ଗିରିଜ ଶଙ୍କର ଦାସ ।

# ଆନ୍ଦୋଳନରେ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ



ବରଗଡ଼ ୨୧/୩ (ନି.ପ୍ର): ତୁମେ ତ ସମ୍ଭାଳି ପାରୁନ ତେବେ ଯୋଜନା ଉପରେ ଯୋଜନା କରୁଛ କାହିଁକି ବୋଲି ଜନସାଧାରଣ ଭାରତ ସରକାରଙ୍କ ସମେତ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରୁଛନ୍ତି।ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ମାର୍ଚ୍ଚ ୧୦ ତାରିଖରୁ ୨ ଦଫା ଦାବିରେ ଭୁବନେଶ୍ୱରଠାରେ ଆନ୍ଦୋଳନରେ ଝାସ ଦେଇଛନ୍ତି। ଜନସ୍ୱାସ୍ଥ୍ୟ ପରିଚାଳନା ପଦବୀ ସୃଷ୍ଟି ସାଙ୍ଗକୁ ସ୍ଥାୟୀ ନିଯୁକ୍ତି ଦାବୀରେ ଚାଲିଥିବା ଏହି ଆନ୍ଦୋଳନରେ ସମଗ୍ର ଓଡିଶା ରାଜ୍ୟର ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ବୃନ୍ଦ ଅଂଶଗ୍ରହଣ କରିଛନ୍ତି। ଆଜକୁ ୧୧ ଦିନ ହେବ ଆନ୍ଦୋଳନ ଜାରୀ ରହିଛି।ଉକ୍ତ ଆନ୍ଦୋଳନରେ ବରଗଡ଼ ଜିଲ୍ଲାରେ ୧୧୭ ଜଣ କର୍ମଚାରୀ ରହିଛନ୍ତି। ଏଭଳି ସ୍ଥିତିରେ ବରଗଡ଼ ଜିଲ୍ଲାରେ ବିଶେଷ କରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚାଲିଥିବା ଯୋଜନା ଗୁଡିକ ପ୍ରଭାବିତ ହୋଇଛି। ଓଡ଼ିଶା ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ଓ ଗର୍ଭବତୀ ଓ ଛୋଟ ପିଲାଙ୍କ ଟୀକାକରଣ କାର୍ଯ୍ୟକ୍ରମ, ଯକ୍ଷ୍ମା, କୁଷ୍ଠ ଓ ହେପାଟାଇଟିସ୍ -ବି ଔଷଧ ବଣ୍ଟନ, ଆଶା କର୍ମୀଙ୍କ ପାରିଶ୍ରମିକ, ସମସ୍ତ ବିଭାଗ ଯଥା ମାତୃ ଓ ଶିଶୁ ବିଭାଗ,ପୃଷ୍ଟି ସାଧନା କେନ୍ଦ୍ର,ଯକ୍ଷ୍ମା ନିରାକରଣ, କୁଷ୍ଠ ନିରାକରଣ, ମାନସିକ ରୋଗ କାର୍ଯ୍ୟକ୍ରମ, ମେଲେରିଆ ନିରାକରଣ,ଅଣ ସଂକ୍ରାମକ ରୋଗ, ରକ୍ତ ହିନତା ଚିହ୍ନଟ ଡାକ୍ତରଖାନା ମାନଙ୍କର ସ୍ୱଚ୍ଛତା,କାୟାକଳ୍ପ ରିପୋର୍ଟ ପ୍ରଦାନ, ବିଭିନ୍ନ ପ୍ରକାରର ରୋଗର ମାଗଣା ପରିକ୍ଷା ନିରିକ୍ଷା ପାଇଁ ଚାଲିଥିବା ନିଦାନ କାର୍ଯ୍ୟକ୍ରମ, ବିଭିନ୍ନ ପ୍ରକାରର ତାଲିମ କାର୍ଯ୍ୟକ୍ରମ ଏକ ପ୍ରକାରର ଠପ୍ ହୋଇ ଯାଇଛି। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯୋଜନା ବାଧାପ୍ରାପ୍ତ ହେବା ସମେତ ବିଭିନ୍ନ ଯୋଜନାରେ ମିଳୁଥିବା ହିତାଧିକାରୀ ମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ମଧ୍ୟ ସ୍ଥଗିତ ହୋଇ ଯାଇଛି।ଅର୍ଥ ବ୍ୟବସ୍ଥା ପରିଚାଳନା ବନ୍ଦ ଥିବାରୁ ବର୍ତ୍ତମାନ ନିଦାନ (ମାଗଣା ପରୀକ୍ଷା) ପାଇଁ ଆବଶ୍ୟକ କିଟ୍ କିଣିବା ନେଇ ସମସ୍ୟା ଦେଖାଦେଇଛି।ଏନଆରସି କୁ ଆସୁଥିବା ଶିଶୁ ମାନଙ୍କୁ ମିଳୁଥିବା ଆର୍ଥିକ ସହାୟତା ରାଶି ମଧ୍ୟ ବାଧାପ୍ରାପ୍ତ ହୋଇଛି। ସୂଚନା ଯୋଗ୍ୟ ଯେ,କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ସଂଘ ପକ୍ଷରୁ ମାର୍ଚ୍ଚ ୩ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ କର୍ମଚାରୀ କଳା ବ୍ୟାଜ ପରିଧାନ କରି କାର୍ଯ୍ୟ କରିଥିଲେ । ପରେ ଗତ ୧୦ ତାରିଖରୁ ଦାବି ପୂରଣ ନହେବା ଯାଏ ଏହି ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ଯୁବ ଡାକ୍ତର

ପାଟଣା ୨୧/୩ (ନି.ପ୍ର): କେନ୍ଦୁଝରେ ଜିଲ୍ଲା ପଦ୍ମପୁର ଡାକ୍ତରଖାନାରେ ଡାକ୍ତରଭାବେ କାର୍ଯ୍ୟରତ ଅଛନ୍ତି ଡଃ ସୁଦର୍ଶନ ମହାନ୍ତ। କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ କେବେ ଭୁଲି ନାହାଁନ୍ତି ନିଜର ସାମାଜିକ ଦାୟିତ୍ୱ। ପ୍ରତ୍ୟେକ ତିନି ମାସ ନିୟମିତ ବ୍ୟବଧାନରେ ଭରସା ପରିବାର ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସଭାପତି ଲମ୍ବୋଦର ମହାନ୍ତଙ୍କ ଅନୁରୋଧ ରକ୍ଷା କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ କରିଥାନ୍ତି। ଆଜି ନିଜ ଜନ୍ମଦିନରେ ସମାଜକୁ ସୁବାର୍ତ୍ତା ଦେବା ପାଇଁ ସକାଳ ୮ ଘଟିକା ସମୟରେ ସଦର ବ୍ଲକ ବନଯୋଡିସ୍ଥିତ ଆନନ୍ଦାଶ୍ରମରେ ରହୁଥିବା ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଔଷଧ ପ୍ରଦାନ କରିଥିଲେ। ସେଠାରୁ ଆସି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାରରେ ପହଞ୍ଚି ସାହାରପଡା ବ୍ଲକ ଉଦୟପୁରର ଥାଲାସେମିଆଁପୀଡିତ ଶିଶୁ ଆୟୁସ ମହାନ୍ତଙ୍କ ଉଦ୍ଦେଶରେ ସ୍ୱେଚ୍ଛାକୃତ ରକ୍ତଦାନ କରି ନିଜର ମହାନତା ପ୍ରତିପାଦନ କରିଛନ୍ତି। ଡଃ ମହାନ୍ତଙ୍କ ମହାନ କାର୍ଯ୍ୟକୁ ଆନନ୍ଦାଶ୍ରମର ମୁଖ୍ୟ ସେବତୀ ସିଂହଙ୍କ ସମେତ ସମସ୍ତ କର୍ମଚାରୀ ଏବଂ ଭରସା ପରିବାର ଟ୍ରଷ୍ଟର ସମସ୍ତ ପ୍ରମୁଖ କର୍ମକର୍ତ୍ତା ଧନ୍ୟବାଦ ଅର୍ପଣ କରିବା ସହିତ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି।

# ପଥର ମାଫିଆଙ୍କ ରାଜୁତି ଯୋଗୁଁ ବାମନଘାଟୀ ପଥର ଶୂନ୍ୟ ହୋଇଯିବ ବୋଲି ଚର୍ଚ୍ଚା

ମୟୂରଭଞ୍ଜ ୨୧/୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ବାଲି ଓ ପଥର ମାଫିଆଙ୍କ ଦୌରାତ୍ମ୍ୟ କମୁନି। ବିନା ଲିଜ୍‌ରେ ସେମାନେ ଲୁଟି ଚାଲିଛନ୍ତି ଶହ ଶହ ଟ୍ରକ ବାଲି ଓ ପଥର । ଜିଲ୍ଲାର ବାମନଘାଟି ଉପଖଣ୍ଡରେ ଗୋଟିଏ କି ଦୁଇଟି ନୁହେଁ ପ୍ରାୟ ଅଧିକାଂଶ ବାଲି ଘାଟ ଓ ପଥର ଖାଦାନରେ ରାଜୁତି କରୁଛନ୍ତି ମାଫିଆ। ଏବେ ସମାନ ରାସ୍ତା ଆପଣେଇଛନ୍ତି ଜିଲ୍ଲାରେ କିଛି ପଥର ମାଫିଆ। ବିଭାଗର ବିନା ଅନୁମତିରେ ମାସ ମାସ ଏଭଳି ବେଆଇନ କାମ ଚାଲିଛି। ଦୈନିକ ଗୋଟିଏ ଗୋଟିଏ ପଥର ଖାଦାନରୁ ଶହ ଶହ ଟ୍ରାକ୍ଟର ପଥର କ୍ରସର ୟୁନିଟ୍‌ଗୁଡ଼ିକୁ ଯାଉଛି । ସେଠାରେ ମେଟାଲ,ଚିପ୍‌ସ ବାହାରିବା ପରେ ଜିଲ୍ଲା ନୁହେଁ ବରଂ ପଡୋଶୀ ଝାଡ଼ଖଣ୍ଡ ରାଜ୍ୟକୁ ଚାଲାଣ ହେଉଛି । ଏହାଦ୍ୱାରା ପଥର ମାଫିଆ, କ୍ରସର ମାଲିକ ଓ ସ୍ଥାନୀୟ ସରକାରୀ ଅଧିକାରୀ ମଧ୍ୟ ମାଲେମାଲ୍ ହେଉଥିବା ବେଳେ ସରକାରଙ୍କୁ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଇବାକୁ ପଡୁଛି। ସବୁଠାରୁ ଆଶ୍ଚର୍ଯ୍ୟ କଥା ଏସବୁ ପଥର ଖଣିକୁ ନିଲାମ କରିବା ପରିବର୍ତ୍ତେ କିଛି କରିତକର୍ମା ପଥର ମାଫିଆଙ୍କୁ ଟେମ୍ପରାରୀ ପାସ୍ (ଟିପି) ଦିଆଯାଉଛି । ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଅଛନ୍ତି କିଛି ସରକାରୀ କର୍ମଚାରୀ। ଯେଉଁମାନେ ମୋଟା ଅଙ୍କର ଅର୍ଥ ନେଇ ମାଫିଆମାନଙ୍କୁ ଏଭଳି ବେଆଇନ କାର୍ଯ୍ୟ କରିବାକୁ ପରୋକ୍ଷରେ ସହାୟତା କରୁଛନ୍ତି ।ଫଳରେ ସେମାନଙ୍କୁ ଯେତିକି ଟ୍ରାକ୍ଟର ଉତ୍ତୋଳନ କରିବାକୁ ଅନୁମତି ମିଳୁଛି, ତା' ଠାରୁ ୧୦ ରୁ ୧୫ ଗୁଣ ଅଧିକ ଲୁଟୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଅଫିସର ଓ କିଛି ଅଧିକାରୀ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଦୃଷ୍ଟି ଆଢୁଆଳରେ ରଖି ଏସବୁ ବେଆଇନ କାମ କରୁଥିବା ଅଭିଯୋଗ ହେଉଛି । ତେବେ କିଛି ପଥର ଖଣିର ଉତ୍ତୋଳନ ବନ୍ଦ ରହିଥିବାବେଳେ ପ୍ରାୟ ଅଧିକାଂଶ ପଥର ଖଣିରେ ବେଆଇନ ବ୍ଲାଷ୍ଟିଂ ସହିତ ଖନନ ହେଉଛି ।ସ୍ଥାନୀୟ ବାସିନ୍ଦା ପ୍ରତିବାଦ କଲେ ମଧ୍ୟ ପଥର ମାଫିଆଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁନାହିଁ। ପଥର ଖଣି ଗୁଡ଼ିକରୁ ବର୍ଷକୁ ଯେତିକି ରାଜସ୍ୱ ଆଦାୟ ପାଇଁ ଟାର୍ଗେଟ ଦିଆଯାଉଛି। ତା' ଠାରୁ କମ୍ ରାଜସ୍ୱ ଆଦାୟ ହେଉଛି । ବିନା ଅନୁମତିରେ ପଥର ଖଣି କେମିତି ଅବାଧରେ ଖୋଲା ଚାଲିଛି ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି ।ସୂଚନାଯୋଗ୍ୟ, ଉପଖଣ୍ଡରେ ପ୍ରାୟ ୭୦ ରୁ ଅଧିକ ପଥର ଖଣି ରହିଛି। ସେଥିମଧ୍ୟରୁ ହାତ ଗଣତି କେତୋଟି ପଥର ଖଣି ଲିଜ୍‌ରେ ଚାଲିଛି। ଆଉ କିଛି ଟିପିରେ ଏବଂ ଅବଶିଷ୍ଟ ବିନା ଲିଜ୍‌ରେ ବେଧଡକ ଚାଲିଛି ।କିଛି ପଥର ମାଫିଆ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହ ହାତ ମିଳାଇ ବର୍ଷ ବର୍ଷ ଧରି ବେଆଇନ ବ୍ଲାଷ୍ଟିଂ କରୁଛନ୍ତି। ସେସବୁ ଖାଦାନରୁ ପଥର ଉତ୍ତୋଳନ କରି ନିକଟସ୍ଥ କ୍ରସର ୟୁନିଟ୍‌ଗୁଡ଼ିକୁ ଯୋଗାଣ କରୁଛନ୍ତି । କ୍ରସର ୟୁନିଟ୍‌ଗୁଡ଼ିକରୁ ଚିପ୍‌ସ ଓ ମେଟାଲ ବାହାରିବା ପରେ ରାତାରାତି ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳ ସମେତ ପଡୋଶୀ ଝାଡଖଣ୍ଡ ରାଜ୍ୟକୁ ଚାଲାଣ କରି ଦିଆଯାଉଛି ।ଏପରି ବେଆଇନ କାର୍ଯ୍ୟ କରି ମାଲେମାଲ୍ ହେଉଥିବା ପଥର ମାଫିଆଙ୍କ ବିରୋଧରେ ସ୍ଥାନୀୟ ପ୍ରଶାସନ କିମ୍ବା ମାଇନିଙ୍ଗ ଅଫିସର ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ । ବରଂ ପରୋକ୍ଷରେ ସେମାନଙ୍କୁ ପ୍ରୋତ୍ସାହନ ଦିଆଯାଉଥିବା ଚର୍ଚ୍ଚା ହେଉଛି। ଏ ସମ୍ବନ୍ଧରେ ବିଭାଗୀୟ ଅଧିକାରୀ ଜିତେନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ କୌଣସି ସନ୍ତୋଷ ଜନକ ଉତ୍ତର ନଦେଇ ଫୋନ୍ କାଟି ଦେଇଥିଲେ। ତେବେ ପଥର ଚୋରିର ଚେର କେତେବାଟ ଲମ୍ବିଛି, ଏହାର ବିଧିବଦ୍ଧ ତଦନ୍ତ ହେବାରେ ଆବଶ୍ୟକତା ରହିଛି ଅଞ୍ଚଳବାସୀ ଦାବି କରିଛନ୍ତି ।ସୂଚନାଯୋଗ୍ୟ ଯେ ଏହିପରି ନିତିପ୍ରତି ପଥର ଚାଲାଣ ହେଲେ ଆଗାମୀ ୫୦ ବର୍ଷ ମଧ୍ୟରେ ବାମନଘାଟୀ ପଥରଶୂନ୍ୟ ହୋଇଯିବ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି ।



## କାନ୍ଧୁଲ ଭଜାଯାତ୍ରା ଭେଟଘାଟ

ବାଲିଗୁଡା,୨୧/୩ (ନି.ପ୍ର): ମା ପାଟଖଣ୍ଡା ଦୁର୍ଗାପୁଜା ସମିତି ଆନୁକୁଲ୍ୟରେ କାନ୍ଧୁଲ ଭଜାଯାତ୍ରା ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ସମ୍ମୁଖରେ ଦୁଇରଜା ଓ ମୁଠାମୁଖ୍ୟ ମାନେ ଭେଟଘାଟହୋଇଥିଲେ । ଏହାପରେ ଏକ ସଭାର ଆୟୋଜନ କରାଯାଇଥିଲା। ଥିରେ ମୁଖ୍ୟ ଅତିଥୀ ଭାବେ ବାଲିଗୁଡା ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା ଯୋଗଦେଇଥିବା ବେଳେ ବାଲିଗୁଡା ମୁଠାମୁଖ୍ୟ ଅରୁଣ ପାତ୍ର ଓ ନୁଆସାହି ମୁଠାମୁଖ୍ୟ ପ୍ରଶାନ୍ତ କୁମାର ପାତ୍ର,ମାପାଟଖଣ୍ଡା ଦୁର୍ଗା ପୁଜା ସିତିର ସଭାପତି ଲଳିତ କୁମାର ପାତ୍ର,ଉପସଭାପତି ଭିମସେନ ବିନ୍ଧାଣୀ,ସମ୍ପାଦକ ଶିବରାମ ପ୍ରଧାନୀ,ଉପଦେଷ୍ଟା ଡା ବିଚିତ୍ରା ନନ୍ଦ ଆଚାର୍ଯ୍ୟ,ଲୋକନାଥ ପାଢୀ ଓ ବିଭିନ୍ନ ଅଂଚଳର ମୁଠାମୁଖ୍ୟ ମାନେ ମଂଚାସିନ ଥିଲେ । ମଂଚକୁ ପରିଚାଳନା କରିଥିଲେ ଅଧ୍ୟାପକ ଡା ଶୁଶାନ୍ତ କୁମାର ଦାସ । ଅଙ୍ଗନବାଡିକର୍ମି,ମହିଳା ଗ୍ରୁପ ମାନଙ୍କୁ ସମ୍ବର୍ଦ୍ଧନା କରାଯାଇଛି ଓ ପରେପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରା|ଇଥିଲା। ଆୟୋଜକ ସମିତିର କୋଷାଧକ୍ଷ ଅଶୋକ କୁମାର ସାହୁ ଓ ସମସ୍ତ ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନା ରେ ସହେଯାଗ କରିଥିଲେ । ସମସ୍ତଙ୍କ ନିମନ୍ତେ ଅନ୍ନପ୍ରସାଦର ଆୟୋଜନ କରାଯାଇଥିଲା ।



# ପଟ୍ଟାଧାରୀଙ୍କ କ୍ଷତିପୂରଣ ନ ହେବା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ବନ୍ଦ ଦାବୀ

ତେନ୍ତୁଳିଖୁଣ୍ଟି ୨୧/୩ (ନି.ପ୍ର): ପୋଡାଲଗୁଡା ଠାରୁ ଡୁଲୁଘାଟି ପର୍ଯ୍ୟନ୍ତ ୩୪ କିଲୋମିଟର ରାସ୍ତା ଯାଉଛି। ରାସ୍ତା ମଧ୍ୟ ଦେଇ ଅନେକ ଗ୍ରାମ ମଧ୍ୟରେ ଅମଳାଭଟ୍ଟା ରହିଛି। ଗୁମିଦୋରା ଠାରୁ ବୁଢାରଜା ପର୍ବତ ଓ ଅମଳାଭଟ୍ଟା ଠାରୁ ପାଇକ ଅମଳାଭଟ୍ଟା ପର୍ଯ୍ୟନ୍ତ ରାସ୍ତା ଜାଗା ପଟ୍ଟାଧାରୀ ମାଲିକଙ୍କ ରହିଛି। ଅମଳାଭଟ୍ଟା ଗ୍ରାମର ଲାରେନତୁସ ଗଣ୍ଡା,ପ୍ରଦିପ ଗଣ୍ଡା,ରଞ୍ଜନ,ଧର୍ମେଶ ଗଣ୍ଡା,ବିହାରୀ ଗଣ୍ଡା,ମିଥୁନ,ଗଜେନ୍ଦ୍ର ଗଣ୍ଡା,ଜିତେନ୍ଦ୍ର ଗଣ୍ଡା,ଲିଲୁକାନ୍ତ ଗଣ୍ଡାଙ୍କ ୨ ଏକର ଜମି ରହିଥିବା ବେଳେ ଜଗଦିଶ ବିଷୋୟୀ, ବୃନ୍ଦାବନ ବିଷ,ମେଘନାଦ ବିଷୋୟୀ,ବବିତା ବିଷୋୟୀ,ଚେକ୍ରାଶାହା ବିଷୋୟୀଙ୍କ ୭ ଏକର ଜମି ରାସ୍ତା କାମରେ ଯାଉଛି। ସନ୍ୟାସୀ ଗୌଡ,ଜଗ ଗୌଡ,ହରି ଗୌଡଙ୍କ ୩୫ ସେଣ୍ଟ ଜମିକୁ ଲାଗି ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କରୁଛି। ଗାଁ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଆକାରରେ ରାସ୍ତା ନିର୍ମାଣକୁ ବିରୋଧ କରି ନାହାନ୍ତି। ହେଲେ ପଟ୍ଟାଧାରୀ ଜମି ମାଲିକ କ୍ଷତି ପୂରଣ ଦେବାକୁ ଦାବି କରିଛନ୍ତି। ଏମାନଙ୍କ ମଧ୍ୟରୁ ସମସ୍ତେ ଚାଷୀ ହୋଇଥିବାରୁ ସେମାନଙ୍କ ଭରଣପୋଷଣ ଚାଷରେ ହିଁ ହୋଇଥାଏ ବୋଲି ହିତାଧିକାରୀ କହିଛନ୍ତି। ରାସ୍ତା କାମ ଚାଲୁଥିବା ସମୟରେ ସେମାନେ ଦୁଇ ଜେସିବି,ରୋଲର କାମକୁ ବନ୍ଦ କରିଥିଲେ। ବର୍ତ୍ତମାନ ରାସ୍ତାର ଦୁଇ ପାର୍ଶ୍ୱ ମାଟି ପକାଯାଇ ଓସାରିଆ କରାଯାଉଛି। କାମ ବନ୍ଦ କରିବାକୁ ନେଇଁ ଉପସ୍ଥିତ ରହିଥିବା ସୁପରଭାଇଜର ଖବର ଦେବା ପରେ ବିଭାଗୀୟ ଅଧିକାରୀମାନେ ପହଞ୍ଚିଥିଲେ। ଏଥିପୂର୍ବରୁ ମଧ୍ୟ ୮ ମାସ ତଳେ ଗାଁର ପଟ୍ଟାଧାରୀମାନେ ଆସି ବିଭାଗୀୟ ଅଧିକାରୀଙ୍କୁ ପଟ୍ଟା ଥିବାକୁ ନେଇ ସୂଚନା ଦେଇଥିଲେ। ତଥାପି ଠିକାଧିକାରୀ ଜୋରଜବରଦୋସ୍ତି କାମ ଚଳାଇଥିବା କୁହାଯାଇଛି। ଗୋଟିଏ ପଟେ ଠିକାଦାର ମାଲାମାଲ ହେଉଥିବା ବେଳେ ନିରୀହ ଗରିବ ଚାଷୀ ନିଜ ଜମି ହରେଇ ସର୍ବଶାନ୍ତ ହେଉଛନ୍ତି। ଜମି ପଟ୍ଟାଧାରୀଙ୍କ କହିବା ପ୍ରକାରେ ଆମେ ରାସ୍ତା ନିର୍ମାଣକୁ ବିରୋଧ କରୁ ନାହୁଁ,ହେଲେ କ୍ଷତି ପୂରଣ ପ୍ରଦାନ ନ କରାଯିବା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ବନ୍ଦ କରିବାକୁ କହିଛନ୍ତି। ଇତି ପୂର୍ବରୁ ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ସୀମା ନିର୍ଦ୍ଧାରଣ କରାଯାଇଛି। ସମସ୍ତ ପଟ୍ଟାଧିକାରୀ ବର୍ତ୍ତମାନସୁଦ୍ଧା ଉକ୍ତ ରାସ୍ତାର ଶିସ୍ତୁ ବାନ୍ଧୁଥିବା ସୂଚନା ମିଳିଛି। ବିଭାଗୀୟ ଏସଡିଓ ଧବଳେଶ୍ୱର ମାଝୀ,କନିଷ୍ଠ ଯନ୍ତ୍ରୀ ମନରଞ୍ଜନ ସାହୁ ପହଞ୍ଚି ହିତାଧିକାରୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ତଥାପି ଅମଳାଭଟ୍ଟା ପଟ୍ଟାଧାରୀ କ୍ଷତିପୂରଣ ଦେବା ପରେ କାମ କରିବାକୁ ଦାବି କରିଥିଲେ। ଏହାକୁ ନେଇଁ ପୂର୍ତ୍ତ ବିଭାଗୀୟ ଏସଡିଓ ଶ୍ରୀ ମାଝୀଙ୍କୁ ପଚାରିବାରୁ ହିତାଧିକାରୀଙ୍କ ଦାବୀ ଦୃଷ୍ଟିରୁ ନିର୍ମାଣଧିନ ରାସ୍ତା କାମ ଗୁମିଦୋରା ଠାରୁ ପାଇକ ଅମଳାଭଟ୍ଟା ପର୍ଯ୍ୟନ୍ତ ବନ୍ଦ କରିବାକୁ କହିଛନ୍ତି। ତେବେ ହିତାଧିକାରୀଙ୍କୁ କ୍ଷତିପୂରଣ କେବେ ମିଳିବ ଓ ରାସ୍ତା କାର୍ଯ୍ୟ କେବେ ଶେଷ ହେବ ଦେଖିବା ବାକି ରହିଲା।



# ମକା ଫସଲ ନଷ୍ଟ ପ୍ରତିବାଦ, ରାଇଘର-ଉମରକୋଟ ରାସ୍ତା ଅବରୋଧ

ନବରଙ୍ଗପୁର ୨୧/୩ (ନି.ପ୍ର): ରାଇଘର ବ୍ଲକ ସାରଗୁଲି ନର୍ସରୀ ଛକ ନିକଟରେ ଶୁଖିଲା ମକା ଗଛ ଗୁଡ଼ିକୁ ରଖି ପ୍ରତିବାଦ କଲେ ଶତାଧିକ ଚାଷି ।ବିଦ୍ୟୁତ ସମସ୍ୟା ଯାଗୁଁ ଜଳ ସେଚନ ସମସ୍ୟା ଉପଜିବାରୁ ଏଭଳି ପରିସ୍ଥିତି ସଟି ହୋଇଥିବା ନେଇ ରାଜ ରାସ୍ତାକୁ ଆଲ୍ଲାଇ ରାଇଘର -ଉମରକୋଟ ମୁଖ୍ୟ ରାସ୍ତା ଅବରୋଧ କଲେ ସ୍ଥାନୀୟ ଚାଷି ମାନେ। କିଛିଦିନ ହେବ ଟାଟା ପାୱାରର ମନମାନି ବଢ଼ିଯାଇଛି, ଲୋ ଭଲଟେଜ ସହ ଅଘଷିତ ବିଦ୍ୟୁତ କାଟ ଯୋଗୁଁ ଜମିରେ ପାଣି ଯୋଗାଇବା ସମସ୍ୟା ହେବାରୁ ଏକର ଏକର ମକାଗଛ ସୁଖୀ ନଷ୍ଟ ହୋଇ ପଡିଛି। ଫଳରେ ଏହି ଶୁଖିଲା ମକା ଗଛ ଗୁଡିକୁ ଧରି ଆଜି ପ୍ରତିବାଦ କରି ରାସ୍ତା ରୋକ କରିଛନ୍ତି ଚାଷି। ସରକାରୀ ଏମାନଙ୍କ ସମସ୍ୟା ସମାଧାନ ନ କରିବା ପର୍ଯ୍ୟନ୍ତ ଏମିତି ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ଚାଷି।



# ଝିଅ ଓ ସ୍ତ୍ରୀକୁ ବିଷ ଦେଇ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ



ବୁଗୁଡା ୨୧/୩ (ନି.ପ୍ର): ବୁଗୁଡ଼ା ଥାନା ଅଧିନସ୍ଥ ବାଲିପଦର ଫାଣ୍ଡି ଅନ୍ତର୍ଗତ ପୋଚାଲୁଣ୍ଡି ଗ୍ରାମରେ ଝିଅ ଓ ସ୍ତ୍ରୀକୁ ବିଷ ଦେଇ ହତ୍ୟା କରିଥିବା ଅଭିଯୋଗ କ୍ରମେ ଦୁଇ ବର୍ଷ ଧରି ଫେରାର ସ୍ୱାମୀ ଗିରଫ ହୋଇଥିବା ଜଣାପଡିଛି। ଗିରଫ ସ୍ୱାମୀ ଜଣକ ହେଲେ ପୋଚାଲୁଣ୍ଡି ଗରଣର କୃଷ୍ଣଚନ୍ଦ୍ର ବିଷୋୟୀ । ଘଟଣାରୁ ଜଣାପଡିଛି ଯେ, ଗତ ୨୪. ୫.୨୦୨୦ ତାରିଖ ଦିନ କୃଷ୍ଣଚନ୍ଦ୍ର ବିଷୋୟୀଙ୍କ ବିବାହ ପୋଲସର ଥାନା ଅନ୍ତର୍ଗତ ମନ୍ଦାର ଗ୍ରାମର ଶଙ୍କର ମଲ୍ଲିକଙ୍କ ବଡ ଝିଅ ଆରତୀଙ୍କ ସହ ହୋଇଥିଲା। ବିବାହ ସମୟରେ ବରପକ୍ଷରୁ ଦାବି ମୁତାବକ ଜ୍ୱାଇଁ ଓ ଝିଅକୁ ବିଭିନ୍ନ ସ୍ୱର୍ଣ୍ଣ ଅଳଙ୍କାର ଓ ଅନେକ ସାମଗ୍ରୀ ସହ ନଗଦ ଦେଢ ଲକ୍ଷ ଟଙ୍କା ଯୌତୁକ ବାବଦକୁ କନ୍ୟା ପକ୍ଷରୁ ଦିଆଯାଇଥିଲା। ଏତିକିରେ ଆରତୀର ଶଶୁର ଘର ଲୋକଙ୍କ ମନ ବୁଝିନଥିଲା। ଫଳରେ ବିବାହ ପରଠୁ ଆରତୀର ସ୍ୱାମୀ, ଶାଶୁ ଓ ଦେଢଶାଶୁ ବାପଘରୁ ଗୋଟିଏ ବାଇକ୍ ଏବଂ ଦୁଇ ଲକ୍ଷ ଟଙ୍କା ଆଣିବାକୁ ଆରତୀଙ୍କ ଉପରେ ଚାପ ପକାଉଥିଲେ। ଚାପ ଯୋଗୁଁ ବଡ କଷ୍ଟରେ ଶଙ୍କର ଏକ ଲକ୍ଷ ଟଙ୍କା ଯୋଗାଡ କରି ଝିଅ ଆରତୀର ଶାଶୁଘରେ ଦେଇଥିଲେ ହେଁ ବଳକା ଟଙ୍କା ଓ ବାଇକ୍ ଦାବି ପୂର୍ବପରି ରହିଥିଲା। ତେବେ ୨୫.୬.୨୦୨୩ ତାରିଖ ବିଳମ୍ବିତ ରାତିରେ ଆରତୀ ଓ ତା'ର ଦୁଇ ବର୍ଷର ଝିଅ ବିଷ ପ୍ରକ୍ରିୟା ଯୋଗୁଁ ଅଚେତ ଅବସ୍ଥାରେ ଭଞ୍ଜନଗର ମେଡିକାଲରେ ଭର୍ତ୍ତି ହୋଇଥିଲେ। ଖବର ପାଇ ଆରତୀଙ୍କ ବାପା ପାହାନ୍ତିଆରେ ଭଞ୍ଜନଗର ମେଡିକାଲରେ ପହଞ୍ଚି ଝିଅ ଓ ନାତୁଣୀକୁ ମୃତାବସ୍ଥାରେ ଦେଖିଥିଲେ। ଝିଅ ଓ ନାତୁଣୀର ମୃତ୍ୟୁକୁ ନେଇ ତା'ର ଶାଶୁଘର ଲୋକଙ୍କ ବିରୁଦ୍ଧରେ ଯୌତୁକ ଜନିତ ହତ୍ୟା ଅଭିଯୋଗ ଆଣିଥିଲେ। ଏନେଇ ପୋଲିସ ପକ୍ଷରୁ କେସ୍ ନଂ ୪୫୭/୨୩ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଶାଶୁ ଓ ଦେଢଶାଶୁ ଦୁହେଁ ହାଇକୋର୍ଟରୁ ଆଗୁଆ ଜାମିନ ଆଣିଥିଲେ ହେଁ ସ୍ୱାମୀ କୃଷ୍ଣଚନ୍ଦ୍ର ସେହି ସମୟରୁ ଫେରାର ରହିଥିଲେ। ତେବେ ଫେରାର କୃଷ୍ଣଚନ୍ଦ୍ରଙ୍କୁ ଧରିବା ପାଇଁ ପୋଲିସ ଅନେକ ଥର ଉଦ୍ୟମ କରି ବିଫଳ ହୋଇଥିବା ବେଳେ ବୁଗୁଡା ଥାନା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ନିର୍ଦ୍ଦେଶ କ୍ରମେ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡିଙ୍କ ନେତୃତ୍ୱରେ ଚାରି ଜଣିଆ ପୋଲିସ ଟିମ୍ କୌଶଳରେ ଖସି ପଳାଇ ଯାଉଥିବା କୃଷ୍ଣଚନ୍ଦ୍ର ବିଷୋୟୀଙ୍କୁ ବାଲିପଦର ପାଖରେ କାବୁ କରି ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଛି।

## ରକ୍ତଦାନ ଶିବିର ଆୟୋଜନ, ୭୦ ୟୁନିଟ ରକ୍ତ ସଂଗ୍ରହ

ବୁଗୁଡା ୨୧/୩ (ନି.ପ୍ର): ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେବା ମାତ୍ରେ ଆମ ରାଜ୍ୟରେ ରକ୍ତର ଅଭାବ ଦେଖାଗଲାଣି । ବିଭିନ୍ନ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଯୋଗୁଁ ଅନେକ ଲୋକ ହନ୍ତସନ୍ତ ହେଉଛନ୍ତି । ଏହି ପରି ସମୟ ରେ ଓଡ଼ିଶା ରକ୍ତଦାତା ମହାସଂଘ ଆଗେଇ ଆସିଛି ରକ୍ତଦାନ ଶିବିର ଆୟୋଜନ କରି କେତକାଂଶରେ ଲାଘବ କରିବା ପାଇଁ । ଦିଗରେ ସାହାଯ୍ୟର ହାତ ବଢ଼େଇଛନ୍ତି ଧବଳେଶ୍ୱର ଇନଷ୍ଟିଚ୍ୟୁଟ ଅଫ ପଲିଟେନିକ୍, କଟକ। ଏକ ରକ୍ତଦାନ ଶିବିର ମହାବିଦ୍ୟାଳୟରେ ଆୟୋଜନ କରିଛନ୍ତି । ଏହି ଶିବିରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ବୃନ୍ଦ ଉତ୍ସାହର ସହିତ ରକ୍ତଦାନ କରିବା ଦ୍ୱାରା ୭୦ ଟି ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଶିବିର ରେ ମହାବିଦ୍ୟାଳୟର ପ୍ରିନ୍ସିପାଲ ଦେବକୀ ନନ୍ଦନ ମହାନ୍ତି, ମଞ୍ଜୁଳା କୁମାରୀ ସାହୁ , ମୁଖ୍ୟ ନିର୍ବାହୀ ଅଧିକାରୀ ବସନ୍ତ କୁମାର ନାୟକ, ପ୍ରଶାସନିକ ଅଧିକାରୀ ରମଣୀ ରଂଜନ ନାଏକ, ବିଭାଗୀୟ ମୁଖ୍ୟ ପ୍ରିତମ ରଥ ରକ୍ତଦାନ କରିବା ସହିତ ଶିବିରକୁ ପରିଚାଳନା କରିଥିଲେ। ଓଡ଼ିଶା ରକ୍ତଦାତା ମହାସଂଘର ସମ୍ପାଦକ ତ୍ରିଲୋଚନ ଦାଶ ସମସ୍ତ ବ୍ୟବସ୍ଥାକୁ ସଞ୍ଚାଳନ କରିବା ସହିତ ଆଗାମୀ ଦିନ ରେ ସାରା ରାଜ୍ୟରେ ଏହି ଭଳି ଶିବିର ଆୟୋଜନ କରିବା ପାଇଁ କହିଥିଲେ। ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ମହାନ୍ତି ମହାବିଦ୍ୟାଳୟର ସମସ୍ତଙ୍କୁ ରକ୍ତଦାନ ପାଇଁ ଧନ୍ୟବାଦ୍ ଜଣେଇଥିଲେ।



# ହାତ ପାହାନ୍ତାରେ ମିଳିଲା ସରକାରୀ ସୁବିଧା

## ୪୦ ରୁ ଊର୍ଦ୍ଧ୍ୱ ଖାଦ୍ୟ ବ୍ୟବସାୟୀଙ୍କ ପଞ୍ଜୀକରଣ କଲା ବିଭାଗ

ବାଲିଗୁଡା ୨୧/୩ (ନି.ପ୍ର): କନ୍ଧମାଳ ଜିଲାରେ ଖାଦ୍ୟ ନିରାପତ୍ତାକୁ ଅଧିକା ଗୁରୁତ୍ୱ ଦିଆଯାଇଛି। ସମସ୍ତ ଖାଦ୍ୟ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ଖାଦ୍ୟ ନିରାପତ୍ତାକୁ କିଭଳି ପାଳନ କରିବେ ସେନେଇ ସଚେତନ କରାଯିବା ସହ ସେମାନଙ୍କୁ ଏହି ବ୍ୟବସାୟ କରିବା ପାଇଁ ନାମ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଛି। ଗୁରୁବାର ଉପଖଣ୍ଡ ଚିକିତ୍ସାଳୟର ସଭାଗୃହ ପରିସର ମଧ୍ୟରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପଞ୍ଜୀକରଣ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ ରୁ ଊର୍ଦ୍ଧ୍ୱ ଖାଦ୍ୟ ବ୍ୟବସାୟୀଙ୍କ ପଞ୍ଜୀକରଣ କରାଯାଇଛି। ଏଥିରେ ଜିଲା ଖାଦ୍ୟ ନିରାପତ୍ତା ପ୍ରାଧିକାରଣର ଅଧିକାରୀ ସତ୍ୟବ୍ରତ ଷେଣ୍ଠ , ବାଲିଗୁଡା ମେଡିକାଲ ଏସଡିଏମଓ ଡକ୍ଟର ଶ୍ରବଣ ସାହୁକର ପ୍ରମୁଖ ଉପସ୍ଥିତ ରହି ସମସ୍ତ ବ୍ୟବସାୟୀମାନଙ୍କୁ ଖାଦ୍ୟ ସୁରକ୍ଷା ସମ୍ପର୍କରେ ସଚେତନ କରାଇବା ସହ ଅନଲାଇନ ପଞ୍ଜୀକୃତ କରାଇଥିଲେ। ଯେଉଁ ମାନେ ଏହି ଶିବିରରେ ପଞ୍ଜୀକୃତ କରିବାରୁ ବଞ୍ଚିତ ହୋଇଛନ୍ତି ସେମାନେ ଅନଲାଇନରେ ପଞ୍ଜୀକୃତ କରାଇପାରିବେ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ଷେଣ୍ଠ କହିଛନ୍ତି ଯେ ଜିଲାର ବିଭିନ୍ନ ବ୍ଲକରେ ଏଭଳି ଶିବିର କରାଯାଇ ପଞ୍ଜୀକୃତ କରାଯାଉଛି। ପ୍ରଥମେ ଜି.ଉଦୟଗିରି ବ୍ଲକରେ ଏହି ମେଳା ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ବ୍ଲକ ଭାବେ ଦାରିଙ୍ଗବାଡି ଏବଂ ତୃତୀୟ ବ୍ଲକ ଭାବେ ବାଲିଗୁଡାରେ ଏହି ମେଳାର ଆୟୋଜନ କରାଯାଇଥିବା ସେ କହିଛନ୍ତି। ହାତ ପାହାନ୍ତାରେ ବ୍ୟବସାୟୀ ମାନଙ୍କ ପଞ୍ଜୀକୃତ ହୋଇଥିବାରୁ ବାଲିଗୁଡା ବ୍ଲକ ଅଞ୍ଚଳର ବ୍ୟବସାୟୀ ମାନେ ଜିଲା ପ୍ରଶାସନ ଓ ଖାଦ୍ୟ ନିରାପତ୍ତା ପ୍ରାଧିକରଣ ବିଭାଗକୁ ସାଧୁବାଦ ଜଣାଇଛନ୍ତି। ଏହାଦ୍ୱାରା ବ୍ୟବସାୟୀ ଏବଂ ଜିଲା ପ୍ରଶାସନ ସହ ଉତ୍ତମ ସମ୍ପର୍କ ସ୍ଥାପନ ହୋଇପାରିଥିବା ବ୍ୟବସାୟୀ ମାନେ ପ୍ରକାଶ କରିଛନ୍ତି।

## ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି ଦାବୀରେ ଆମରଣ ଅନଶନରେ ବସିଲେ ସମବାୟ ସମିତି ବୋର୍ଡ ସଦସ୍ୟ

ବାଲିଗୁଡା ୨୧/୩ (ନି.ପ୍ର): କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ଠାରେ ଥିବା ବୃହତ ବହୁମୁଖୀ ସମବାୟ ସମିତି ଲିଃ ସମ୍ମୁଖରେ ସମିତିର ବୋର୍ଡ ସଦସ୍ୟ ମାନେ ଆମରଣ ଅନଶନରେ ବସିଛନ୍ତି। ଉକ୍ତ ସମବାୟ ସମିତି ଅଧୀନରେ ରହିଥିବା ୧୨ଟି ବିକ୍ରୟ କେନ୍ଦ୍ର ରହିଛି। ଏହି କେନ୍ଦ୍ରରେ ସାଧାରଣ ବଣ୍ଟନ ସାମଗ୍ରୀ ବଣ୍ଟନ ବ୍ୟବସ୍ଥା ରହିଛି। କିନ୍ତୁ ଦୀର୍ଘବର୍ଷ ଧରି ବିକ୍ରୟ କେନ୍ଦ୍ର ଗୁଡ଼ିକରେ ଆବଶ୍ୟକ କର୍ମଚାରୀ ବା ସେଲ୍ସମ୍ୟାନ ନିଯୁକ୍ତି ଦିଆଯାଇନଥିବା ବେଳେ କିଛି ହାତ ଗଣତି କର୍ମଚାରୀ ସମସ୍ତ କେନ୍ଦ୍ରକୁ ପାଳି କରି ଯାଉଥିବାରୁ ସଠିକ୍ ? ସମୟରେ ସାଧାରଣ ବଣ୍ଟନ ସାମଗ୍ରୀ ହିତାଧିକାରୀ ମାନେ ପାଇବା ମୁସ୍କିଲ ହେଉଛି। ତେଣୁ ଶୀଘ୍ର ନିଯୁକ୍ତି ଦିଆଯିବା ବ୍ୟବସ୍ଥା କରାଯିବା ସହ ଗତ ୭ ବର୍ଷ ପୂର୍ବରୁ ଜଣେ କର୍ମଚାରୀ ଅବସର ନେଇସାରିବା ପରେ ମଧ୍ୟ ସେ ଉକ୍ତ ସମବାୟ ସମିତିକୁ ପରିଚାଳନା କରୁଛନ୍ତି। ଫଳରେ ସମସ୍ୟା ସୃଷ୍ଟି ହେଉଥିବା ବୋର୍ଡ ସଦସ୍ୟମାନେ ଅଭିଯୋଗ କରିଛନ୍ତି। ତାଙ୍କୁ ତୁରନ୍ତ ଉକ୍ତ ସମିତିରୁ ହଟାଇବାକୁ ପଦକ୍ଷେପ ନେବା ସହ ଖାଲିଥିବା ସେଲ୍ସମ୍ୟାନଙ୍କୁ ନିଯୁକ୍ତି ଦେବାକୁ ଦାବି ହୋଇଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏଭଳି ଆନଶନ ଜାରିରହିବ। ପୂର୍ବରୁ ବାରମ୍ବାର ଲିଖିତ ଦାବି ଜଣାଯିବା ସହ ୧୯ ତାରିଖ ଶେଷ ଡେଟ୍ ?ଲାଇନ୍ ? ଦିଆଯାଇଥିଲା। ଦାବି ପୂରଣ ନ ହେଲେ ୨୦ ରୁ ଅନଶନରେ ବସିବାକୁ ଚେତାବନୀ ଦିଆଯାଇଥିଲେ ମଧ୍ୟ ଗୁରୁତ୍ୱ ଦିଆଯାଇ ନ ଥିବାରୁ ବାଧ୍ୟ ହୋଇ ଅନଶନ ଆରମ୍ଭ କଲୁ ବୋଲି ବୋର୍ଡ ସଦସ୍ୟ ଚକ୍ରଧର ମଲିକ, ସାଧୁ ନାୟକ, ଛତ୍ରସେନ ପ୍ରଧାନ,ନୀଳମ୍ବର ପ୍ରଧାନ, ପ୍ରକାଶ ପ୍ରଧାନ,ଦିଲୀପ କୁମାର ପ୍ରଧାନ,ପଠାଣି ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି।



# ଐତିହାସିକ ଦିପୋଟି ରେ ଜିଏସ୍ଏସ୍ ତରଫରୁ ଜଳଦାନ ଶିବିର

ନିଆଳୀ ୨୧/୩ (ନି.ପ୍ର): କଟକ ଜିଲ୍ଲାର ଐତିହାସିକ କସର୍ଦା ଦିପୋଟି ମେଳଣ ନିଆଳୀ ବ୍ଲକ କସର୍ଦାର ଦିପୋଟି ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳଣରେ ଓଡ଼ିଶା ର ଅଗ୍ରଣୀ ସ୍ୱେଚ୍ଛାସେବୀ ତଥା ଗାନ୍ଧିବାଦୀ ଅନୁଷ୍ଠାନ ଗ୍ରାମୀଣ ସେବକ ସମାଜ ତରଫରୁ ସୂଚନା ବିତରଣ କେନ୍ଦ୍ର ଏବଂ ଜଳଛତ୍ର ଅନୁଷ୍ଠିତ ହୋଇଯାଇଅଛି। ଏହି ଅନୁଷ୍ଠାନର ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଫେସର ଡ଼ ଧନଦା କାନ୍ତ ମିଶ୍ରଙ୍କ ଏଡ଼ ଇଣ୍ଡିଆ ଓଡିଶା ଶାଖା, ବିଳାଶୁଣୀ ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବେଦା, ସ୍ୱାଧୀନତା ସଂଗ୍ରାମୀ କଣ୍ଡୁରୀ ଚରଣ ମଲ୍ଲିକ ସ୍ମୃତି ପରିଷଦ ଏବଂ ପ୍ରେସ ୟୁନିଟ ନିଆଳୀ ନିର୍ବାଚନ ମଣ୍ଡଳୀର ମିଳିତ ସହଯୋଗ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ପ୍ରସନ୍ନ ପାତ୍ର, ନିର୍ଦ୍ଦେଶକ କୃଷିବିତ୍ ପ୍ରମୋଦ ମଲ୍ଲିକ, ସହ-ନିର୍ଦ୍ଦେଶକ ଲଲାଟେନ୍ଦୁ ସାହୁ, ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ ମଲ୍ଲିକ, ସହସମ୍ପାଦକ ରଞ୍ଜନ କୁମାର ବେହେରା, ଉପସଭାପତି ପ୍ରେସ ୟୁନିଟର ସଭାପତି ସାମ୍ବାଦିକ ଦ୍ୱିଜବର ମହାପାତ୍ର, ମହିଳା ସମ୍ପାଦିକା ପାୟଲ ପ୍ରିୟଦର୍ଶିନୀ ପରିଡା ସହ ସମ୍ପାଦିକା ପ୍ରିୟଙ୍କା ସେନାପତି, ପ୍ରେସ ୟୁନିଟର ସମ୍ପାଦକ ସନ୍ଦୀପ ମଲ୍ଲିକ, ଜଗତସିଂହପୁର ଜିଲ୍ଲା ସଂଯୋଜିକା ମୋନାଲିସା ମୁଦୁଲି, ମହାତ୍ମା ଗାନ୍ଧୀ କମ୍ପ୍ୟୁଟର ସେଣ୍ଟରର ଅଧ୍ୟକ୍ଷ ନିର୍ମାଲ୍ୟ ବାରିକ, ସୋନାଲି ବେହେରା, ପ୍ରୀତିପ୍ରଜ୍ଞା ପଟ୍ଟନାୟକ, ସୋନାଲି ସୁନ୍ଦରାୟ, କୀର୍ତ୍ତି ଶ୍ରୀ, କୋଷାଧକ୍ଷ ହେମନ୍ତ କୁମାର ମଲ୍ଲିକ, ସୌଭାଗିନୀ ସାହୁଏବଂ ପ୍ରତୀକ କୁମାର ସାହୁ ପ୍ରମୁଖ ଜଳ ଦାନ ରେ ସହଯୋଗ କରିଥିଲେ। ଏହି ଶିବିର ରୁ ନିଆଳୀର ବିଧାୟକ ଛବି ମଲ୍ଲିକ, ପୂର୍ବତନ ବିଧାୟକ ପ୍ରଫେସର ଡ଼ ପ୍ରମୋଦ କୁମାର ମଲ୍ଲିକ, ବିଜେଡି ନେତା ତୃପ୍ତି ରଞ୍ଜନ ବେହେରା, ନିଆଳୀ କଂଗ୍ରେସ ବ୍ଲକ ସଭାପତି ସୌଭାଗ୍ୟ ବସ୍ତିଆ, ବିଜେପି ନେତା ଶଶିକାନ୍ତ ଲେଙ୍କା,ବିଜୟ କୁମାର ମିଶ୍ର, ବିଜେଡି ନେତା ପୁଲକ ମହାନ୍ତି, ସାଂସଦ ଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ ମହାନ୍ତି, ରମେଶ ଚନ୍ଦ୍ର ମାଝୀ, ସରପଞ୍ଚ ପ୍ରଶାନ୍ତ ସ୍ୱାଇଁ, ସରପଞ୍ଚ ତ୍ରିନାଥ ମହାନ୍ତି, ସାମ୍ବାଦିକ ମନୋରଞ୍ଜନ ଶତପଥୀ, ଅକ୍ଷୟ ସେନାପତି, ସୁବାଷ ମହାପାତ୍ର, ଶରତ ସାହୁ, କସର୍ଦା ସରପଞ୍ଚ ସୁରେଶ ପଟ୍ଟନାୟକ ପ୍ରମୁଖ ଏହି ସୂଚନାକେନ୍ଦ୍ର ଏବଂ ଜଳଛତ୍ର ଶିବିରକୁ ଆସି ଜଳପାନ କରି ଅନୁଷ୍ଠାନକୁ ପ୍ରଶଂସା କରିଥିଲେ ।

# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ - ୨୦୨୫ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ଯାଜପୁର, ତା ୨୧.୦୩.୨୦୨୫ ରିଖ : ଯାଜପୁର ଜିଲ୍ଲା ସଦର ମହକୁମାରେ ଓଡ଼ିଶା ଦିବସ - ୨୦୨୫ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନ ୧୧.୩୦ ମିନିଟ ସମୟରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ କହିଲେ ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ୍ୟ ସୁଚାରୁରୂପେ ଓଡ଼ିଶା ଦିବସ - ୨୦୨୫ ପାଳନ କରାଯିବ। ଓଡ଼ିଆ ଅସ୍ମିତାକୁ ପ୍ରାଧାନ୍ୟ ଦିଆଯିବ। ଏହି ଦିବସରେ ଯୁବପିଢ଼ି ମାନେ ଓଡ଼ିଶାର ଏବଂ ଯାଜପୁର ଜିଲ୍ଲାର ଐତିହାସିକ, ପରମ୍ପରା ଏବଂ ରାଜ୍ୟର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବିଷୟରେ ଜାଣିପାରିବେ । ଓଡ଼ିଆ ଲୋକମାନେ କିପରି ଓଡ଼ିଆ ଭାଷାକୁ ଓଡ଼ିଆ ସଂସ୍କୃତିକୁ ପ୍ରାଧାନ୍ୟ ଦେଇ ଆହୁରି ଆଗକୁ ନେଇ ପାରିବେ ଏହି ଉଦ୍ଦେଶ୍ୟରେ ଓଡ଼ିଶା ଦିବସ ପ୍ରତିବର୍ଷ ପାଳନ କରାଯାଉଛି। ଆମ ଓଡ଼ିଆ ଭାଷା, ସଂସ୍କୃତି ପରମ୍ପରା ପାଇଁ ଆମେ ସମସ୍ତେ ଗର୍ବିତ। ଉକ୍ତ ବୈଠକରେ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ନଳିନୀପ୍ରଭା ଜେନା, ଉପ ସଭାପତି, ଜିଲ୍ଲା ପରିଷଦ ଶ୍ରୀ ଗଣେଶ୍ୱର ବରାଳ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଶ୍ରୀ ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ଶିବାନନ୍ଦ ସ୍ୱାଇଁ, ନିର୍ବାହୀ ଅଧିକାରୀ, ପୌର ପରିଷଦ ଶ୍ରୀ ଲକ୍ଷ୍ମୀଧର ରାଉତ ଏବଂ ଅଧିକାରୀ ବୃନ୍ଦ ଉପସ୍ଥିତ ରହି ଓଡ଼ିଶା ଦିବସ କୁ ଓଡ଼ିଶାର ଗର୍ବ ଓ ଗୌରବ ଭାବେ ପାଳନ କରିବା ନିମନ୍ତେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ବୈଠକର ନିଷ୍ପତି କ୍ରମେ ଓଡ଼ିଶା ଦିବସ ଦିନ ପ୍ରତ୍ୟୁଷରୁ ସହରରେ ଉତ୍କଳ ବନ୍ଦନା ଗାନ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ପରିବେଷଣ କରାଯିବ। ସକାଳେ ଯାଜପୁର ପୌରାଞ୍ଚଳ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଉତ୍କଳର ବରପୁତ୍ର ମାନଙ୍କ ଜୟଗାନ ପୂର୍ବକ ପ୍ରଭାତଫେରୀରେ ନିଜ ନିଜ ଅଞ୍ଚଳରେ ପରିକ୍ରମା କରିବେ। ସେହିପରି ଗାନ୍ଧୀ ଛକ ସ୍ଥିତ ମହାତ୍ମା ଗାନ୍ଧୀ, ସଂସ୍କୃତି ଭବନ ଓ ଜିଲ୍ଲା ସ୍କୁଲ୍ ପରିସରରେ ଥିବା ଉତ୍କଳର ବରପୁତ୍ର, ଜାତୀୟ ବରପୁତ୍ର ଓ ବିଶିଷ୍ଟ ବ୍ୟକ୍ତି ମାନଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା ଘ. ୭.୩୦ ମିନିଟ ସମୟରେ ମାଲ୍ୟାର୍ପଣ କରାଯିବ। ପରେ ଜେଲ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ମାନଙ୍କୁ ଫଳ ବଣ୍ଟନ, ଉତ୍କଳ ବାଳାଶ୍ରମ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯିବ । , ଜିଲ୍ଲା କାର୍ଯ୍ୟାଳୟ, ଗୌତମ ବୁଦ୍ଧ ସଂସ୍କୃତି ଭବନ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ପୌର ପରିଷଦ କାର୍ଯ୍ୟାଳୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲା ଉପ କାରାଗାର, ଜିଲ୍ଲା ସ୍କୁଲ, ଉତ୍କଳ ବାଳାଶ୍ରମ, ମୁଖ୍ୟ ଡାକ କାର୍ଯ୍ୟାଳୟ ଷ୍ଟେଟ ବ୍ୟାଙ୍କ ଆଦି ସଦର ମହକୁମାରେ ଥିବା ସମସ୍ତ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ନିଜସ୍ୱ ଖର୍ଚ୍ଚରେ ଆଲୋକମାଳାରେ ସୁସଜ୍ଜିତ କରିବେ। ଜିଲ୍ଲାର ୫ ଜଣ ଅଗ୍ରଣୀ କୃଷକଙ୍କୁ ଜଗନ୍ନାଥ ମଲ୍ଲିକ କୃଷକ ସମ୍ମାନରେ ସମ୍ମାନିତ କରାଯିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା। ପ୍ରାଥମିକ, ମଧ ଇଂରାଜୀ ଏବଂ ଉଚ୍ଚ ବିଦ୍ୟାଳୟ ସ୍ତରରେ ଓଡ଼ିଆ ବକ୍ତୃତା, ସଙ୍ଗୀତ ଏବଂ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବା ନିମନ୍ତେ ବିବରଣୀ ପାଠ କରିବା ସହ ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସକୁ ଏକତ୍ରିତ ହୋଇ ପାଳନ କରିବା ନିମନ୍ତେ ସୂଚନା ପ୍ରଦାନ କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବୈଠକରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# କନ୍ଧମାଳ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ୨୦୨୫ ଉଦଘାଟିତ









ଫୁଲବାଣୀ ତା,୨୧/ ୦୩ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲାର ପ୍ରତିକ୍ଷୀତ କନ୍ଧମାଳ ମହୋତ୍ସବ ବିଳମ୍ବରେ ହୋଇଥିଲେ ମଧ୍ୟ ଆଜି ଉଦଘାଟିତ ହୋଇଯାଇଛି । ମହୋତ୍ସବ ଉଦଘାଟନ ପୂର୍ବରୁ କନ୍ଧମାଳ ଜିଲ୍ଲାର ପରମ୍ପରା ଅନୁଯାଇ ଫୁଲବାଣୀ ସହର ପୂଜା ପାଉଥିବା ଅଧିଷ୍ଠାତ୍ରୀ ଦେବୀ 'ମା ନାରାୟଣୀ 'ଙ୍କ ମନ୍ଦିର ରୁ ଏକ ମଶାଲ ଶୋଭାଯାତ୍ରା ବାହାରି ମାଦିକୁନ୍ଦା ଛକ, ବିଜୁପଟ୍ଟନାୟକ ଛକ ଗୋପବନ୍ଧୁ ଛକ ଦେଇ ସହର ପରିକ୍ରମା କରି ଷ୍ଟାଡିୟମ ମହୋତ୍ସହ ମଞ୍ଚରେ ପହଞ୍ଚିଥିଲା । ଏହି ମଶାଲ ଶୋଭାଯାତ୍ରା ରେ ଜିଲ୍ଲାର ବିଭିର୍ଣ୍ଣ କଳାକାର ମାନଙ୍କ ଉପସ୍ଥିତିରେ ବାଜା ବାଜଣା, ବାଣ ନିଶାନ ରେ ସହର ପ୍ରକମ୍ପିତ କରି ଥିଲା । ଏହାପରେ ମହୋତ୍ସବର ବରେଣ୍ୟ ମୁଖ୍ୟ ଅତିଥି ଫୁଲବାଣୀର ମାନ୍ୟବର ବିଧାୟକ ଶ୍ରୀ ଉମାଚରଣ ମଳିକଙ୍କ କର କମଳରେ ଉଦଘାଟିତ ହୋଇଯାଇଥିବା ବେଳେ ବରେଣ୍ୟ ସନମାନୀତ ଅତିଥି ଭାବେ କନ୍ଧମାଳ ଜିଲ୍ଲାପାଳ ଶ୍ରୀ ଅମୃତ ଋତୁରାଜ ଉପସ୍ଥିତ ଥିବା ବେଳେ ଅନ୍ୟତମ ବରେଣ୍ୟ ସନମାନୀତ ଅତିଥି କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଶ୍ରୀ ହରିଶ ବିଶି, ଓ ଅନ୍ୟତମ ବରେଣ୍ୟ ସନମାନୀତ ଅତିଥି ଶ୍ରୀ ପ୍ରଶାନ୍ତ ପଟେଲ ଫୁଲବାଣୀ ବନ ଖଣ୍ଡ ଅଧିକାରୀ ଓ ଶ୍ରୀ ବିଶ୍ୱରାଜ ପଣ୍ଡା, ସମେତ ଫୁଲବାଣୀ ଉପଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ଜେନା ସମେତ ଅନ୍ୟ ସମସ୍ତ ବିଭାଗୀୟ ବରିଷ୍ଠ ଅଧିକାରୀ ମାନଙ୍କ ଉପସ୍ଥିତିରେ ଉଦଘାଟନ ପରେ ମଂଚାସୀନ ବରେଣ୍ୟ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ ସୁଶ୍ରୀ ପ୍ରିୟଙ୍କା ପ୍ରଧାନ ତହସିଲଦାର ଫୁଲବାଣୀ ଓ ଶ୍ରୀ ସ୍ମୃତି ରଞ୍ଜନ ପାତ୍ର ବିଡ଼ିଓ ଫୁଲବାଣୀ । ଏହାପରେ ମଂଚାସୀନ ଅତିଥି ମାନେ କନ୍ଧମାଳ ଜିଲ୍ଲାର ବିକାଶ କରିବା ପାଇଁ ସରକାର ଙ୍କର ବିଭିର୍ଣ୍ଣ ପ୍ରକାର ଯୋଜନା ଉପରେ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଓରମାସ ତରଫରୁ ପଲ୍ଲିଶ୍ରୀ ମେଳା ପାଇଁ ରାଜ୍ୟର ବିଭିର୍ଣ୍ଣ ପ୍ରାନ୍ତରରୁ ହସ୍ତତନ୍ତ, ବୟନ ଶିଳ୍ପ, ଓ ମହିଳା ଏସ ଏସ ଜି ର ନିଜସ୍ୱ ଉତ୍ପାଦିତ ଦ୍ରବ୍ୟ ଗୁଡିକର ବିକ୍ରି ବଟା କରିବାପାଇଁ ମଧ୍ୟ ଉଭୟ ଜିଲ୍ଲା ପ୍ରଶାସନ ଓ ଓରମାସ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଥିବା କଥା ଜିଲ୍ଲାପାଳ ଶ୍ରୀ ଅମୃତ ଋତୁରାଜ ନିଜ ଅଭିଭାଷଣ ରେ ପ୍ରକାଶ କରିଥିଲେ ଓ ମାନ୍ୟବର ବିଧାୟକ ଶ୍ରୀ ମଳିକ ଜିଲ୍ଲାରେ ଶିକ୍ଷାଦାନ ଓ ଛାତ୍ର ଛାତ୍ରୀମାନଙ୍କ ନିରୁତ୍ସାହିତ ପରୀକ୍ଷା ଫଳ ନେଇ ଗଭୀର ଉଦବେଗ ପ୍ରକାଶ କରିଥିଲେ ଏବଂ ଆଗାମୀ ଦିନରେ ଜିଲ୍ଲାରେ ଛାତ୍ର ଛାତ୍ରୀମାନଙ୍କ ପରୀକ୍ଷା ଫଳ ସନ୍ତୋଷ ଜନକ ହେବା ଦରକାର ବୋଲି କହିଥିଲେ । କନ୍ଧମାଳ ମହୋତ୍ସବ ଉଦଘାଟନ ପରେ ଜିଲ୍ଲା ପ୍ରଶାସନ ର ପ୍ରସ୍ତୁତି କାର୍ଯ୍ୟସୁଚି ପ୍ରକାରେ ଜିଲ୍ଲା ବାସୀଙ୍କ ମନୋରଞ୍ଜନ ପାଇଁ ବିଭିର୍ଣ୍ଣ ପ୍ରକାର ନୃତ୍ୟ ସଂଗୀତ, ଲୋକ ନୃତ୍ୟ ର ଆୟୋଜନ କରାଯାଇଛି, ତନ୍ମଧ୍ୟରୁ ଆଜିର କାର୍ଯ୍ୟକ୍ରମ ରେକାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ କୋମଳ ଗାନ୍ଧାର ଫୁଲବାଣୀ, ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ ଆଦିବାସୀ ମହାବିଦ୍ୟାଳୟ ବାଲିଗୁଡାର କଳାକାର ମାନେ, ଓ ବିହୁ ନୃତ୍ୟ, ବିହୁ ନୃତ୍ୟ ଦଳ ଆସାମ,ଆଦିବାସୀ ନୃତ୍ୟ, ସରକାରୀ ବାଳିକା ସେବାଶ୍ରମ ଉଚ୍ଚ ବିଦ୍ୟାଳୟ ବେଲପଦର, ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ ମା ଦୁମାଦେଇ ସାଂସ୍କୃତିକ କଳା ପରିଷଦ ଟିଟିରା ପଙ୍ଗା,ଏବଂ ଶେଷରେ ଓଡ଼ିଆ ଓ ହିନ୍ଦୀ ସଂଗୀତକୁ ଓଡ଼ିଶାର ବିଖ୍ୟାତ କଣ୍ଠଶିଳ୍ପୀ ଶ୍ରୀ ଶଶାଙ୍କ ଶେଖର ଓ ତାଙ୍କ ଦଳ ପରିବେଷଣ କରିଥିଲେ ।

# ଶୁଖିଲା ପଡ଼ିଛି ଲୋୟର ସୁକତେଲ୍

## ଜଳଭଣ୍ଡାର ପ୍ରୋଟୋକଲ୍ ଭାଙ୍ଗିଲା



ବଲାଙ୍ଗୀର,୨୧/୩: ବଲାଙ୍ଗୀର ଜିଲ୍ଲାର ଜୀବନଧାରା ଲୋୟର ସୁକତେଲ୍ ପ୍ରକଳ୍ପ ସବୁବେଳେ ଚର୍ଚ୍ଚାରେ। ନିର୍ବାଚନ ପୂର୍ବରୁ ହେଉ କି ପରେ, ଏହି ପ୍ରକଳ୍ପର ସମ୍ପୂର୍ଣ୍ଣ କାର୍ଯ୍ୟକାରିତାକୁ ନେଇ ବାରମ୍ବାର ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପୂର୍ବରୁ ଏହି ପ୍ରକଳ୍ପ ୨୦୨୪ ଖରିଫ୍‌ରେ ଆଂଶିକ ଏବଂ ୨୦୨୫ ଖରିଫ୍‌ରେ ସମ୍ପୂର୍ଣ୍ଣ ଜଳସେଚନ ସୁବିଧା ଉପଲବ୍ଧ ହେବ ବୋଲି ଘୋଷଣା ହେଲା। ପ୍ରକଳ୍ପକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିବା ସହ ନିର୍ଦ୍ଧାରିତ ୧ ଲକ୍ଷ ଏକର ଜମିକୁ ପାଣି ଏବଂ ୭୦ ହଜାର ଲୋକଙ୍କୁ ପାନୀୟ ଜଳ ଯୋଗାଇବାକୁ ମଧ ଟାର୍ଗେଟ୍ ରହିଥିଲା। କିନ୍ତୁ ବର୍ତ୍ତମାନ ଜଳଭଣ୍ଡାର ସ୍ଥିତି ଦେଖିଲେ ଆଗକୁ ଏହି ପ୍ରକଳ୍ପ ଠିକ୍ ଭାବେ କାର୍ଯ୍ୟକାରୀ ହେବ ନା ନାହିଁ, ସେ ନେଇ ଆଶଙ୍କା ଉପୁଜିଛି। ଲୋୟର ସୁକ୍‌ତେଲ୍ ଜଳଭଣ୍ଡାରର କ୍ଷମତା ୩୨ ହଜାର ହେକ୍ଟର ମିଟର। ଏଥିରେ ସର୍ବୋଚ୍ଚ ୨୧୦ ମିଟର ପାଣି ରହିବା କ୍ଷମତା ରହିଛି। କିନ୍ତୁ ନଦୀବନ୍ଧ ପ୍ରୋଟୋକଲ୍ ଅନୁସାରେ ତିନି ବର୍ଷ ପରେ ଅର୍ଥାତ୍ ୨୦୨୬-୨୭ ମସିହାରେ ହିଁ ଜଳଭଣ୍ଡାର ପୂର୍ଣ୍ଣଗର୍ଭା ହୋଇପାରିବ। ପ୍ରଥମ ତିନିବର୍ଷ ପ୍ରୋଟୋକଲ୍ ଅନୁସରଣ କରି ଜଳ ଗଚ୍ଛିତ ଓ ୧୨ଟି ଗେଟ୍‌ରେ ନିଷ୍କାସନ କରାଯିବ ବୋଲି ସ୍ଥିର ହୋଇଥିଲା। ଏହି ଆଧାରରେ ପ୍ରଥମ ବର୍ଷ ଏକ ତୃତୀୟାଂଶ ଗଭୀର ପାଣି ରଖାଗଲା। ହେଲେ ଚଳିତ ବର୍ଷ ସାରା ଜଳଭଣ୍ଡାର ଶୁଖିଲା ପଡ଼ିଛି। ଦୁଇ ତୃତୀୟାଂଶ ପାଣି ରହିବା ବଦଳରେ ଜଳଭଣ୍ଡାରର ବିସ୍ତୀର୍ଣ୍ଣ ଅଞ୍ଚଳ ଟାଙ୍ଗରା ପଡ଼ିଛି। ପୂର୍ବ ବର୍ଷ ଭଳି ଏଥର ବର୍ଷା କମ୍ ହେଲେ ଜଳଭଣ୍ଡାର ପୂରିବା ସମ୍ଭାବନା କ୍ଷୀଣ। ଅନ୍ୟପକ୍ଷରେ, ପୂର୍ବ ଯୋଜନା ଅନୁସାରେ ମୁଖ୍ୟ ଜଳଭଣ୍ଡାରରୁ ବଲାଙ୍ଗୀର ସହରକୁ ୭୦ ହଜାର ଲୋକଙ୍କ ପିଇବା ପାଣି ପାଇଁ ବ୍ୟବସ୍ଥା ରହିଥିଲା। ମୂଳ ଯୋଜନାକୁ ସଦ୍ୟ ଭାବେ ପରିବର୍ତ୍ତନ କରାଯାଇଛି। ଛତାମଖନାଠାରେ ନିର୍ମିତ ବ୍ୟାରେଜ୍‌ରୁ ବଲାଙ୍ଗୀର ସହରକୁ ଜଳଯୋଗାଣ ପାଇଁ ନିର୍ମାଣ କାମ ଆଗେଇଛି। ଡିଫ୍ଲିସନ୍ ସ୍ଲୁଇସ୍ ଗେଟ୍ କାମ ଚାଲୁଥିବାରୁ ଜଳଭଣ୍ଡାରର ସବୁ ପାଣି ଛାଡ଼ି ଦିଆଯାଇଛି। ଫଳରେ ଡ୍ୟାମ୍‌ରେ କେବଳ କାଦୁଅ ଜମା ହୋଇରହିଛି। ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁରେନ୍ଦ୍ର ଭୋଇଙ୍କ କହିବାନୁସାରେ, ପ୍ରୋଟୋକଲ୍‌ରେ ବିଚ୍ୟୁତି ହୋଇଥିଲେ ହେଁ ଠିକଣା ସମୟରେ ଜଳଭଣ୍ଡାରରେ ପାଣି ଭରିବ। କିନ୍ତୁ ଜିଲ୍ଲାର ପାଣିପାଗ ଯାହା, ସେଥିରେ ଜଳଭଣ୍ଡାରରେ ପର୍ଯ୍ୟାପ୍ତ ପାଣି ପୂର୍ଣ୍ଣ ହେବା ଏକ ଚମତ୍କାର ସଦୃଶ ହେବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

# ପୂର୍ବତଟ ରେଳପଥ ପକ୍ଷରୁ ୨୫୦ ନିୟୁତ ଟନ ପଣ୍ୟ ପରିବହନ ରେକର୍ଡ

ଭୁବନେଶ୍ୱର, ୨୧/୩: ପୂର୍ବତଟ ରେଳପଥ (ECoR) ପୁଣି ଥରେ ପଣ୍ୟ ପରିବହନ କ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି। ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ହେବାର ୧୧ ଦିନ ପୂର୍ବରୁ ୨୫୦ ନିୟୁତ ଟନ୍ (MT) ମୂଳ ପଣ୍ୟ ପରିବହନ ହାସଲ କରିବାରେ ଭାରତର ପ୍ରଥମ ରେଳ ଜୋନ୍ ହୋଇଛି। ପୂର୍ବତଟ ରେଳପଥର ପଣ୍ୟ ପରିବହନ ରେକର୍ଡ ଭାରତୀୟ ରେଳବାଇର ସମସ୍ତ ପୂର୍ବ ମାନଦଣ୍ଡକୁ ଅତିକ୍ରମ କରିଛି, ଯାହା ଦେଶର ସର୍ବୋଚ୍ଚ ପଣ୍ୟ ପରିବହନ କ୍ଷେତ୍ର ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଛି। ଏହି ସଫଳତା ଲଗାତାର ଭାବେ ଦ୍ୱିତୀୟ ବର୍ଷ ପାଇଁ ୨୫୦ ନିୟୁତ ଟନ୍ ସୀମା ଅତିକ୍ରମ କରିଛି। ଏହି ସଫଳତାକୁ ହାସଲ କରିବା ପାଇଁ ପୂର୍ବତଟ ରେଳପଥ ଗତ ଆର୍ଥିକ ବର୍ଷରେ ୩୬୦ ଦିନ ସମୟ ନେଇଥିଲାବେଳେ ଚଳିତ ବର୍ଷ ୩୫୫ ଦିନରେ ଏହି ଲକ୍ଷ ହାସଲ କରିଛି। ଉଲ୍ଲେଖନୀୟ ଯେ, ପୂର୍ବତଟ ରେଳପଥ କ୍ରମାଗତ ଷଷ୍ଠ ଥର ପାଇଁ ୨୦୦ ନିୟୁତ ଟନ୍ ପଣ୍ୟ ପରିବହନ ଅତିକ୍ରମ କରିବାର ଗୌରବ ମଧ ହାସଲ କରିଛି ।ଏହା ବ୍ୟତୀତ, ପୂର୍ବତଟ ରେଳପଥ ୨୦୨୪-୨୫ ଆର୍ଥିକ ବର୍ଷରେ ଏହାର ଅଧିକାରକ୍ଷେତ୍ର ମଧ୍ୟରେ ୨୨୮.୩ ନିୟୁତ ଟନ୍ ମାଲ ପରିବହନ ମୁକ୍ତ/ ଅନଲୋଡ କରିଛି, ଯାହା ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨.୬% ଅଧିକ। ୨୦୨୩-୨୪ ଆର୍ଥିକ ବର୍ଷରେ ୨୧ ମାର୍ଚ୍ଚ ସୁଦ୍ଧା, ପୂର୍ବତଟ ରେଳପଥ ଏହାର ଅଧିକାର କ୍ଷେତ୍ରରେ ୨୨୨.୪ ନିୟୁତ ଟନ୍ ମାଲ ପରିବହନ କରିଥିଲା ।ଏହି ଐତିହାସିକ ସଫଳତା ହାସଲ କରିବାରେ ପୂର୍ବତଟ ରେଳବାଇର ତିନୋଟି ରେଳ ମଣ୍ଡଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ପୂର୍ବତଟ ରେଳପଥର ଗୁରୁତ୍ୱପୂର୍ଣ୍ଣ ପଣ୍ୟ ପରିବହନ ମାଇଲଖୁଣ୍ଟ ହାସଲ କରିବାର ଏକ ଦୀର୍ଘକାଳୀନ ପରମ୍ପରା ରହିଛି। ୨୦୧୯-୨୦ ଆର୍ଥିକ ବର୍ଷରେ ୨୦୦ ନିୟୁତ ଟନ୍ ପଣ୍ୟ ପରିବହନ ଅତିକ୍ରମ କରିବାରେ ଏହା ଅବିଭକ୍ତ ଦକ୍ଷିଣ ପୂର୍ବ ରେଳବାଇ ପରେ ଦ୍ୱିତୀୟ ରେଳ ଜୋନ୍ ଥିଲା। ଆଜି, ଏହା ଲଗାତାର ଦୁଇ ବର୍ଷ ହେଲା ୨୫୦ ନିୟୁତ ଟନ୍ ପଣ୍ୟ ପରିବହନ ହାସଲ କରିବାରେ ପ୍ରଥମ ଜୋନ୍ ଭାବରେ ନିଜକୁ ପ୍ରତିଷ୍ଠିତ କରିଛି ।ବିଭିନ୍ନ କାର୍ଯ୍ୟକ୍ଷମ ଆହ୍ୱାନ ସତ୍ତ୍ୱେ, ଏହି ରେକର୍ଡ ଅତିକ୍ରମ କରିବାରେ ଯତ୍ନବାନ ଯୋଜନା, ସରକାରୀ କ୍ଷେତ୍ର, ଶିଳ୍ପ ଏବଂ ଅଂଶୀଦାରମାନଙ୍କ ସହିତ ସୁଗମ ସମନ୍ୱୟ ଏବଂ ଦକ୍ଷତା ପ୍ରତି ଅଟଳ ପ୍ରତିବଦ୍ଧତା ମାଧ୍ୟମରେ ସଫଳତା ସମ୍ଭବ ହୋଇପାରିଛି ।ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲଙ୍କ ଦୃଢ଼ ନେତୃତ୍ୱରେ ଏହି ରେଳପଥ ନିରନ୍ତର ଭାବରେ ଏହାର ପଣ୍ୟ ପରିବହନ କାର୍ଯ୍ୟରେ ଉତ୍କୃଷ୍ଟ ପ୍ରଦର୍ଶନ କରିଛି। ଶ୍ରୀ ଫୁଙ୍କୱାଲଙ୍କ ରଣନୈତିକ ଦୃଷ୍ଟିକୋଣ, ପ୍ରେରଣାଦାୟକ ନେତୃତ୍ୱ ଏବଂ ଦଳଗତ କାର୍ଯ୍ୟ ଉପରେ ଗୁରୁତ୍ୱ ଏହି ଐତିହାସିକ ସଫଳତା ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପୂର୍ବତଟ ରେଳପଥର ଉତ୍ସର୍ଗୀକୃତ କର୍ମଚାରୀ, ଏହାର ସକାରାତ୍ମକ ମନୋଭାବ ଏବଂ ନିରନ୍ତର ପ୍ରୟାସ ସହିତ ସଫଳତାର ଏହି ଗତିକୁ ବଜାୟ ରଖିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ।ପଣ୍ୟ ପରିବହନରେ ଏହି ଅଭୁତପୂର୍ବ ପ୍ରଦର୍ଶନ ପୂର୍ବତଟ ରେଳପଥର ସ୍ଥିତିକୁ ଆହୁରି ସୁଦୃଢ଼ କରିଛି, ଯାହା ଦେଶର ଆର୍ଥିକ ଅଭିବୃଦ୍ଧି ଏବଂ ଲଜିଷ୍ଟିକ୍ସ ଦକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି।



# କ୍ଷ୍ୟୁଦ୍ର ଜଳସେଚନ ଅଧିକ୍ଷଣ ଯନ୍ତ୍ରୀଙ୍କ ସସ୍ପେଣ୍ଡ ସସ୍ପେନ୍ସ

ଭବାନୀପାଟଣା, ୨୧/୩: କଳାହାଣ୍ଡି ଜିଲ୍ଲା କ୍ଷ୍ୟୁଦ୍ର ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଜଗନ୍ନାଥ ମଲିକ ଟେଂଡର ଜାଲିଆତି ଅଭିଯୋଗରେ ଛନ୍ଦି ହୋଇ ଚାକିରିରୁ ନିଲମ୍ବିତ ହୋଇଥିବା ବିଶେଷ ସୂତ୍ରରୁ ପ୍ରକାଶ । ଏହି ଖବର ବ୍ୟାପକ ଭାବେ ପ୍ରଘଟ ନହେବ ଏବଂ ଏହାକୁ କିପରି ଗୁପ୍ତ ରଖାଯିବ ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି କରିତ କର୍ମା ବାବୁଙ୍କ ବିରୋଧରେ ପୂର୍ବରୁ ବହୁବାର ଅଭିଯୋଗ ହୋଇଆସୁଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିଲା କିନ୍ତୁ ଶେଷରେ ବିଡ ନମ୍ବର ୦୩/ ୨୦୨୪-୨୫ ୧୦ ଗୋଟି କାର୍ଯ୍ୟପାଇଁ ଆହ୍ୱାନ କରାଯାଇଥିବା ଟେଂଡର ଜାଲିଆତି ସମ୍ପୃକ୍ତି ଅଭିଯୋଗରେ ବିଭାଗୀୟ ଉଚ ପଦସ୍ତ ଅଧିକାରୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଜଗନ୍ନାଥ ମଲିକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଏହି ସୌଖିନ ବାବୁ ଜଣକ ଭବାନୀପାଟଣା କ୍ଷ୍ୟୁଦ୍ର ଜଳସେଚନ ବିଭାଗରେ ଅଧିକ୍ଷଣ ଯନ୍ତ୍ରୀ ଭାବେ କାର୍ଯ୍ୟରେ ଯୋଗଦେବା ପରେ ପରେ ପ୍ରଥମେ ନିଜର ବାସଭବନ ଏବଂ କାର୍ଯ୍ୟାଳୟ ଚାମ୍ବର କୁ ମରାମତି କରିବା ବାହାନାରେ ଅଯଥାରେ ସରକାରୀ ଅର୍ଥକୁ ବର୍ବାଦ କରି ଚର୍ଚ୍ଚାକୁ ଆସିଥିଲେ। ବାବୁ ଜଣକ ସ୍ୱଚନା ଅଧିକାର ଆଇନୀ କୁ ମଧ ପାଦରେ ମଳି ମକଚି ଧୂଳିସାତ କରୁଥିଲେ। କାର୍ଯ୍ୟର ସ୍ୱଚ୍ଛତା ତଥା ସାଧାରଣ ଜନତାଙ୍କ ଜାଣିବାର ଅଧିକାର ପାଇଁ ସୂଚନା ଅଧିକାର ଆଇନୀ ୨୦୦୫ ରୁ କାର୍ଯ୍ୟକାରୀ ହୋଇଆସୁ ଥିଲେହେଁ ଏହିବାବୁ ସବୁବେଳେ ସୂଚନା କର୍ମୀଙ୍କୁ ଭୁଆଁ ବୁଲାଇ ଅନ୍ଧାରରେ ରଖି ସୂଚନା ଅଧିକାର ଆଇନୀକୁ ଖୋଲା ଖୋଲି ଉଲଂଘନ କରିବା ସହ ବାଟ ବଣା କରୁଥିଲେ । ଯେକୌଣସି ସରକାରୀ ତଥ୍ୟକୁ ନିଜର ବ୍ୟକ୍ତିଗତ ଗୋପନୀୟ ତଥ୍ୟ ପ୍ରଦାନ କରିହେବ ନାହିଂ କହି ସୂଚନା ଅଧିକାର ଆଇନୀ ଧାରା ୮(୧)(ଜ )ର ଅପବ୍ୟବହାର କରିଆସୁଥିଲେ । ଯାହାକୁ ନେଇ ସୂଚନା କର୍ମୀ ନିଜର ଅଶୋନ୍ତୋଶ ବ୍ୟକ୍ତ କରିବା ସହ ସୂଚନା ପାଇବାରୁ ବଞ୍ଚିତ ହୋଇ ନିରାଶ ହେଉଥିଲେ। ଅନ୍ୟ ପଟେ ସୂଚନା କର୍ମୀଙ୍କୁ ସୂଚନା ପ୍ରଦାନ କଲେ କାଳେ ଦୁର୍ନୀତି ପଦାରେ ପଡିଯିବା ଭୟରେ ସୂଚନାକୁ ଗୁପ୍ତ ରଖିବାକୁ ପ୍ରୟାଶ କରୁଥିଲେ ।ଏହି ବାବୁ କାର୍ଯ୍ୟରେ ଯୋଗ ଦେବା ଦିନଠାରୁ ଆଜିପର୍ଯ୍ୟନ୍ତ ଯେତେଗୋଟି ଟେଂଡର ଏବଂ ନନଟେଂଡର କାର୍ଯ୍ୟ ହୋଇଛି ତାହା ଭିଜିଲାନସ ତଦନ୍ତ ପରିସର ଭୁକ୍ତ ହେବାର ଆବଶ୍ୟକତା ଅଛି ବୋଲି ସାଧାରଣରେ ଦାବି ହେଉଛି।



# ବେଆଇନ ବାଲିଘାଟ ପାଇଁ ଗତିପଥ ବଦଳାଇବ ବୁଢ଼ାବଳଙ୍ଗ

## ବାରିପଦା ସହର ପ୍ରତି ସମସ୍ୟା ଉପୁଜିପାରେ



ବାରିପଦା: ମୟୂରଭଞ୍ଜ ଜିଲ୍ଲାରେ ବେଆଇନ ବାଲିଘାଟ ଯୋଗୁ ବୁଢ଼ାବଳଙ୍ଗର ଗତିପଥ ବଦଳିବା ନେଇ ଆଶଙ୍କା ଦେଖାଦେଇଛି। ଜିଲ୍ଲାର ଶାମାଖୁଣ୍ଟା ତହସିଲ ତଥା କୁଳିଅଣା ବ୍ଲକ୍ ଅନ୍ତର୍ଗତ ସାଲୁଗଡ଼ିଆ ଗାଁ ନିକଟରେ ରହିଛି ଏହି ବେଆଇନ ବାଲି ଘାଟ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଏହି ୬ଟି ବାଲିଘାଟ ଜିଲ୍ଲା ସର୍ଭେ ତାଲିକାରେ ନାହିଁ। ନୂଆ କରି ଏହିଠାରୁ ବାଲି ଉଠାଣ ହେଉଥିବାବେଳେ ପ୍ରତିଦିନ ୨୦୦ ଟ୍ରିପ୍ ?ରୁ ଅଧିକ ବାଲି ଟ୍ରାକ୍ଟରରେ ନିଆଯାଇ ନିକଟସ୍ଥ ଗାଁରେ ଗଚ୍ଛିତ କରାଯାଉଛି। ସ୍ଥାନୀୟ ପୁଲିସ ଓ ତହସିଲ ଏନେଇ ଅବଗତ ରହିଥିବାବେଳେ କାର୍ଯ୍ୟାନୁଷ୍ଠାନ ନିଆଯାଉନି। ମୟୂରଭଞ୍ଜ ଜିଲ୍ଲାର ୪ଟି ଉପଖଣ୍ଡରେ ୧୧୬ଟି ବାଲି ଖାଦାନ ରହିଥିବାବେଳେ କୁଳିଅଣାରେ ୨ଟି ଖାଦାନ ରହିଛି। ଏଠାରେ ଯେଉଁ ସାଲୁଗଡ଼ିଆ ବାଲିଘାଟ କଥା କୁହାଯାଉଛି, ପ୍ରଶାସନ ତାଲିକାରେ ଏହାର ନାମଗନ୍ଧ ବି ନାହିଁ। ଦେଢ଼ବର୍ଷ ହେଲା ଏହି ବେଆଇନ ବାଲିଖାଦାନ ଚାଲୁଥିବା ବେଳେ ଖଣି ବିଭାଗ, ସ୍ଥାନୀୟ ରାଜସ୍ୱ କର୍ମଚାରୀ ଓ ପୁଲିସ କର୍ତ୍ତୃପକ୍ଷ କିପରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଏହି ବାଲି ଖାଦାନରୁ ବାରିପଦା ସହର ଦୂରତା ମାତ୍ର ୫ କିମି ରହିଛି। ଦେଢ଼ବର୍ଷ ମଧ୍ୟରେ ଏହିଠାରେ ପ୍ରାୟ ଦେଢ଼ କି ?ମି ପରିଧିର ବିରାଟ ଗାତ ସୃଷ୍ଟି ହୋଇଥିବାବେଳେ ନିକଟସ୍ଥ ତିନିଟି ଗାଁ ବିପଦ ମୁହଁକୁ ଠେଲି ହୋଇଯାଇଛି। ବେଆଇନ୍ ବାଲିଚାଲାଣ ଯୋଗୁ ବାରିପଦା ସହର ପାର୍ଶ୍ୱ ଦେଇ ଯାଇଥିବା ବୁଢ଼ାବଳଙ୍ଗ ନଦୀର ବନ୍ୟାଜଳ ସହର ମଧ୍ୟକୁ ପ୍ରବେଶ କରିବା ଏକ ପ୍ରକାର ଥୟ। ୧୯୯୯ ମସିହାରେ ଏଠାରେ ଆଡ଼ିବନ୍ଧ ତିଆରି ହୋଇଥିଲା। ବର୍ଷାଦିନେ ଶିମିଳିପାଳ ପଟୁ ଆସିଥିବା ବନ୍ୟାଜଳ ଏହିଠାରେ ମାଡ଼ ହୋଇ ଗତିପଥ ବଦଳାଇଥିଲା। ଏହା ନିକଟରେ ରହିଥିବା ତିନିଟି ଗାଁ ନଦୀ ଆଁକୁ ଆସିବା ସହ ଅପରପାର୍ଶ୍ୱ ?ରେ ରହିଥିବା ବାରିପଦା ବ୍ଲକ୍ ?ର ତିନିଟି ଗାଁ ନିକଟରୁ ନଦୀ ଦୂର ହେବାରୁ ଚାଷବାସ ଉପରେ ଗଭୀର ପ୍ରଭାବ ପକାଉଛି। ଏନେଇ ଜିଲ୍ଲାପାଳ ହେମକାନ୍ତ ସୟ କହିଛନ୍ତି ଯେ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣକୁ ନେଇ ପ୍ରଶାସନ ଶୂନ୍ୟ ସହନଶୀଳ ନୀତି ଆପଣେଇଛି। ଗଣମାଧ୍ୟମରୁ ଏନେଇ ଖବରପାଇଛି। କର୍ମଚାରୀଙ୍କୁ ତଦନ୍ତ କରିବାକୁ ପଠାଇବୁ ବୋଲି ସେ କହିଛନ୍ତି। ସେହିପରି, ଏସ୍‌ପି ବରୁଣ ଗୁଣ୍ଟୁପାଲି କହିଛନ୍ତି ଯେ ଗଣମାଧ୍ୟମରୁ ଏହି ବାଲି ଖାଦାନ ନେଇ ଖବର ପାଇଛୁ, ଖୁବଶୀଘ୍ର ଏହା ଉପରେ କାର୍ଯ୍ୟାନୁଷ୍ଠାନ ହେବ।

# ବିନା ଫଳକରେ ଚାଲିଛି ଜଳ ସମ୍ପଦ ବିଭାଗର ନିମ୍ନ ମାନର କାମ

## ନା କୌଣସି ଫଳକ ନା କୌଣସି ବିଭାଗୀୟ ତଦାରଖ; ଅଟକଳ ମୂଲ୍ୟ କେତେ ଲୁଚାଉଛି ବିଭାଗ

କେନ୍ଦ୍ରାପଡ଼ା(୨୧/୦୩) କେନ୍ଦ୍ରାପଡ଼ା ବ୍ଲକ୍ ଅଧିନସ୍ଥ ଶ୍ୟାମସୁନ୍ଦରପୁର ଠାରୁ ଛଗରିଆ ପର୍ଯ୍ୟନ୍ତ ଚାଲିଛି କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗର ବ୍ରାଞ୍ଚ କେନାଲ ଢ଼ଲାଇ କାର୍ଯ୍ୟ । ଯେଉଁ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି । ସରକାରଙ୍କ ନିୟମ କୁ ଉଲଂଘନ କରି ବିନା ଫଳକରେ ନିମ୍ନ ମାନର କାର୍ଯ୍ୟ ଚାଲିଥିବାର ଦେଖିବାକୁ ମିଳିଛି । ପାଇଥିବା ସୂଚନା ମୁତାବକ କୋଟିଏ ରୁ ଉର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ ଚାଲୁଥିବା ବେଳେ କେନାଲ ଖୋଳା ପାଖରୁ ଆରମ୍ଭ କରି ହେଉଥିବା ରଡ କାମ ଏବଂ ଢ଼ଲାଇ ଅତି ନିମ୍ନ ମାନର ହେଉଥିବା କହିଛନ୍ତି ସ୍ଥାନୀୟ ବାସିନ୍ଦା । ତଦାରଖ ପାଇଁ ନା ଆସୁଛନ୍ତି ବିଭାଗୀୟ ଯନ୍ତ୍ରୀ ନା ଆସୁଛନ୍ତି କୌଣସି ବିଭାଗୀୟ ଉପରିସ୍ଥ ଅଧିକାରୀ ।ସାଧାରଣତଃ ଢ଼ଲାଇ କାର୍ଯ୍ୟରେ ବ୍ୟବହୃତ ହେଉଥିବା ରଡ୍ ଅତି ନିମ୍ନ ମାନର ହେବ ସହ ଯେଉଁ ଯାଲି ତିଆରି କରାଯାଉଛି ତାହା କେବଳ ଧର୍ମକୁ ଆଖିଠାର ମାରିଲା ପରି କରାଯାଉଛି ବୋଲି କହିଛନ୍ତି ନିୟମିତ ଯାତାୟାତ କରୁଥିବା ସାଧାରଣ ଲୋକେ । ଏ ବିଷୟରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଜଣା ପଡ଼ିଛି କି ବିନା ଫଳକରେ କାର୍ଯ୍ୟ ହେଉଥିବା ଜାଣିଛି ସମ୍ପୂର୍ଣ୍ଣ ବିଭାଗ କିନ୍ତୁ ନାହିଁ କୌଣସି କାର୍ଯ୍ୟାନୁଷ୍ଠାନ । ଏମିତିକି ଢଲାଇ କାର୍ଯ୍ୟ ଏବଂ ରଡ୍ କାର୍ଯ୍ୟ ହେଉଥିବା ବେଳେ କାହିଁକି କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ନାହାନ୍ତି ବୋଲି ପଚାରିବାରୁ , ଆଜି ଢ଼ଲାଇ କାର୍ଯ୍ୟ ହେଉନାହିଁ ବୋଲି କହି ଏଡାଇ ଯାଇଛନ୍ତି ଜଳ ସମ୍ପଦ ବିଭାଗର କେନ୍ଦ୍ରାପଡ଼ା ଯନ୍ତ୍ରୀ ।ଅଧିକ୍ଷଣ ଯନ୍ତ୍ରୀ ଙ୍କୁ ଯୋଗା ଯୋଗ କରିବାକୁ ଚେଷ୍ଟା କରିଥିଲେ । ମଧ ଯୋଗା ଯୋଗ ହୋଇ ପାରିନାହିଁ । ଏ ନେଇ ବିଭାଗୀୟ ତଦନ୍ତ ସହ କାର୍ଯ୍ୟରେ ଅନିୟମିତତା ଥିଲେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଅନେକ ବୁଦ୍ଧିଜୀବି ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ